CMYK


- Vol.- 46, Issue No. 74
- Sunday,14 June 2026
- ରବିବାର,୧୪ ଜୁନ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଆସାମର ଜୋରହାଟ ଏୟାରବେସରେ ଦୁଇଫାଳ ବିମାନ

# ୫ ବାୟୁସେନା କର୍ମଚାରୀ ସହିଦ

ଜୋରହାଟ (ଆସାମ),୧୩।୬: ଆସାମର ଜୋରହାଟସ୍ଥିତ ରୋଉରିଆ ଏୟାରବେସ ଷ୍ଟେସନରେ ଏକ ଭାରତୀୟ ବାୟୁସେନା ଏଏନ୍-୩୨ ପରିବହନ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଶନିବାର ସକାଳେ ବିମାନଟି ଅବତରଣ ସମୟରେ ଦୁଇଫାଳ ହୋଇଥିଲା ଏବଂ ପରେ ନିଆଁ ଲାଗିଯାଇଥିଲା।ଭାରତୀୟ ବାୟୁସେନା ଅନୁଯାୟୀ, ଏଏନ୍-୩୨ ଜୋରହାଟ ବାୟୁସେନାରେ ଅବତରଣ କରିବାକୁ ଚେଷ୍ଟା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଯେଉଁଥିରେ ପାଞ୍ଚ ଜଣ ବାୟୁସେନା କର୍ମଚାରୀ ସହିଦ ହୋଇଛନ୍ତି। ସହିଦମାନେ ହେଲେ ସ୍କ୍ୱାଡ୍ରନ୍ ଲିଆଡର ପ୍ରଶାନ୍ତ ସିଂହ, ଫ୍ଲାଏଟ ଲେଫ୍ଟନାଣ୍ଟ ଶୁଭମ କୁମାର, ସର୍ଜେଣ୍ଟ ଜିତେନ୍ଦ୍ର ଶର୍ମା, ଅଗ୍ନିବୀର ଭାୟୁ ଖେମାରାମ କୁମାୱତ ଏବଂ ଅଗ୍ନିବୀର ଭାୟୁ ଦାନିଶ୍ ଆଲାମ। କର୍ତ୍ତବ୍ୟ ପାଳନ ସମୟରେ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି ସେମାନେ। ଭାରତୀୟ ବାୟୁସେନା (ଆଇଏଏଫ) ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛି ଏବଂ ଏହି ଦୁଃଖର ମୁହୂର୍ତ୍ତରେ ସେମାନଙ୍କ ସହିତ ଦୃଢ଼ ଭାବେ ଠିଆ ହୋଇଛି, ବୋଲି ଭାରତୀୟ ବାୟୁସେନା ପକ୍ଷରୁ ଏକ୍ସରେ ଏକ ପୋଷ୍ଟ ମାଧ୍ୟମରେ ସୂଚନା ଦିଆଯାଇଛି । ଭାରତୀୟ ବାୟୁସେନାର ସୂଚନା ଅନୁଯାୟୀ, ଏଏନ-୩୨ ଜୋରହାଟ ବାୟୁସେନା ଷ୍ଟେସନରେ ଅବତରଣ କରିବାକୁ ଚେଷ୍ଟା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସହ-ପାଇଲଟ ବଞ୍ଚିଯାଇଛନ୍ତି ଏବଂ ତାଙ୍କର ଚିକିତ୍ସା ଚାଲିଛି। ଦୁର୍ଘଟଣାର କାରଣ ନିର୍ଣ୍ଣୟ କରିବା ପାଇଁ ଭାରତୀୟ ବାୟୁସେନା କୋର୍ଟ ଅଫ୍ ଇନକ୍ୱାରୀ ନିର୍ଦ୍ଦେଶ ଦେଇଛି । ଦୁର୍ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ବିମାନଟି ସାମରିକ ସାମଗ୍ରୀ ଏବଂ ଲଜିଷ୍ଟିକ୍ସ ପରିବହନ ପାଇଁ ବ୍ୟବହାର ହେଉଥିଲା ।





## ଧୀରଜ ସେଠ୍ ନୂତନ ସେନା ମୁଖ୍ୟ

### ଜୁନ ୩୦ରେ ନେବେ ଦାୟିତ୍ୱ



ନୂଆଦିଲ୍ଲୀ,୧୩।୬: ଭାରତୀୟ ସ୍ଥଳ ସେନାର ନୂତନ ସେନା ମୁଖ୍ୟ ଭାବରେ ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ୍ ନିଯୁକ୍ତି ପାଇଛନ୍ତି । ଶନିବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟ ଦ୍ୱାରା ନିଯୁକ୍ତିପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ୍ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସ୍ଥାନ ଗ୍ରହଣ କରିବେ । ଆସନ୍ତା ଜୁନ୍ ୩୦ ତାରିଖରେ ଏହି ପଦ ଅଳଙ୍କୃତ କରିବେ । ସେ ୩୧ ଅଗଷ୍ଟ ୨୦୨୮ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ । ଧୀରଜ ସେଠ୍ ବର୍ତ୍ତମାନ ସେନା ଉପମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି । ଗତ ଏପ୍ରିଲ ମାସରେ ତାଙ୍କର ପଦୋନ୍ନତି ହୋଇଥିଲା । ଧୀରଜ ସେଠଙ୍କର ପ୍ରତିରକ୍ଷା କ୍ଷେତ୍ରରେ ଦୀର୍ଘ ୪୦ ବର୍ଷର ଅଭିଜ୍ଞତା ରହିଛି । ସେ ଖଡ଼କ୍ୱାସ୍ଲା ନାସନାଲ୍ ଡିଫେନସ୍ ଏକାଡେମୀର ଛାତ୍ର ଅଟନ୍ତି। ୧୯୮୬ ମସିହାରେ ସେ ସେନାରେ ଯୋଗ ଦେଇଥିଲେ । ପ୍ରାୟ ଚାରି ଦଶନ୍ଧିର କ୍ୟାରିୟରରେ, ଲେଫ୍ଟନାଣ୍ଟ ଜେନେରାଲ ପରିଚାଳନାଗତ, ରଣନୈତିକ, ଦକ୍ଷତା ବିକାଶ ଏବଂ ସାଂଗଠନିକ କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି ।

## ଜୁଲାଇ ୧୩ରୁ ୧୫ ସ୍ପେଶାଲ ଓଜେଇଇ-୨୦୨୬

ଭୁବନେଶ୍ୱର,୧୩।୬: ଓଜେଇଇ ଆଶାୟୀଙ୍କ ପାଇଁ ଖୁସି ଖବର। ରାଜ୍ୟର ବିଭିନ୍ନ ବୃତ୍ତିଗତ ପାଠ୍ୟକ୍ରମରେ ଖାଲି ଥିବା ସିଟ୍ ପୂରଣ ପାଇଁ ଓଜେଇଇ କମିଟି ସ୍ପେଶାଲ ଓଜେଇଇ-୨୦୨୬ ଆୟୋଜନ କରିବାକୁ ଘୋଷଣା କରିଛି।ଏହି ପ୍ରବେଶିକା ପରୀକ୍ଷା ଆସନ୍ତା ଜୁଲାଇ ୧୩ରୁ ୧୫ ମଧ୍ୟରେ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ମାଧ୍ୟମରେ ଅନୁଷ୍ଠିତ ହେବ। ବିଟେକ୍,ଲାଟେରାଲ ଏଣ୍ଟ୍ରି ଇଂଜିନିୟରିଂ, ବି ଫାର୍ମା, ବ୍ୟାସିକ ବିଏସସି, ନର୍ସିଂ, ଏମବିଏ, ଏମସିଏ ଓ ଏମଏସସି କଂପୁଟର ସାଇନସ୍ ଭଳି ଭଳି କୋର୍ସରେ ନାମଲେଖା ପାଇଁ ଏହି ପରୀକ୍ଷା ହେବ।

## ଏଲନିନୋ ନେଇ ଚାଷୀକୁଳ ବିଚଳିତ ହୁଅନ୍ତୁ ନାହିଁ: ସୁରେଶ ପୂଜାରୀ

ଭୁବନେଶ୍ୱର, ୧୩।୬(ନିପ୍ର)- ଏଲନିନୋକୁ ଦୃଷ୍ଟିରେ ରଖି ରାଜ୍ୟର ଚାଷୀଙ୍କୁ ଆଶ୍ୱାସନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଏଲନିନୋକୁ ନେଇ ଚାଷୀକୁଳ ବିଚଳିତ ନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି କମ୍ ବର୍ଷା ହେଲେ ରାଜ୍ୟ ସରକାରଙ୍କ ବିକଳ୍ପ ଯୋଜନା ପ୍ରସ୍ତୁତ ଅଛି। ପୂର୍ବାନୁମାନ କହୁଛି ଓଡ଼ିଶାରେ ବେଶି ସମସ୍ୟା ହେବ ନାହିଁ। ଆବଶ୍ୟକ ହେଉଥିବା ୧୪୫୨ ସେଣ୍ଟିମିଟର ବର୍ଷାରୁ କମ୍ ହେବ ନାହିଁ। ଯଦି ବର୍ଷା କମ୍ ହୁଏ ଜଳସେଚନର ପ୍ରକଳ୍ପଗୁଡିକୁ ପ୍ରସ୍ତୁତ କରାଯିବ।

### ଆସାମ ସରକାରଙ୍କ ବଡ଼ ନିଷ୍ପତ୍ତି

## ଅନୁପ୍ରବେଶ ଉପରେ ଏଣିକି ରୋକ୍

- ନୂତନ ଆଧାର ପଂଜୀକରଣ ରଦ୍ଦ
- ଏସ୍‌ସି,ଏସଟି, ଚା' ବଗିଚା ଶ୍ରମିକ କରିପାରିବେ ଆବେଦନ

ନୂଆଦିଲ୍ଲୀ,୧୩।୬: ଅବୈଧ ଅନୁପ୍ରବେଶ ରୋକିବାକୁ ଆସାମ ସରକାର ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନୂତନ ଆଧାର ପଂଜୀକରଣ ଉପରେ ରହିତାଦେଶ ଜାରି କରାଯାଇଛି । ଅନୁପ୍ରବେଶ ରୋକିବାକୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ବିଶ୍ୱ ଶର୍ମା କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସୂଚନା ଦେଇଛନ୍ତି ଯେ ଆସାମ କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ ଆଉ ନୂତନ ଆଧାର ପଂଜୀକରଣ ହେବ ନାହିଁ । ଏହି ନିୟମ କେବଳ ୧୮ ବର୍ଷରୁ ଉର୍ଦ୍ଧ୍ୱ ନାଗରିକଙ୍କ ପାଇଁ ଲାଗୁ ହୋଇଛି । ୧୮ ବର୍ଷରୁ କମ୍ ପିଲାମାନେ ନୂତନ ଆଧାର ପଂଜୀକରଣ ପାଇଁ ଆବେଦନ କରିପାରିବେ । ସେହିପରି ମାର୍ଚ୍ଚ ୨୦୨୭ ସୁଦ୍ଧା ସମସ୍ତ ଅନୁସୂଚିତ ଜାତି, ଜନଜାତି ଏବଂ ଚା ବଗିଚାର ଲୋକେ ଆଧାର କାର୍ଡ ପାଇପାରିବେ। ବିଶେଷ କ୍ଷେତ୍ରରେ ଜିଲ୍ଲା ଆୟୋଗ ରାଜ୍ୟ ସରକାରଙ୍କଠାରୁ ଅନୁମତି ପାଇଁ ଆବେଦନ କରିପାରିବେ । ପରେ ଉକ୍ତ ବ୍ୟକ୍ତି ନୂତନ କାର୍ଡ ପାଇଁ ଯୋଗ୍ୟ କି ନୁହେଁ ତାହା ସରକାର ନିଷ୍ପତ୍ତି ନେବେ ।



### 'ଓଡ଼ିଶା ସହରାଞ୍ଚଳ ଭଡ଼ା ନିୟନ୍ତ୍ରଣ ଅଧିନିୟମ, ୨୦୨୬'ର ଚିଠା ପ୍ରକାଶ

## ଏଣିକି ଲିଖିତ ଚୁକ୍ତିରେ ଘରଭଡ଼ା

ଭୁବନେଶ୍ୱର,୧୩।୬: ଘର ଭଡ଼ା ବ୍ୟବସ୍ଥାରେ ବଡ଼ ସଂସ୍କାର ଅଣାଯାଉଛି। ୫୯ ବର୍ଷର ପୁରୁଣା ଆଇନ ବଦଳି ନୂଆ ଆଇନ୍ ଆସୁଛି। ରାଜ୍ୟରେ ଘର ଭଡ଼ା ବ୍ୟବସ୍ଥାକୁ ଆଧୁନିକ ଓ ସ୍ୱଚ୍ଛ କରିବା ଲକ୍ଷ୍ୟରେ ରାଜ୍ୟ ସରକାର 'ଓଡ଼ିଶା ସହରାଞ୍ଚଳ ଭଡ଼ା ନିୟନ୍ତ୍ରଣ ଅଧିନିୟମ, ୨୦୨୬'ର ଚିଠା ପ୍ରକାଶ କରିଛନ୍ତି। କେନ୍ଦ୍ରର ମଡେଲ ଟେନାନ୍ସି ଆକ୍ଟକୁ ଆଧାର କରି ପ୍ରସ୍ତୁତ ଏହି ଚିଠା ଆଇନରେ ଘରମାଲିକ ଓ ଭଡ଼ାଟିଆଙ୍କ ଅଧିକାର, ଦାୟିତ୍ୱ ଓ ବିବାଦ ସମାଧାନ ପାଇଁ ବ୍ୟାପକ ବ୍ୟବସ୍ଥା ରହିଛି। ଘରମାଲିକ-ଭଡ଼ାଟିଆ ବିବାଦର ଶୀଘ୍ର ସମାଧାନ ହେବ। ଏଥିପାଇଁ ଗଠନ ହେବ ସ୍ୱତନ୍ତ୍ର ନ୍ୟାୟାଳୟ। ମୌଖିକ ନୁହେଁ, ଲିଖିତ ଚୁକ୍ତିରେ ହେବ ଘର ଭଡ଼ା।ଏଣିକି ମୌଖିକ ଚୁକ୍ତିରେ ଘର ଭଡ଼ା ଦେବା କିମ୍ବା ନେବା ସମ୍ଭବ ହେବ ନାହିଁ। ଘରମାଲିକ ଓ ଭଡ଼ାଟିଆଙ୍କ ମଧ୍ୟରେ ଲିଖିତ ଚୁକ୍ତିନାମା ସ୍ୱାକ୍ଷର ହେବା ପରେ ତାହାକୁ ଦୁଇ ମାସ ମଧ୍ୟରେ ଭଡ଼ା ପ୍ରାଧିକରଣ ଓ ସ୍ଥାନୀୟ ଥାନାରେ ପଞ୍ଜୀକରଣ କରିବାକୁ ପଡ଼ିବ। ସରକାର ଏକ ଅନଲାଇନ୍ ପୋର୍ଟାଲ୍ ଖୋଲିବେ, ଯେଉଁଠାରେ ସମସ୍ତ ଭଡ଼ା ଚୁକ୍ତି ପଞ୍ଜୀକୃତ ହେବ। ପ୍ରତ୍ୟେକ ଚୁକ୍ତିକୁ ଏକ ୟୁନିକ୍ ଆଇଡି ନମ୍ବର ମିଳିବ। ଏହା ଦ୍ୱାରା ଭଡ଼ା ସମ୍ପର୍କିତ ବିବାଦରେ ତଥ୍ୟ ଯାଞ୍ଚ ସହଜ ହେବ।ଆଇନରେ ଉଭୟ ପକ୍ଷର ଅଧିକାର ଓ ଦାୟିତ୍ୱ ସ୍ପଷ୍ଟ କରାଯାଇଛି। ଘରମାଲିକ ଭଡ଼ା ଆଦାୟ କରିବାର ଅଧିକାର ପାଇବେ, ସେହିପରି ଭଡ଼ାଟିଆ ମଧ୍ୟ ଚୁକ୍ତି ଅନୁଯାୟୀ ଘର ବ୍ୟବହାର କରିବାର ଅଧିକାର ପାଇବେ। ଘରଭଡ଼ା ଘରମାଲିକ ଓ ଭଡ଼ାଟିଆଙ୍କ ମଧ୍ୟରେ ପାରସ୍ପରିକ ସହମତିରେ ସ୍ଥିର ହେବ। ଭଡ଼ା ନିର୍ଦ୍ଧାରଣ ପାଇଁ ସରକାର କୌଣସି ସୀମା ଧାର୍ଯ୍ୟ କରିବେ ନାହିଁ।ଚୁକ୍ତିରେ ଉଲ୍ଲେଖ ଥିଲେ ଘରମାଲିକ ଭଡ଼ା ବଢ଼ାଇପାରିବେ। ଘରର ଉନ୍ନତିକରଣ, ନୂଆ ନିର୍ମାଣ କିମ୍ବା ଗଠନମୂଳକ ପରିବର୍ତ୍ତନ ପରେ ମଧ୍ୟ ଭଡ଼ା ବୃଦ୍ଧିର ବ୍ୟବସ୍ଥା ରହିଛି।

**ଘରମାଲିକ-ଭଡ଼ାଟିଆ ବିବାଦର ସମାଧାନ ଲାଗି ହେବ ସ୍ୱତନ୍ତ୍ର ନ୍ୟାୟାଳୟ**

**ସମସ୍ତ ଭଡ଼ା ଚୁକ୍ତି ହେବ ପଞ୍ଜୀକୃତ**

### ଜାତିଗତ ବାସନ୍ଦର କଳଙ୍କ

## ମୃତଦେହକୁ ଛୁଇଁଲେ ନାହିଁ ଗ୍ରାମବାସୀ

ଝାରସୁଗୁଡ଼ା, ୧୩।୬(ନିପ୍ର): ଜାତିଗତ ବାସନ୍ଦ ଭଳି କୁସାମାଜିକ ପ୍ରଥା ଏବେ ମଧ୍ୟ ରହିଛି। ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକର ଝିର୍ଲାପାଲି ଗ୍ରାମରେ ସଦ୍ୟ ଘଟିଥିବା ଏକ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ । ଗ୍ରାମର ସଞ୍ଜିତ ରାଉତ (୪୦) ଚିକିତ୍ସାଧୀନ ଅବସ୍ଥାରେ ଝାରସୁଗୁଡ଼ା ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ପାରିବାରିକ ସମସ୍ୟା କାରଣରୁ ତାଙ୍କ ସ୍ତ୍ରୀ ବାପଘରେ ରହୁଥିବାବେଳେ ସଞ୍ଜିତ ନିଜ ବୃଦ୍ଧା ମା' ଓ ୧୧ ବର୍ଷର ପୁଅ ସହ ଗ୍ରାମରେ ବସବାସ କରୁଥିଲେ। ମୃତ୍ୟୁ ପରେ ତାଙ୍କ ଶବକୁ ଗ୍ରାମକୁ ଅଣାଯାଇଥିଲା। କିନ୍ତୁ ପରିବାର କୌଣସି କାରଣରୁ ଜାତି ସମାଜରୁ ବାସନ୍ଦ ହୋଇଥିବାରୁ ଶବ ସତ୍କାର ପାଇଁ କେହି ଆଗେଇ ଆସିନଥିଲେ। ମୃତଦେହ ଘରେ ପଡ଼ି ରହିଥିଲେ ମଧ୍ୟ ଜାତିଗତ ସଂକୀର୍ଣ୍ଣ ମାନସିକତା ଯୋଗୁଁ କେହି ତାହାକୁ ସ୍ପର୍ଶ କରିନଥିଲେ। ଏପରି ଅମାନବିକ ପରିସ୍ଥିତିରେ ସ୍ଥାନୀୟ ସରପଞ୍ଚ ତିଳୋତ୍ତମା ଛତ୍ରିଆଙ୍କ ସ୍ୱାମୀ ତଥା ସମାଜସେବୀ ଭାଗିରଥି ଛତ୍ରିଆ ମାନବିକତାର ପରିଚୟ ଦେଇ ଆଗକୁ ଆସି ଶେଷକୃତ୍ୟ କରିଥିଲେ।

# ଗୋ ଚାଲାଣକାରୀଙ୍କ ନିଦ ହଜିଲାଣି, ୫ ଅଟକ

- ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକର ୧୯ ସ୍ଥାନରେ ଚଢ଼ାଉ
- ରୁପା ଅଳଙ୍କାର, ପାସପୋର୍ଟ, ନଗଦ ଟଙ୍କା ଏବଂ ଗାଡ଼ି ଜବତ





ବାଲେଶ୍ୱର/ ରାଇରଙ୍ଗପୁର ,୧୩।୬: ଗୋ-ଚାଲାଣରେ ଜଡ଼ିତ ଗୋ-ମାଫିଆମାନଙ୍କ ବିରୋଧରେ ପୋଲିସ ଟିମ୍ ଶନିବାର ମୟୂରଭଞ୍ଜ, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାରେ ଏକକାଳୀନ ଚଢ଼ାଉ କରିଛି । ପୂର୍ବାଞ୍ଚଳ ରେଞ୍ଜର ଏହି ତିନିଟି ଜିଲ୍ଲାର ମୋଟ ୧୯ଟି ସ୍ଥାନରେ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର କହିଛନ୍ତି ଯେ, ବେଆଇନ ଗୋ ଚାଲାଣ ଘଟଣାରେ ଆଜି ତିନିଟି ଜିଲ୍ଲାର ସମୁଦାୟ ୧୯ଟି ସ୍ଥାନରେ ଚଢ଼ାଉ କରାଯାଇଛି । ଏସପିଙ୍କ ନେତୃତ୍ୱରେ ଆଜି ଚଢ଼ାଉ କରାଯାଇଥିବା ବେଳେ, ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ସାମଗ୍ରୀ ଜବତ ହୋଇଛି। ଏହାସହ ଗୋ ଚାଲାଣରେ ନିୟୋଜିତ ୨୦ଟି ଚାରି ଚକିଆ ଯାନ ଜବତ ହୋଇଛି । ଚଢ଼ାଉ ସମୟରେ ୧ କେଜିରୁ ଉର୍ଦ୍ଧ୍ୱ ରୁପା ଅଳଙ୍କାର, ନଗଦ ୫୮ ହଜାର ଟଙ୍କା, ୧୯ ଟି ପାସପୋର୍ଟ ଏବଂ ଏଟିଏମ କାର୍ଡ ଜବତ କରାଯାଇଛି । ଏହି ମାମଲାରେ ୫ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ, ଆଉ କିଛି ଲୋକ ଫେରାର ହୋଇ ଯାଇଥିବା କହିଛନ୍ତି ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ।ମୟୂରଭଞ୍ଜ ପୋଲିସ ପକ୍ଷରୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା, ଝାରପୋଖରିଆ ଥାନା ଓ ବୈଶିଙ୍ଗା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇଛି ।ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କେନ୍ଦ୍ରେଇ ଗ୍ରାମରେ ଚଢ଼ାଉ କରିଛି ପୋଲିସ । କେନ୍ଦ୍ରେଇ ଗ୍ରାମର ଏସକେ ଟକରା ଓ ଏସକେ ତବରେଜଙ୍କ ଘରେ ପୋଲିସ ଅତର୍କିତ ଚଢ଼ଉ କରି ତିନିଟି କାର୍ ଜବତ କରିଛି । ନଗଦ ଟଙ୍କା ସହ ୪୨୨ ଗ୍ରାମ ରୁପା ଓ ୨୬ ଗ୍ରାମ ସୁନା ଅଳଙ୍କାର ଜବତ କରାଯିବା ସହ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି । ମୟୂରଭଞ୍ଜ ଜିଲ୍ଲା ପୋଲିସ ଦ୍ୱାରା ଝାରପୋଖରିଆ ଥାନା ଅଞ୍ଚଳର ଦୁଇଟି ଜାଗାରେ ଗୋ ମାଫିଆ ଏବଂ ଗଞ୍ଜେଇ ମାଫିଆଙ୍କ ଘରେ ଆଜି ଚଢାଉ କରାଯାଇଛି । ମୟୂରଭଞ୍ଜ ପୋଲିସର ସ୍ୱତନ୍ତ୍ର ଟିମ୍ ରେଡ୍ କରିଥିବା ସୂଚନା ମିଳିଛି । ଶନିବାର ସକାଳୁ ଝାରପୋଖରିଆ ଥାନା ଅଧୀନ ଝାରପୋଖରିଆ ଅଞ୍ଚଳର ଉତ୍ତମ କୁମାର ଦଣ୍ଡପାଟ ଏବଂ ଶୀର୍ଷା ଅଞ୍ଚଳର ଅର୍ଜୁନ ପଟ୍ଟନାୟକଙ୍କ ଘରେ ଚଢ଼ଉ କରାଯାଇଛି । ବାଲେଶ୍ୱର-ମୟୂରଭଞ୍ଜ ସୀମାବର୍ତ୍ତୀ ଅଞ୍ଚଳର ଗୋତସ୍କରୀରେ ଲିପ୍ତ ୨ ମାଫିଆ ଓ ତାଙ୍କ ସମ୍ପର୍କୀୟଙ୍କ ଘରେ ମୟୂରଭଞ୍ଜ ପୋଲିସର ଚଢ଼ାଉ ଚାଲିଛି । ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ପଞ୍ଚାୟତ ଗୋବିନ୍ଦରାୟପୁର ଗ୍ରାମର ଆସିକୁର ରେହମାନ ଓ ତାଳପଦା ଗ୍ରାମର ମଲ୍ଲିକ ଉସ୍ତାରଙ୍କ ଘରେ ଚଢାଉ କରାଯାଇଛି । ବାଲେଶ୍ୱର ସହର ସମେତ ବିଭିନ୍ନ ସ୍ଥାନରେ ମାରାଥନ ଚଢ଼ାଉ କରିଛି ପୋଲିସ । ରେମୁଣା ଜଙ୍ଘରାଇ, ବାଲିଆପାଳ, ଜଳେଶ୍ୱର, ବସ୍ତା, ଭୋଗରାଇ, କମର୍ଦ୍ଦା ସମେତ ୭ ଜାଗାରେ ୧୦ଟି ଘରେ ଚଢ଼ାଉ କରାଯାଇଛି । ବେଆଇନ ଗୋ-ଚାଲାଣରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ଘରେ ଚଢ଼ାଉ ସମୟରେ ମାରଣାସ୍ତ୍ର ଓ ବାଇକ ଜବତ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି ପୋଲିସ ଟିମ୍ ।


15001/67/2627



ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପ୍ରତୀକ ରଜ ପର୍ବ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଓଡ଼ିଆ ସଂସ୍କୃତିର ଏହି ମହାନ ପର୍ବ ଆମ ମାଟି ମା'ର ମହତ୍ତ୍ୱ, ମାତୃଶକ୍ତିର ସମ୍ମାନ ଏବଂ କୃଷିଭିତ୍ତିକ ସଭ୍ୟତାକୁ ପିଢି ପରେ ପିଢି ସମୃଦ୍ଧ କରିଆସିଛି ।

ଆସନ୍ତୁ, ଆମର ଏହି ଗୌରବମୟ ସଂସ୍କୃତିକୁ ବଜାୟ ରଖି ଘରେ ଘରେ ଆନନ୍ଦ ଉଲ୍ଲାସର ସହ ରଜ ପର୍ବ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0067


CMYK



# ରଜ ପର୍ବ



ରଜ ଓଡ଼ିଶାର ଏକ ପାରମ୍ପରିକ ଗଣପର୍ବ । ଏହା ତିନିଦିନ ଧରି ପାଳନ କରାଯାଇଥାଏ । ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ଓ ଏହା ପରେ ବର୍ଷା ଋତୁ ଆରମ୍ଭ ହୁଏ । ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ । ଏହା ଚାଷର ଆରମ୍ଭକୁ ସୂଚାଇଥାଏ । ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ । ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି । ରଜରେ ପୋଡ଼ ପିଠା ଓ ପାନ ଖିଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚି ଖେଳ ସହ ପୁଅମାନଙ୍କ ଲୁଡୁ, ତାସ, ବାଗୁଡ଼ି ଆଦି ଖେଳି ଏହି ଦିବସଟି ପାଳନ କରାଯାଇଥାଏ ।



## ରଜଦୋଳି ଗୀତ:

ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ ।
ରାଣିରୁ ଛାଡ଼ିଲା ଚୋପା, ଗୋଡ଼ରେ ନାଇଛୁ ସରୁ ଅଳତା ଲୋ, ମଥାରେ ସିନ୍ଦୂର ଟୋପା ।
ଉଡ଼ିଲା ଶୁଆ ନାହାକା, ଦୋଳିଟା କାହିଁକି ଲାଗୁଛି ଏକା ଲୋ, କାହା ବିନା ଏକା ଏକା ।
ପାଚିଲା ଭଇଁଚ କୋଳି, ବେକରେ ନାଇଚି ଗଜରା ମାଳି ଲୋ, ଝୁଲାଅ ରଜର ଦୋଳି ।
ପଣସ ପାଚିଲା ବନେ, ବନ ପୋଡ଼ିଗଲେ ଦୁନିଆ ଜାଣେ ଲୋ, ମନକଥା କିଏ ଜାଣେ ।
ଶଙ୍ଖ ମଲମଲ ଗିନା, ଦରଦ ଜାଣେଲୋ ଦରଦୀ ସିନା ଲୋ, ବଣିଆ ଚିହ୍ନେଟି ସୁନା ।
ନିମ୍ବର ବୁକେ ଚନ୍ଦନ, ଦେବତା ଗଢ଼ାଇଲା ନାରୀ ଜୀବନ ଲୋ, ଦେଲା ତହିଁ ଯଉବନ ।
ଢମଣା ଛାଡ଼ିଲା କାତି, ପୁରୁଷ ସିନାଲୋ ଭ୍ରମର ଜାତି ଲୋ, ନୂଆ ଖୋଜୁଥାନ୍ତି ନିତି ।
ଚାନ୍ଦରେ କଳଙ୍କ ଚିହ୍ନ, ନବ ଯଉବନି କିଆଁ ଗୁମାନ ଲୋ, ଆସିଲେଣି ଜୀବ ଧନ ।
ପୋଖରୀ ତୁଠ ପଥର, ତତେ ଦେଖିଥିଲି ବାଲି ବନ୍ଧରେ ଲୋ, ଆଖି ଥିଲା ଏଣେ ତୋର ।
ସାହାଡ଼ା ଗଛର ଛାଇ, ସେଦିନ କଥାକି ତୋ ମନେ ନାଇଁ ଲୋ, ଏତେ ଆନମନା କାହିଁପାଇଁ ।
ଖୋସାରେ ଖୋସିଲି ଫୁଲ, କେତେ ଦେଖାଉଛୁ ନୁଖୁରା ଗେଲରେ, ଭାଙ୍ଗି ଦେବି ତୋର ଗାଲ ।
ନଈର ଶୁଖିଲା ବାଲି, କେତେ ଫୁଲି ହେଉ ପୁଚୁକିଗାଲି ଲୋ, ଦେଖାଉଛୁ କେତେ ବେଲି ।
ବାଜିଲା ତେଲିଙ୍ଗି ବାଜା, ରସିକ ଯେ ଜାଣେ ସ୍ନେହର ମଜା ରେ, ସେ ସିନା ମୋମନ ରଜା ।
ଲୁଚିଗଲା ମେଘେ ଚାନ୍ଦ, ଦୋଳି କଟକଟ କରେ ଶବଦ ଲୋ, ବହନ୍ତେ ପବନ ମନ୍ଦ ।
ଦୋଳି ହୁଏ ରଟରଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ, ଦିଶୁଥାଏ ଝଟଝଟ ।
ପରବତେ ଜଳେ ନିଆଁ, ପହଞ୍ଚାଇ ଦୋଳି ତେଣେ ନ ଚାହାଁ ଲୋ, ପୁଣି ହେବ ବାଆଁ ଡାଁ ।
ଉତୁରି ପଡ଼ିଲା ଦୁଧ, ଉଙ୍କି ମାରି ମାରି ଅନାଉ ଥାଏ ଲୋ, ନନ୍ଦର ଉଦିଆ ଚାନ୍ଦ ।
ଛତରା ବଜାର ହାଟ, ଛକି ବସିଥିବ ଚଗଲା କାହ୍ନୁଲୋ, ଛନ୍ଦରେ ମାଗିବ ଘାଟ ।
ଥୋଡ଼ମଞ୍ଜା କଲି ରାଇ, କଣ ନ କଲେ କଳା କହ୍ନାଇ ଲୋ, ମୁହଁକୁ ଯା ନ ଅନାଇ ।
କରମଙ୍ଗା କଲି ରାଇ, ମଥୁରାକୁ ଗଲେ କଳା କହ୍ନାଇ ଲୋ, କଷ୍ଟ ଦେଇ ଗଲେ କାହିଁ ।
ସାଉଁଟିଲି ବିଲ ଘଷି, କିମ୍ପାଇଁ ରାଧିକା ବସିଲା ରୁଷି ଲୋ, ଫୁଲ ଶେଜ ହେଲା ବାସି ।
କଟକଟ ହୁଏ ଦୋଳି, ଭାଉଜଙ୍କ ମନ ଯାଇଛି ଜଳି ଲୋ, ଭାଇ ବିଦେଶୁ ନଇଁଲେ ବୋଲି ।
ଗରଜେ କଳା ବଉଦ, ମୋତେ ତ ବରଷ ହେଲା ଚଉଦ ଲୋ, ଗଲାଣି ପିଲା ସୁଆଦ ।
ବଇଁଶୀ ବାଜିଲା କୁଞ୍ଜେ, ବଡ଼କଥା ବଡ଼ ଲୋକଙ୍କୁ ସାଜେ ଲୋ, ଛୋଟ କଲେ ଛାଟ ବାଜେ ।
ଲାଞ୍ଜ ଟେକିଗଲା ବାଘ, ନଇଁ ଚାଲୁଥିବ ବଡ଼ଙ୍କ ଆଗେ ଲୋ, ଲାଗିବ ନାହିଁଟି ଦାଗ ।
ଛତୁ ଫୁଟେ ବରଷାରେ, ଛତରାଟା କେତେ ଛଇ ଦେଖାଉ ରେ, ଅଛି କି ତୋ ଭରଷାରେ ।
କରଡ଼ି ଖସିଲା ଆମ୍ବ, ପର କାହୁଁ ଘର ପରାଣୀ ହେବେ ରେ, ମନ ଜାଣି ଖଞ୍ଜି ଦେବ ।
ବିରାଡ଼ି ଛିଙ୍କିଲା ବଣେ, ଆଗରେ ଯାଉଛି ନାଗର ଜଣେ ଲୋ, ମୁଣ୍ଡି ଝାଡୁ ଖାଲି ପଣେ ।
ଅଦିନେ ପଣସ ସିଠା, ବଚନରେ ଯାର ନଥଏ ମିଠା ଲୋ, ସେଟା ବାଡ଼ ପକା କଣ୍ଟା ।
ପାହାନ୍ତି ରାବିଲେ ପେଚା, ଯିଏ ହୋଇଥିବ ସିଂହର ବଚା ଲୋ, ନ ଦେବ ପଛଘୁଞ୍ଚା ।
ମଇଁଷି ଶିଙ୍ଗରେ ଖସା, ମଉସା ପୁଆଟା ଏଡ଼େ ସହସା ଲୋ, ମତେ କଲା ଲୋକହସା ।
ଜାରା ମାରିଦେଲା ବାଣ ଯାହାଠାରେ ଯାର ମିଶିଛି ମନ ଲୋ, ସେହି ଜାଣେ ତାର ଗୁଣ ।
କାଟି ଗଲି କଳାଦୁବ, ଝିଅ ଜନମରେ ଏତିକି ଲାଭ ଲୋ, ବନ୍ଧୁ ଘର ଅରଜିବ ।
କାଳୀଗାଇ ଧୁଧ କ୍ଷୀରି, ନୂଆ ପୀରତିରେ ମଉଜ ଭାରି ଗୋ, ପୁରୁଣାଟି ନିମ୍ବ ପରି ।
ଆମ୍ବ ପତ୍ର ଗହଳିଆ, ପ୍ରୀତି ପଙ୍କେ ତୁହି ହେବୁ ଗୋଳିଆଲୋ, ତୋଫା ହେବଟି ଧୂଳିଆ ।
ଥିରି ଥିରି ଚାଲେ ହାତୀ, ଥୟ ନ ହେଉଛି କିମ୍ପା ଏ ଛାତି ଲୋ, ଥକା ଦୋଳି ହେଲା ରାତି ।



### ବିଶେଷତ୍ୱ:

ଆଷାଢ ମାସ ଚତୁର୍ମାସ୍ୟା ବ୍ରତର ପ୍ରଥମ ମାସ । ଏ ଚାରି ମାସ ମୁନି ଋଷି ଓ ସାଧବମାନେ ସେମାନଙ୍କ ପରିଭ୍ରମଣ ତ୍ୟାଗ କରି ଏକସ୍ଥାନରେ ନିବିଷ୍ଟ ହୋଇ ସାଧନା କରିଥା'ନ୍ତି । ଏହି ମାସକୁ ଦାମ୍ପତ୍ୟ ଜୀବନର ସର୍ବଶ୍ରେଷ୍ଠ ସମ୍ଭୋଗର ମାସ ବୋଲି ଗ୍ରହଣ କରାଯାଏ । ବିରହ, ବିଧୂର ଯକ୍ଷର ପ୍ରିୟା ଉଦ୍ଦେଶ୍ୟରେ ମେଘ ମାଧ୍ୟମରେ ପ୍ରେରିତ ବାର୍ତ୍ତାକୁ ନେଇ ମହାକବି କାଳିଦାସଙ୍କ ରଚିତ 'ମେଘଦୂତ' ମହାକାବ୍ୟ ଏକ ଅନବଦ୍ୟ ସାଂସ୍କୃତିକ ବୌଦ୍ଧିକ ପ୍ରତିଲିପି ଓ ଇତିକଥା । ଆଷାଢ଼ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ । ମାଟି ମା' ହୁଏ ରଜସ୍ୱଳା । କୃଷିପ୍ରଧାନ ଦେଶ ଭାବେ ଖ୍ୟାତି ଲାଭ କରିଥିବା ଆମଦେଶରେ ମାଟି ମା' ବହୁ କିସମର ଫସଲ ଫଳାଇ ଆମରି ହାତରେ ଅଜାଡ଼ି ଦିଏ । ମା'ଟିଏ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ତିନିଦିନ ବିଶ୍ରାମ ଦିଆଯାଏ ବୋଲି ବିଶ୍ୱାସ ଅଛି । ପହିଲି ରଜରେ ଆରମ୍ଭ ହୁଏ ପ୍ରସ୍ତୁତି ପର୍ବ । ତିନିଦିନ ଧରି ଧରଣୀ ମାତାକୁ ବିଶ୍ରାମ ଦିଆଯାଏ, ଯେଉଁଥିପାଇଁ ଭୂ ଖନନ ବାରଣ କରାଯାଇଥାଏ । ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ । କୁମାରୀମାନଙ୍କ ପାଇଁ ରଜପର୍ବ ହେଉଛି ତାଲିମ ପ୍ରଦାନକାରୀ ପର୍ବ । ଆଷାଢ଼ର ପହିଲି ବର୍ଷାରେ ମାଟି ମା'ର ପ୍ରଜନନ ଶକ୍ତି ଜାଗ୍ରତ ହୋଇଥାଏ, ଏହି କାରଣରୁ ଧରଣୀମାତାକୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ । ଅବିବାହିତା ଝିଅଙ୍କ ପାଇଁ ଗର୍ଭଧାରଣ କ୍ଷମତା ପ୍ରାପ୍ତିର ଏକ ସାଙ୍କେତିକ ପର୍ବ ହେଉଛି ରଜ । ଜଣେ ନାରୀଭାବେ ଆଗାମୀ ଦିନରେ କିରି କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ, ତାହା କୁମାରୀମାନଙ୍କୁ ଶିଖିବାକୁ ପଡ଼ିଥାଏ, ଏହି ରଜ ପର୍ବ ପାଳନ ଅବସରରେ । କୁମାରୀମାନେ ରଜପର୍ବର ମଉଜ ଭିତରେ ଜଣେ ନାରୀର ଚଳଣି, ଆଚାରସଂହିତାକୁ ବିଧିଭାବେ ପାଳିଥାଆନ୍ତି ଏବଂ ଭବିଷ୍ୟତରେ ଯେତେବେଳେ ଝିଅଟିଏ ନାରୀଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତ୍ତବ୍ୟ ସମ୍ପାଦନ କରେ, ଏହି ଆଚାରସଂହିତା ତାକୁ ସହାୟ ହୋଇଥାଏ । ରଜ ତିନିଦିନ ଧରି ରଜସ୍ୱଳା ନାରୀଭାବେ ଧରଣୀମାତାକୁ କଷ୍ଟ ନ ଦେଇ ଭୂମି କର୍ଷଣ ନ କରି ବିଶ୍ରାମ ଦେଲାଭଳି କଟା, ବଟା ଆଦି ଗୃହକର୍ମ ନ କରି କୁମାରୀମାନେ ବିଶ୍ରାମ କରନ୍ତି । ଧରଣୀ ମାତା ଶସ୍ୟଶ୍ୟାମଳାପୂର୍ଣ୍ଣ ହେବା ପାଇ ପ୍ରାଥମିକ ପ୍ରସ୍ତୁତି ଭାବେ ରଜ ତିନିଦିନ ବିଶ୍ରାମ ମିଳିଥାଏ ତାଙ୍କୁ । ଠିକ ସେହିପରି ଝିଅବୋହୂମାନଙ୍କ ଭବିଷ୍ୟତ ସାଂସାରିକ ଜୀବନ ସୁଖମୟ କରିବାକୁ ରଜପର୍ବର କଳ୍ପନା କରାଯାଇଛି । ରଜପର୍ବର ବିଧିବିଧାନକୁ ସେମାନେ ନିଜେ ପାଳନ କରି ଜଣେ ମାତାର କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲାଇପାରିବେ ଏବଂ ଭବିଷ୍ୟତରେ ନିଜ ଝିଅମାନଙ୍କୁ ସ୍ୱଅନୁଭୂତିରୁ ଶିଖି ସଂସାର ନିୟମ ଶିଖାଇବେ ।

### ପାଳନ:

ଏହି ପର୍ବ ପାଳନ ବେଳରେ ଘରର ଘରଣୀମାନେ ସାଧାରଣ କାମରୁ ଛୁଟି ନେଇ ନାନାଦି ଖେଳରେ ମାତନ୍ତି । ଅଭିଆଡ଼ି ଝିଅମାନେ ଶାଢ଼ୀ ଆଦି ପିନ୍ଧି ରଜ ଦୋଳି ଖେଳ, ପୁଚି ଖେଳ ଆଦିରେ ସମୟ ଅତିବାହିତ କରିଥାନ୍ତି । ଏହି ଦିନ ଧରିତ୍ରୀ ମାଆକୁ ସମ୍ମାନ ଦେଇ କେହି ଭୂଇଁ ଉପରେ ଖାଲି ପାଦରେ ଚାଲିନଥାନ୍ତି । ପତ୍ର/ଖୋଳପାରେ ତିଆରି କଠଉରେ ଭୂଇଁ ଉପରେ ଚାଲିବାର ବିଧି ରହିଛି । ଏହି ଦିନ ପୋଡ଼ ପିଠା, ଚକୁଳି ପିଠା ଆଦି ଖିଆଯାଇ ଥାଏ ।

### ଖାଲିପାଦରେ ଚାଲିବା ମନା:

ପରମ୍ପରା ଅନୁସାରେ ଏହି ଦିନ ଭୂମି ଉପରେ ଖାଲିପାଦରେ ଚାଲିବାକୁ ମନା କରାଯାଇଥାଏ । କୁମାରୀମାନେ ଖାଲି ପାଦରେ ଚାଲନ୍ତି ନାହିଁ, ଅଧିକାଂଶ ସମୟ ଦୋଳିରେ ଝୁଲନ୍ତି ଏବଂ ଗୁଆ ଖୋଳପା କିମ୍ବା ଚପଲ ପିନ୍ଧି ଚଳପ୍ରଚଳ ହୁଅନ୍ତି ।

### ବସୁମତୀ ସ୍ନାନ:

ବସୁମତୀ ସ୍ନାନ ହେଉଛି ରଜ ପର୍ବର ଅନ୍ତିମ ଦିବସ । ଏହା ବସୁଧାମାତାଙ୍କ ଶୁଦ୍ଧ ସ୍ନାନ । ଏହା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ରୂପେ ପ୍ରଖ୍ୟାତ । ବଡ଼ି ସକାଳୁ ଶିଳପୁଆରେ ହଳଦୀ କନା ଗୁଡ଼ାଇ ସିନ୍ଦୂର, କଜଳ ଦେଇ ଧରଣୀ ମାତାଙ୍କ ସ୍ୱରୂକୁ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ ଆମ୍ବଡ଼ାଳ ରଖି କ୍ଷୀର ଦେଇ ସ୍ନାନ କରାଯାଏ । ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନିଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥା'ନ୍ତି । ମାର୍ଗଶିର ଶେଷ ଗୁରୁବାରଦିନ ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏହି ଦିନ ଖୋଲାଯାଇଥାଏ । ରଜସ୍ୱଳାନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବାପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଏହି ଶୁଦ୍ଧ ସ୍ନାନ ପର୍ବ । ଏହି ଦିନ ରଜପର୍ବର ଆନନ୍ଦ ଉଲ୍ଲାସ ମଉଳି ଯାଇ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ । ଏହି ବସୁମତୀ ସ୍ନାନ ଦିବସରେ ଧରଣୀ ମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ । ବସୁମାତା ରଜସ୍ୱଳା ହୋଇ ଶୁଦ୍ଧସ୍ନାନ ପରେ ସୃଜନ କ୍ଷମତାଶୀଳା ଅର୍ଥାତ ଶସ୍ୟ ବୀଜ ଧାରଣକାରିଣୀ ହୋଇପାରିଥାନ୍ତି ।

### ରଜଗୀତ:

ରଜଗୀତ ଏହି ପର୍ବରେ ବୋଲା ଯାଉଥିବା ଜଣାଶୁଣା ଗୀତ ଯାହା ଆଗେ ଗାଆଁଗହଳିରେ ଜନ୍ମ ନେଇଥିଲା । ଲୋକ ମୁଖରେ ବୋଲାଯାଉଥିବା ଏହି ଗୀତ ପରେ ବିଭିନ୍ନ ସମୟରେ ଲିପିବଦ୍ଧ ହୋଇଥିଲା । ମୁଦ୍ରିତ ପୁରାତନ ପ୍ରକାଶନଗୁଡ଼ିକ ଭିତରୁ ମଧ୍ୟରୁ ୧୯୪୯ ମସିହାରେ ପ୍ରକାଶିତ ପହିଲି ରଜ ଓ ୧୯୫୨ ମସିହାରେ ପ୍ରକାଶିତ ମାଗୁଣୀ ମହାପାତ୍ରଙ୍କ ରେକର୍ଡ ରଜଦୋଳି ଗୀତ ଅନ୍ୟତମ ।ପୂରା ଗୀତର ପ୍ରଥମ ପଙ୍କ୍ତି ଜଣାଶୁଣା: 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ ' ।

## ରଜରେ ବିଶେଷ ଖାଦ୍ୟ:



### *ରଜ ପାନ*

ପାନ: ରଜରେ ପାନଖିଆ ଏକ ପୁରୁଣା ଓଡ଼ିଆ ପରମ୍ପରା । ପ୍ରୀତିର ବନ୍ଧନ ହେଉଛି ପାନ । ପ୍ରୀତି, ପ୍ରେମ, ବନ୍ଧୁତାର ଛ'ଲକ୍ଷଣ ଏ ଦେଶରେ ନିର୍ଦ୍ଧାରିତ କରାଯାଇଛି । ଦିଏ, ନିଏ, ଖାଏ, ଖୁଆଏ, ଗୋପନ କଥା କହେ ଓ ପଚାରେ, ଏ ଛ'ଟି ଆନ୍ତରିକତା ଓ ନିବିଡ଼ତାର କଥା । ଭୋଜନ ଶେଷରେ ତାମ୍ବୁଳ ସେବା ଏକ ପ୍ରାଣମୟ ବ୍ୟବସ୍ଥା । ଓଡ଼ିଆଙ୍କ ଠାକୁର ବଡ଼ଠାକୁର ଜଗନ୍ନାଥ ପ୍ରତିଦିନ ଭୋଜନାନ୍ତେ ତାମ୍ବୁଳ ସେବା କରି ନିଦ୍ରା ଯାଆନ୍ତି । ପାନ ହେଉଛି ମୁଖବାସ, ପରିତୋଷ । ରଜ ସହିତ ପାନ ଯୋଡ଼ିହେବା ପଛରେ କଥା ଅଛି, ଏହା ବନ୍ଧୁତାର ଡ଼ୋରିକୁ ସୁଦୃଢ କରିବ । ରଜରେ ଝିଅମାନେ ସମସ୍ତଙ୍କୁ ପାନ ଦବାନବା କରିଥାନ୍ତି । ଆୟୁର୍ବେଦ ଶାସ୍ତ୍ର ଅନୁସାରେ ପାନ ଜୀର୍ଣ୍ଣ କାରକ ଏବଂ କୃମିନାଶକ । ପାନରେ ଦିଆଯାଉଥିବା ଚୂନ ଲୌହଶକ୍ତି ପୂର୍ଣ୍ଣ (କ୍ୟାଲସିଅମ) ଓ ଖଇର ଦାନ୍ତକୁ ମଜଭୁତ କରିଥାଏ । ପାନ ଖାଇଲା ବେଳେ ପତ୍ରରୁ ଶିରା ଛେଦନ କରାଯାଇଥାଏ କାରଣ ପାନଶିରା ହେଉଛି ବୁଦ୍ଧି ବିନାଶିନୀ । ରଜପାନର ଚମକ ଓ ମହକ ସାରାବର୍ଷର ପାନକୁ ବଳିଯାଏ, ରଜ ଆଭୂଷଣକୁ ଆହୁରି ମୁଗ୍ଧକର କରିଦିଏ । ରଜପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧଣିଆ, ଚାଉଳ ଓ ନଡିଆ ଖଣ୍ଡ, ଚେରି, ଲବଙ୍ଗ, କବାବଚିନି, ଚୁଆ, ପାନ ମହୁରି, ସୁବାସିତ ଜାଫ୍ରାନ କେଶର, ଖଇର ପରି ୧୦ରୁ ୧୨ ପ୍ରକାର ମସଲା ବ୍ୟବହୃତ ହୁଏ । ଏହାକୁ ବିଭିନ୍ନ ଢଙ୍ଗରେ ତ୍ରିଭଙ୍ଗି, ଚଉଭଙ୍ଗି ଆକୃତି ଦେଇ ଉପରେ ଲବଙ୍ଗ ଖୋସି ଅତି ସୁନ୍ଦର ଭାବେ ଥାଳିରେ ସଜାଇ ଦିଆଯାଏ । ସାଧାରଣ ଦିନର ପାନଠାରୁ ରଜପାନର ସ୍ୱାଦ ସ୍ୱତନ୍ତ୍ର । ରଜ ଆସିଲେ ବଜାରରେ ମଧ୍ୟ ପାନର ଦର ବଢିଯାଏ । ଢ଼ଗରେ ଅଛି-

'ପାନଖିଆ ରସିକ ପାଟି,
ଖୋଜି ବୁଲୁଥିଲା ରାଜାଙ୍କ ହାତୀ,
ଢାଳି ଦେଇଗଲା ଶିରରେ, ରାଜା ହୋଇଗଲା ରଜରେ' ।

### ପିଠାପଣା:

ଚୁଲି ଲଗାଇ ନିୟମିତ ରୋଷେଇ କରିବା ମହିଳାଙ୍କ କାର୍ଯ୍ୟ । ଯେହେତୁ ରଜରେ ଧରଣୀମାତାଙ୍କୁ ବିଶ୍ରାମ ଦିଆଯାଏ; ତେଣୁ ରଜ ପୂର୍ବଦିନ ପହିଲି ରଜରେ ବହୁ ରକମର ପିଠାପଣା, ବିଶେଷ କରି ପୋଡ଼ ପିଠା ତିଆରି କରାଯାଇଥାଏ, ଯାହା ସହଜରେ ନଷ୍ଟ ହୁଏ ନାହିଁ ଏବଂ ଅଧିକ ଦିନ ରହିଥାଏ । ଭାତ ବଦଳରେ ଫଳମୂଳ ଓ ବିଭିନ୍ନ ପ୍ରକାର ପିଠାପଣା ଏକାଠି ଖାଇ ସମସ୍ତେ ମଜା କରିଥାନ୍ତି ।

***ଚକୁଳି ପିଠା:*** ଏହା ଏକ ଓଡ଼ିଆ ଖାଦ୍ୟ ଯାହା ଚାଉଳ ଚୂନା ଓ ବିରିରୁ ତିଆରି ବହଳିଆ ମଣ୍ଡକୁ ତାବାରେ ଭାଜି ତିଆରି କରାଯାଏ ।

***ପୋଡ଼ ପିଠା:*** ଏହା ଏକ ଓଡ଼ିଆ ଖାଦ୍ୟ ଯାହା ଚାଉଳ ଚୂନା ଓ ବିରିରୁ ତିଆରି ଆଣକୁ କଦଳୀ ପତ୍ରରେ ବାନ୍ଧି ଚୁଲିରେ ରାତି ସାରା ପୋଡ଼ି ପ୍ରସ୍ତୁତ କରାଯାଏ । ଏହି ପୋଡ଼ ପିଠାକୁ ରଜ ୩ ଦିନ ଖିଆ ଯାଏ ।

# ମା' ଚର୍ଚ୍ଚିକା ଓ ମହାପ୍ରଭୁ ଶ୍ରୀଜଗନ୍ନାଥ

ଶ୍ରୀଜଗନ୍ନାଥ ସଂସ୍କୃତିରେ ମା'ବିରଜାଙ୍କର ଭୂମିକା ସ୍ମରଣାତୀତ କାଳରୁ ରହି ଆସିଛି । ମା'ଚର୍ଚ୍ଚିକା କଟକ ଜିଲ୍ଲା ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ । ତାଙ୍କର ଉପାସନା ସଂପର୍କରେ ପୁରାଣ ଅନ୍ତର୍ଗତ ସପ୍ତସତୀ ଚଣ୍ଡୀର କବଚ ସ୍ତୋତ୍ର ୨୪ ଶ୍ଳୋକରେ, 'ନାସିକାୟାଂ ସୁଗନ୍ଧା ଚ ଉତ୍ତରୋଷ୍ଟେ ଚ ଚର୍ଚ୍ଚିକା', ବ୍ୟାସ ଦେବଙ୍କ ରଚିତ ସ୍କନ୍ଦ ପୁରାଣର ବୈଷ୍ଣବଖଣ୍ଡ ପୁରୁଷୋତ୍ତମ ମାହାତ୍ମ୍ୟରେ (୧୧ଶ ଅଧ୍ୟାୟ / ୯୧ ଶ୍ଳୋକ) ଏବଂ ଦେବୀ ଭାଗବତରେ (୧୨ ସ୍କନ୍ଦ / ୬ଷ୍ଠ ଅଧ୍ୟାୟ / ୪୬ ଶ୍ଳୋକ) ସେ ଜ୍ଞାନଦାତ୍ରୀ ଚର୍ଚ୍ଚା, ଚର୍ଚ୍ଚିତା, ଚାରୁହାସିନୀ ସପ୍ତସତୀ ଚଣ୍ଡୀପୁରାଣ ଓ ଦେବୀ ଭାଗବତ ଅନୁଯାୟୀ ମା'ଦୁର୍ଗାଙ୍କର ମାନସକନ୍ୟା ହେଲେ ମାଆ ଚର୍ଚ୍ଚିକା । ମହାକାଳ ସଂହିତା କାମ କଳା କାଳୀଖଣ୍ଡ (୧୨/୭୫-୭୬) ଶ୍ଳୋକରେ କୋରଙ୍ଗୀ ଚର୍ଚ୍ଚିକା ବିନ୍ନା ସଂଶିକା ବ୍ରହ୍ମବାଦିନୀ, ତ୍ରିକାଳବେଦିନୀ, ନୀଳଲୋହିତା ରକ୍ତ ଦନ୍ତିକା । ଅର୍ଥାତ୍ ମା' ଚର୍ଚ୍ଚିକାଙ୍କୁ କେରଙ୍ଗୀ, ଚର୍ଚ୍ଚିକା, ଛିନ୍ନମସ୍ତା, ସଂଶିକା, ବ୍ରହ୍ମବାଦିନୀ, ତ୍ରିକାଳବେଦିନୀ, ନୀଳଲୋହିତା, ରକ୍ତଦନ୍ତିକା ଭାବରେ ସ୍ତୁତି କରାଯାଇଥାଏ । ସେହିପରି କର୍ମପୁରାଣରେ ମଧ୍ୟ ଚର୍ଚ୍ଚିକାଙ୍କୁ ଦୁର୍ଗା, ନିତ୍ୟପୁଷ୍ଟା ଶାନ୍ତିବିଗ୍ରହା ପ୍ରଭୃତି ନାମରେ ଆବାହନ କରାଯାଇଥାଏ । 'ସତକ୍ରିୟା ଗିରିଜା ଶୁଦ୍ଧା ନିତ୍ୟ ପୁଷ୍ଟା ନିରନ୍ତରା । ଦୁର୍ଗା କାତ୍ୟାୟନୀ ଚଣ୍ଡୀ ଚର୍ଚ୍ଚିକା ଶାନ୍ତି ବିଗ୍ରହା ।'





ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ଓ ଶକ୍ତିପୀଠ ଚର୍ଚ୍ଚିକାର ସମ୍ପର୍କ ଅତି ପ୍ରାଚୀନ ଓ ଭାବଗତ । ଗବେଷକ କାଞ୍ଛି ନାରାୟଣ ମହାନ୍ତିଙ୍କ ତଥ୍ୟ ଅନୁଯାୟୀ ନାରଦଙ୍କ ଉପଦେଶ ଅନୁଯାୟୀ ରାଜା ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କୁ ଠାବ କରିବା ପାଇଁ ଅଧିଆ ପଡ଼ି ଏଠାରୁ ସ୍ୱପ୍ନାଦେଶ ପାଇଥିଲେ । ସେ ମଧ୍ୟ ନୀଳମାଧବଙ୍କ ସନ୍ଧାନ ପାଇଁ ଏକୋଇଶ ଦିନ ପର୍ଯ୍ୟନ୍ତ ଚର୍ଚ୍ଚିକାଙ୍କ ପୀଠରେ ଯଜ୍ଞ ଆୟୋଜନ କରିଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପୀଠରେ ଯାଗଯଜ୍ଞ ଓ ସ୍ୱପ୍ନାଦେଶ ଠାରୁ ନବକଳେବର ସମୟରେ ଚର୍ଚ୍ଚିକା ପୀଠରେ ଯଜ୍ଞ ଆୟୋଜନ ଓ ବିଶ୍ୱ ବିଖ୍ୟାତ ଶ୍ରୀଗୁଣ୍ଡିଚା ଯାତ୍ରା ଲାଗି ତ୍ରିରଥ ନିର୍ମାଣ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ନିର୍ବିଘ୍ନରେ ସମାପନ ଲାଗି ମା'ଚର୍ଚ୍ଚିକା ଦୃଷ୍ଟି ରଖିଥାନ୍ତି । ସେଥିପାଇଁ ରଥ ଖଳାରେ ସେ ଅଧିଷ୍ଠିତ । ଶ୍ରୀମନ୍ଦିରର ଭୋଗ ମଣ୍ଡପର ନିମ୍ନଭାଗରେ ମା'ଚର୍ଚ୍ଚିକାଙ୍କର ସୁନ୍ଦର କ୍ଷୁଦ୍ର ମୂର୍ତ୍ତି ରହିଛି । ପ୍ରଭୁଙ୍କ ଭୋଗ ନିବେଦନରେ ଅମୁଣିଆ ପ୍ରସାଦ ଉପରେ ଯେପରି ଆନ ଦୃଷ୍ଟି ନପଡ଼େ ସେଥିପାଇଁ ସେ ଜାଗ୍ରତ ରହିଥିବାର କୁହାଯାଇଥାଏ । ଅନେକ ହୁଏତ ଜାଣି ନଥିବେ ମହାପ୍ରଭୁଙ୍କ ରଥଯାତ୍ରାର ନିର୍ମାଣ ପାଇଁ ଯେତିକି ଖଣ୍ଡ କାଠ ଆବଶ୍ୟକ ପଡ଼ିଥାଏ ସେଥିଭିତରୁ ଖଣ୍ଡିଏ କାଠ ମା'ଚର୍ଚ୍ଚିକାଙ୍କ ନାମରେ ନାମିତ । ମା'ଚର୍ଚ୍ଚିକାଙ୍କ ଆଜ୍ଞାକୃପା ପ୍ରାପ୍ତ ତିନୋଟି ଅଙ୍ଗ ବସ୍ତ୍ର ଓ ତିନୋଟି ଆଜ୍ଞାମାଳ ଦିଆଯାଇ ରଥମାନଙ୍କରେ ଅର୍ପଣ କରାଯାଇଥାଏ । ଏହି ଉପଚାର ଶ୍ରୀଗୁଣ୍ଡିଚା ସମୟରେ ତିନିରଥ ବଡ଼ଦାଣ୍ଡର ରାଜ ନଅର ନିକଟରେ ଯେଉଁ ଛୋଟ ମନ୍ଦିରରେ ମା' ପ୍ରତିଷ୍ଠିତ ଓ ପୂଜା ପାଇଥାନ୍ତି ସେହିଠାରେ ଏହି ବିଧାନ ପାଳିତ ହୋଇଥାଏ ।

***ଅଲେଖ ଚନ୍ଦ୍ର ସାମଲ***
***ଦୂରଭାଷ : ୯୪୩୭୨୫୭୧୨୩***

## ଯୋଗ୍ୟ ହିତାଧିକାରୀଙ୍କୁ ଏବେ ମୁଣ୍ଡପିଛା ୧୦ କିଲୋଗ୍ରାମ ଚାଉଳ

ରାୟଗଡ଼,(ନିପ୍ର): ଖାଦ୍ୟ ସୁରକ୍ଷା ପଦକ୍ଷେପ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା 'ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ରାୟଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଜନାର ଜିଲ୍ଲାସ୍ତରୀୟ ଶୁଭାରମ୍ଭ କରିଥିଲେ ।

କାର୍ଯ୍ୟକ୍ରମରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବିଦ୍ୟାଧର ଶବର ଏବଂ ଉପାଧ୍ୟକ୍ଷା ମଞ୍ଜୁଳା ମିନିଆକା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ସମନ୍ୱୟ ଫଳରେ ଯୋଗ୍ୟ ହିତାଧିକାରୀମାନେ ଏବେ ମୁଣ୍ଡପିଛା ମୋଟ ୧୦ କିଲୋଗ୍ରାମ ଚାଉଳ ପାଇବେ । ଏହି ଯୋଜନା ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ସହ ଗରିବ ଓ ଦୁର୍ବଳ ବର୍ଗର ପରିବାରମାନଙ୍କ ଜୀବନଯାତ୍ରାକୁ ଅଧିକ ସୁରକ୍ଷିତ କରିବ ବୋଲି ସେ ମତ ପ୍ରକାଶ କରିଥିଲେ । ରାୟଗଡ଼ ଜିଲ୍ଲାରେ ଏହି ଯୋଜନା ଅଧୀନରେ ମୋଟ ୨,୫୬,୯୯୮ ପରିବାରର ୮,୦୦,୫୨୫ ଜଣ ସଦସ୍ୟ ଉପକୃତ ହେବେ ।



ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅନୁସାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ପ୍ରଦାନ କରାଯାଉଥିବାରୁ ଜିଲ୍ଲା ପାଇଁ ପ୍ରତିମାସ ୪୦,୦୨୬.୨୫ କ୍ୱିଣ୍ଟାଲ ଅତିରିକ୍ତ ଚାଉଳ ଆବଣ୍ଟନ କରାଯିବ । ଜିଲ୍ଲାର ମୋଟ ଜନସଂଖ୍ୟାର ପ୍ରାୟ ୮୨.୭୦ ପ୍ରତିଶତ ଲୋକ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଖାଦ୍ୟ ସୁରକ୍ଷାର ସୁବିଧା ପାଉଛନ୍ତି ।

ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ଜେନା କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଏବଂ ରାଜ୍ୟ ସରକାରଙ୍କ ୨ ବର୍ଷର ବିକାଶମୂଳକ ସଫଳତା ଉପରେ ଆଲୋକପାତ କରିଥିଲେ । ରାୟଗଡ଼ ଜିଲ୍ଲା ମାଣ୍ଡିଆ ଉତ୍ପାଦନରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପର୍ଯ୍ୟଟନ, ସଡ଼କ ଭିତ୍ତିଭୂମି, ପରିବହନ ବ୍ୟବସ୍ଥା ଓ ଜନକଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଥିବା ସେ କହିଥିଲେ । ସେହିପରି ସୋସିଆଲ ମିଡିଆର ସଦୁପଯୋଗ ଓ ଭ୍ରାନ୍ତ ତଥ୍ୟ ପ୍ରସାର ରୋକିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଉଲ୍ଲେଖ କରିଥିଲେ ।

କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ଶୁଭାରମ୍ଭ ଉତ୍ସବର ସିଧାପ୍ରସାରଣ ଦେଖାଯାଇଥିଲା । ପରେ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିବା ବେଳେ ମହିଳା ଓ ଶିଶୁ ବିକାଶ ବିଭାଗର ପୋଷଣ ଅଭିଯାନ ଅଧୀନରେ ୧୦ ଜଣ ହିତାଧିକାରୀଙ୍କୁ ମୋବାଇଲ ଫୋନ ପ୍ରଦାନ କରାଯାଇଥିଲା । ଜିଲ୍ଲାର ୧୭୭ ଜଣ କିନ୍ନର ହିତାଧିକାରୀଙ୍କ ମଧ୍ୟରୁ ୧୬୯ ଜଣଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଥିବା ଜଣାପଡ଼ିଥିଲା । କାର୍ଯ୍ୟକ୍ରମ ପରେ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ "ଗଣମାଧ୍ୟମ ଓ ମତାମତ ନିର୍ମାତା ସଂଯୋଗ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏଥିରେ ଜିଲ୍ଲାର ସାମ୍ବାଦିକ, ସୋସିଆଲ ମିଡିଆ ପ୍ରତିନିଧି ଓ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକର ବ୍ୟାପକ ପ୍ରଚାର-ପ୍ରସାର ଏବଂ ଜିଲ୍ଲାର ସାମଗ୍ରିକ ବିକାଶ ସମ୍ପର୍କରେ ମତ ବିନିମୟ କରିଥିଲେ ।

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ବିଜୁ କଲ୍ୟାଣ ମଣ୍ଡପ ଠାରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଶୁଭାରମ୍ଭ ହୋଇଯାଇଛି । ଏହି ଯୋଜନାରେ ହିତାଧିକାରୀଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଣ୍ଡପିଛା ପ୍ରତିମାସରେ ୫ କିଲୋ ଚାଉଳ ପାଉଥିବା ବେଳେ ରାଜ୍ୟ



ସରକାରଙ୍କ ପକ୍ଷରୁ ଆହୁରି ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ପ୍ରଦାନ କରାଯିବ । ସେହିପରି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ଏପ୍ରିଲ ୨୦୨୬ରୁ ମୁଣ୍ଡପିଛା ପାଇବେ ୧୦ କିଲୋ ଚାଉଳ ସମ୍ପୂର୍ଣ୍ଣ ମାଗଣା ଦିଆଯିବା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଧାୟକ ମୋହନା ଦାଶରଥି ଗମାଙ୍ଗ,ଜିଲ୍ଲାପରିଷଦ ସଭାପତି ଜି.ତିରୁପତି ରାଓ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା,କାଶୀନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ବାଲା ସାୟାମା, ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେମୀ ମଣ୍ଡଲ ,ବ୍ରହ୍ମପୁର ସାଂସଦ ପ୍ରତିନିଧି ଡି.ରାଜେଶ, ଗୁମ୍ମା ଜିଲ୍ଲାପରିଷଦ ସଭ୍ୟା ରେଣୁକା ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ । ପରେ ପରେ ଜିଲ୍ଲାର ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା କାର୍ଡ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

## ଲାଇବ୍ରେରୀ ଖୋଲିବା ପାଇଁ ସାଂସଦଙ୍କ ଅନୁମତି

ଭାପୁର,(ନିପ୍ର): ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଭାପୁର ବ୍ଲକରେ ଲାଇବ୍ରାରୀ ନ ଥିବାରୁ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ବହୁମୂଲ୍ୟ ସମୟ ଉପଯୋଗୀ ପୁସ୍ତକ ପଠନ ପାଉନାହାନ୍ତି ଫଳରେ,ଅନେକ ମେଧାବୀ ଗରିବ ଘରର ଛାତ୍ରଛାତ୍ରୀ ପ୍ରଶାସନିକ କ୍ଷେତ୍ରରେ ପ୍ରସ୍ତୁତି ହେବାରୁ ନିବୃତ ରହୁଛନ୍ତି । ଭାପୁର ବ୍ଲକରେ ଲାଇବ୍ରାରୀର ଉନ୍ନତି ପାଇଁ ଅତୀତରେ ବ୍ଲକ ଯୁବ ଏବଂ ସାମାଜିକ କଲ୍ୟାଣ କେନ୍ଦ୍ର, ଫତେଗଡ଼ର ସମ୍ପାଦକ ଡଃ ନିତୁରଞ୍ଜନ ଦାସ ରାଜ୍ୟ ସରକାରଙ୍କୁ ଅବଗତ କରିଥିଲେ ମଧ୍ୟ ଏହି ଚିଠି ବ୍ଲକରୁ ଫରୱାର୍ଡ ହୋଇ ଜିଲ୍ଲା ପ୍ଲାନିଙ୍ଗ ମନିଟରିଙ୍ଗ ୟୁନିଟରେ ସାଂସଦଙ୍କ ଅନୁମୋଦନ ପାଇଁ ପଡିରହିଥିଲା । କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଏହି ଚିଠିକୁ ଗତ ମଙ୍ଗଳବାର ଅନୁମୋଦନ କରି ୫ଲକ୍ଷ ଟଙ୍କା ପ୍ରଦାନ ପାଇଁ ଚିଠି କରିଥିବାରୁ ଭାପୁର ବ୍ଲକରେ ଏକ ଲାଇବ୍ରାରୀ ଖୋଲିବା ଆଶା ଉଦ୍‌ଜୀବିତ ହୋଇଛି ।

## ବିଶ୍ୱ ଶିଶୁ ଶ୍ରମ ବିରୋଧୀ ଦିବସ

କୁଚିଣ୍ଡା,(ନିପ୍ର): କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତର ଠାକୁରନିକ୍ତିମାଲ ଗ୍ରାମଠାରେ ରୋପ ଅନୁଷ୍ଠାନ, ବାଲସୁରକ୍ଷା ଇନିସିଏଟିବଙ୍କ ମିଳିତ ଉଦ୍ୟମରେ ବିଶ୍ୱ ଶିଶୁ ଶ୍ରମ ବିରୋଧୀ ଦିବସ ପାଳିତ ହୋଇଯାଇଛି । ଶିଶୁମାନଙ୍କ ସହିତ ଅତିଥି ଗଣ ଠାକୁର ନିକ୍ତିମାଲ ଗ୍ରାମଠାରେ ଏକ ସଚେତନତା ପଦଯାତ୍ରା କରିଥିଲେ । ଏହି ପଦଯାତ୍ରା ସମୟରେ ଶିଶୁ ମାନେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ବାସୀଙ୍କୁ ସଚେତନ କରିଥିଲେ । ଏହା ପରେ ଠାକୁରନିକ୍ତିମାଲ ଗ୍ରାମର କ୍ଲବ୍ ଘର ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ରୋପ ସଂଯୋଜକ ବିମଳ ମେହେର ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିଶୁ ଶ୍ରମିକ ନିୟୋଜନ ଓ ଏହି ପ୍ରଥାକୁ ବିରୋଧ କରି ଏକ ଶପଥ ପାଠ ମୁଖ୍ୟ ଅତିଥି କରାଇଥିଲେ । ଏହି




ଅବସରରେ ମୁଖ୍ୟ ଅତିଥି ଭାବରେ ଆଇ.ସି. ଡି.ଏସ ସୁପରଭାଇଜର ଯମୁନା ବାଘ, ସମ୍ମାନିତ ଅତିଥି ଭାବରେ ରୋପ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର,ସ୍ୱାସ୍ଥ୍ୟକର୍ମୀ ବୀନତି ସରୋଜିନୀ ବୁର, ସୌକି ବାଙ୍କରା, ଅଙ୍ଗନୱାଡ଼ି କର୍ମୀ ସଂଯୁକ୍ତା ଦେହୁରୀ ,ପୁଷ୍ପଲତା ଅମାତ, ଏମବିକେ ହୁମାସିନି ଠାକୁର, ଆଶାକର୍ମୀ ପ୍ରମିଳା କିସାନ, କୃଷିମିତ୍ର ପ୍ରେମଲତା ନିଖଣ୍ଡିଆ, ଇସି ମେମ୍ବର ସବିତା ବାଘ ପ୍ରମୁଖ ଯୋଗଦାନ କରିଥିଲେ । ଏହି ସଭାରେ ଅତିଥି ଗଣ ଶିଶୁ ଶ୍ରମ ନିରାକରଣ ଏବଂ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା, ସୁରକ୍ଷା ଓ ଉଜ୍ୱଳ ଭବିଷ୍ୟତ ଦେବା ପାଇଁ ସଚେତନତା ସୃଷ୍ଟି କରିବା ସହ ଶିଶୁଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ବିକାଶର ଧାରା ଓଡିଶା ସାରା ପ୍ରସ୍ତୁତି

କାଶୀନଗର,(ନିପ୍ର): କାଶୀନଗର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ମଧ୍ୟରେ ବିଡ଼ିଓ ଡମ୍ବୁରୁ ଧର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ନିର୍ବାଚିତ ପ୍ରତିନିଧି, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ କାନ୍ତ ସାହୁ, ବିଭାଗୀୟ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ବିଭିନ୍ନ ଜନ କଲ୍ୟାଣମୂଳକ ଯୋଜନା ଓ ଗ୍ରାମାଞ୍ଚଳ ବିକାଶ ପାଇଁ ଯେଉଁ ସବୁ ସରକାରୀ ଯୋଜନା ସବୁ ଆସିଛି ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଜନ ସଚେତନ କରିବା ପାଇଁ ଏହି ମାସ ୧୮ ତାରିଖରୁ ୨୪ ତାରିଖ ଯାଏଁ ଏହି 'ବିକାଶର ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ବ୍ଲକ ତଥା ବିଭିନ୍ନ ପଞ୍ଚାୟତ ମାନଙ୍କରେ ଆୟୋଜିତ କରିବା ପାଇଁ ନିଶ୍ଚିତ ହୋଇଛି ବୋଲି ବିଡ଼ିଓ କହିଛନ୍ତି ।

## କୁସୁମିତା ଘାଟି ଠାରୁ ବିନିଦା ରାସ୍ତା ତୁରନ୍ତ ମରାମତି ଲାଗି ଦାବି

କେନ୍ଦୁଝର,(ନିପ୍ର): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କୁସୁମିତା ଘାଟୀ ଠାରୁ ଫୁଲଝରି ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ରାସ୍ତାଟି ଏହି ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା । ଅଁରା ଏବଂ ଫୁଲଝରିରେ ଦୁଇଟି ଶିଳ୍ପ ସଂସ୍ଥା ଥିବା ସହିତ ନିକଟରେ ଗନ୍ଧମାର୍ଦ୍ଦନ ଓ ଫୁଟୁଲୁ ପାଣି ଲୌହ ଖଣି ରହିଛି । ଫଳରେ ଏହି ରାସ୍ତାଦେଇ ଦୈନିକ ବହୁ ସଂଖାରେ ଗାଡି ମଟର ଯାତାୟତ କରିଥାନ୍ତି । ମାତ୍ର ଏହି ରାସ୍ତାର ଅନେକ ସ୍ଥାନରେ ମରାମତି ଅଭାବରୁ ଖାଲ ଖମା ସୃଷ୍ଟି ହେବା ସହିତ ରାସ୍ତା ଅଣ ଅସାରିଆ ଥିବା ଯୋଗୁଁ, ଆମ୍ବୁଲାନ୍ସ, ଦମକଳ, ପୋଲିସ ପେଟ୍ରୋଲିଂ ଯାନ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଓ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ରାସ୍ତାକୁ ତୁରନ୍ତ ମରାମତି ସହିତ ଅସାରିଆ କରିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଦାବି କରିଛନ୍ତି ।



## ବେଆଇନ ମଦ ଚଢ଼ଉ



ପାରଳାଖେମୁଣ୍ଡି,(ନିପ୍ର): ଅଭିଯାନ ସମୟରେ ପାରଳାଖେମୁଣ୍ଡି ଅଞ୍ଚଳର ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ପୋଲିସ ଟିମ୍ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଦେବିତି ଅଞ୍ଚଳରେ ଏକ ଅବକାରୀ ଅପରାଧ ଧରାପଡ଼ିଥିଲା । ଅଭିଯୁକ୍ତ ନାକା ବାଳକୃଷ୍ଣ (୨୪), ପିତା ନାକା କୃଷ୍ଣ, ନିଜ ଘର ପଛ ପାର୍ଶ୍ୱରେ ୪୦ ଲିଟର ଦେଶୀ ମଦ ରଖି ବିକ୍ରି କରୁଥିବା ଅବସ୍ଥାରେ ଧରାପଡ଼ିଥିଲେ । ଅଭିଯୁକ୍ତଙ୍କ ନିକଟରୁ ୪୦ ଲିଟର ଅବୈଧ ଦେଶୀ ମଦ ଏବଂ ନଗଦ ଟଙ୍କା ଜମ୍ମ. ୬୭୦/- ବରାମତ କରି ଜବତ କରାଯାଇଅଛି । ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ପାରଳାଖେମୁଣ୍ଡି ଥାନା ମାମଲା ୨୨୩/୨୦୨୬ ରୁଜୁ ହୋଇଅଛି । ଅଭିଯୁକ୍ତ ନାକା ବାଳକୃଷ୍ଣ ପୂର୍ବରୁ ୫ ଟି ଅପରାଧିକ ମାମଲାରେ ସଂପୃକ୍ତ ଥିବାର ପୁଲିସ ରେକର୍ଡ ଅଛି ।

## ଖାଦ୍ୟ ସାମଗ୍ରୀରେ ଭେଜାଲ, ବିଭାଗୀୟ ଚଢଉ ଦାବି

ଜୟପୁର,(ହି.ସ.): ପ୍ରତ୍ୟେକ ଖାଦ୍ୟ ସାମଗ୍ରୀରେ ଭେଜାଲ ହେଉଛି । ଏଣୁ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢଉ କରାଯିବା ପାଇଁ କୋରାପୁଟ ଜିଲାବାସୀ ଦାବି କରିଛନ୍ତି । ଚାଉଳ, ଡାଲି, ତେଲ, ମସଲାରେ ବି ଭେଜାଲ ହେଉଛି । କୋରାପୁଟ ଜିଲାର ଲମତାପୁଟ, କୋଟପାଡ, ସେମିଳିଗୁଡା, କୁନ୍ଦୁରା, ବୈପାରିଗୁଡା, ଲକ୍ଷମୀପୁର କୋରାପୁଟ, ଜୟପୁରରେ ଥିବା ଗ୍ରୋସରୀ ଦୋକାନରେ ନିର୍ଦ୍ଦିଷ୍ଟ ସ୍ଥାନରୁ ନିମ୍ନ ମାନର ସାମଗ୍ରୀ ଆଣି ଖୁଲମଖୁଲ୍ଲା ବିକ୍ରି ହେଉଛି ଭେଜାଲ ଓ ନିମ୍ନମାନର ରାସନ ସାମଗ୍ରୀ । ଏହି ବିଷ ଖାଇ ଲୋକେ ରୋଗରେ ପଡୁଥିବା ବେଳେ ଦୋକାନି ବ୍ୟବସାୟୀ ମାନେ ମାଲେ ମାଲ ହେଉଛନ୍ତି । କିଛି ଅସାଧୁ ଗ୍ରୋସରୀ ଦୋକାନୀ ଅଧିକ ଲାଭ ଆଶାରେ ଭେଜାଲ ର କଳା ସାମ୍ରାଜ୍ୟ ଆପଣାଇଛନ୍ତି ଏମିତିକି, ଭଲ ଚାଉଳରେ ମିଶା ଯାଉଛି ପଥର, ନିମ୍ନମାନର ଭଙ୍ଗା ଚାଉଳ । କିଲୋ ପିଛା ୮ରୁ ୧୦ ଟଙ୍କା ଅଧିକ ଲାଭ । ଖାଇବା ପରେ ପେଟ ରୋଗ, କୀଡିନ ଓ ଷ୍ଟୋନ ସମସ୍ୟା । ଡାଲିରେ ମିଶୁଛି କେଶରୀ ଡାଲି, ଏହି ରଙ୍ଗ କ୍ୟାନସର ସୃଷ୍ଟିର କାରଣ । ସୋରିଷ ତେଲ ନିର୍ଦ୍ଦିଷ୍ଟ କମ୍ପାନୀ ନାଁରେ ଅର୍ଡର ଦେଇ ଭେଜାଲ ଆଣି ବିକୁଛନ୍ତି, ଏପରିକି ସୋରିଷ ତେଲରେ ମିଶୁଛି ପାମ ଅଏଲ ଓ ମିନେରାଲ ଅଏଲ । ରିଫାଇନରେ କେମିକାଲ । ଲିଟର ପିଛା ୩୦ ଟଙ୍କା ଲାଭ । ଯାହା କି ହୃଦରୋଗ ଓ ଷ୍ଟ୍ରୋକ ବଢୁଛି । ହଳଦୀରେ ମେଟାନିଲ ୟେଲୋ, ଧନିଆରେ ଭେଜାଲ । ଜିରାରେ ଘାସ ମଞ୍ଜି ଏମିତି ଅନେକ ମସଲାରେ ମିଶ୍ରଣ । ଏକ୍ସପାରି ମାଲ ରେ ମିଆଦ ସରିଯାଉଥିବା ବିସ୍କୁଟ, ନୁଡୁଲ୍ସ ଓ ଅଟା ଉପରେ ନୂଆ ଲେବଲ ଲଗାଇ ବିକ୍ରି । ବଜାର ହେଉ କି ଗ୍ରାମାଞ୍ଚଳରେ ତେଜରାତି ଦୋକାନୀ ଭେଜାଲ ଜିନିଷ ବିକି କୋଟିପତି ଫର୍ମୁଲା ଆପଣେଇଛନ୍ତି । ସ୍ଥାନୀୟ ଅଞ୍ଚଳବାସୀ ଦାବୀ କରିଛନ୍ତି ପ୍ରତି ବ୍ଲକ ଅଂଚଳରେ ମୋବାଇଲି ଫୁଡ ଟେଷ୍ଟିଂ ଭ୍ୟାନ ଦେଇ ଅଚାନକ ଚଢ଼ଉ କରାଯାଇ କାଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ । ଲୋକ ମାନଙ୍କ ମଧ୍ୟରେ ଖାଦ୍ୟକୁ ନେଇ ଜନ ସଚେତନତା କରାଯାଉ । ସବୁଠାରୁ ସ୍ଥାନୀୟ ଅଞ୍ଚଳ ସ୍ୱତନ୍ତ୍ର ଟିମ୍ ପରିଦର୍ଶନ କରି ବଡ଼ ତେଜରାତି ବ୍ୟବସାୟୀଙ୍କ ଉପରେ ଜିଲ୍ଲା ପ୍ରଶାସନ, ଖାଦ୍ୟ ସୁରକ୍ଷା ବିଭାଗ ଚଢଉ କରିବାକୁ ମତ ପ୍ରକାଶ ପାଇଛି ।

## ବିଏସଏଫ ତରଫରୁ ରକ୍ତଦାନ ଶିବିର

ଜୟପୁର, ,(ହି.ସ.)- ସେକ୍ଟର୍ ମୁଖ୍ୟାଳୟ ବିଏସଏଫ କୋରାପୁଟ ଅନ୍ତର୍ଜାତୀୟ ରକ୍ତଦାତା ଦିବସ ଅବସରରେ ଆଜି ୧୮୦ ବାଟାଲିୟନ, ସୀମା ସୁରକ୍ଷା ବାହିନୀର ମିଳିତ ତତ୍ତ୍ୱାବଧାନରେ, ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମାଜ ସହଯୋଗରେ କୋରାପୁଟର ସେକ୍ଟର ମୁଖ୍ୟାଳୟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ୧୮୦ ବାଟାଲିୟନ ବିଏସଏଫ ର କମାଣ୍ଡାଣ୍ଟ ଶ୍ରୀ ନାଓରେମ ଗୋପୀନାଥ ସିଂହଙ୍କ ଦ୍ୱାରା ରକ୍ତଦାନ ଶିବିରର ଉଦଘାଟନ କରାଯାଇଥିଲା । ଏହି ଅବସରରେ, ଡକ୍ଟର ଏମ. ଏସ. ବଳିଆରସିଂ ଙ୍କ ନେତୃତ୍ୱରେ, ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟର ଡାକ୍ତରୀ ଦଳ ସଫଳତାର ସହିତ ରକ୍ତଦାନ ଶିବିର ପରିଚାଳନା କରିଥିଲେ । ସୀମା ସୁରକ୍ଷା ବାହିନୀର ଅଧିକାରୀ, ଅଧସ୍ତନ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଶିବିରରେ ଅଂଶଗ୍ରହଣ କରିଥିଲେ । ମୋଟ ୯୨ ଜଣ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ ।

## ଜିଲ୍ଲା କାରାଗାରର ମାନ୍ୟତା କେବେ ପାଇବ ରାୟଗଡା ଉପକାରାଗାର

ରାୟଗଡା,(ନିପ୍ର): ରାୟଗଡା ଜିଲ୍ଲା ଗଠନକୁ ୩୪ ବର୍ଷ ପୂରିଯାଇଥିବା ବେଳେ ଉପକାରାଗାର ସ୍ଥାପନ ହୋଇ ୭୬ ବର୍ଷ । କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ ସମୟରେ ସ୍ଥାପନା ହୋଇଥିବା ଉପ -କାରାଗାର ସୁଦ୍ଧା ଜିଲ୍ଲା କାରାଗାର ମାନ୍ୟତା ପାଇପାରିଲା ନାହିଁ । ରାୟଗଡା ସ୍ଥିତ ଉପ -କାରାଗାରରେ ବିଭିନ୍ନ ଅପରାଧରେ ଜଡିତ ବିଚାରାଧୀନ କଏଦୀଙ୍କ ପାଇଁ ଏହାର କ୍ଷମତା ୧୦୧ ରହିଥିବା ବେଳେ ବର୍ତ୍ତମାନ ଉକ୍ତ ଉପ-କାରାଗାରରେ ଅନ୍ତେବାସୀଙ୍କ ସଂଖ୍ୟା(କଏଦୀଙ୍କ)ସଂଖ୍ୟା ବା ଅଣ୍ଡର ଟ୍ରାଏଲଙ୍କ ସଂଖ୍ୟା ୧୭୮ ବୋଲି ସୂତ୍ରରୁ ଜଣାପଡିଛି । ଏପରିକି ଏହି ଉପ କାରାଗାରରେ କଏଦୀଙ୍କ ସଂଖ୍ୟା ୨୦୦ ରୁ ଅଧିକ ହୋଇଯାଏ, କିନ୍ତୁ ବିଭାଗୀୟ ଅଧିକାରୀ କାର୍ଯ୍ୟରତ କର୍ମଚାରୀଙ୍କୁ ମ୍ୟାନେଜ କରିବାକୁ କୁହାଯାଇଥାଏ । କିଛି ବର୍ଷ ହେଲା ଉପ-କାରାଗାରରେ ଆଉ ୪୫ ଜଣ ବିଚାରାଧୀନ କଏଦୀ କ୍ଷମତକୁ ବୃଦ୍ଧି କରାଯାଇ ୧୪୬ କରାଯାଇଥିବା ଜେଲ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି । ରହିଥିବା କ୍ଷମତା ଠାରୁ ଅଧିକ ବିଚାରାଧୀନ କଏଦୀ ରହୁଥିବା ହେତୁ ଉପ-କାରାଗାରରେ ରହୁଥିବା କଏଦୀ ମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ଶୁଣିବାକୁ ମିଳେ । ବିଭିନ୍ନ କାରଣରୁ ବିଚାରାଧୀନ କଏଦୀ ମାନଙ୍କୁ ଅନ୍ୟ ଜିଲ୍ଲା ମାନଙ୍କୁ ସ୍ଥାନାନ୍ତର କରାଯାଉଥିବା ଦେଖିବାକୁ ମିଳିଛି ।

ରାୟଗଡା ଉପ-କାରାଗାର ବିଚାରାଧୀନ କଏଦୀ କ୍ଷମତା ଠାରୁ ଅଧିକା ରହୁଥିବାରୁ, କାଶୀପୁର ଠାରେ ୧୩ ବର୍ଷ ତଳେ ଏକ ଉପ- କାରାଗାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହୋଇସାରିଥିଲେ ମଧ୍ୟ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କାରାଗାରକୁ ସରକାର ବନ୍ଦ କରିଦେଇଛନ୍ତି । ଫଳରେ କାଶୀପୁର ବ୍ଲକର ବିଚରାଧୀନ କଏଦୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ଅସୁବିଧା ଭୋଗୁଥିବା ଅଭିଯୋଗ ହେବାରେ ଲାଗିଛି ।

## ବୃଦ୍ଧ ନିର୍ଯାତନା ନିରାକରଣ ସଚେତନତା

କାଶୀନଗର,(ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ ବୁଦୁରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ), ଗଜପତି, ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଏବଂ ବିଶ୍ୱ ବୃଦ୍ଧ ନିର୍ଯାତନା ସଚେତନତା ଦିବସ ଅବସରରେ ଏକ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକ ଗଜପତି ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏବଂ ଡିଏଲଏସଏର ସଚିବ ବିମଳ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସଚିବ, ଡିଏଲଏସଏ, ଗଜପତି; ବିମଳ ରାଉଳ, ପିପି, ଜିଲ୍ଲା ନ୍ୟାୟାଳୟ, ଗଜପତି, ରାଜେଶ କୁମାର ମିଶ୍ର, ପିଇଓ ସୁନିତା ଲିମା, ସମିତି ସଭ୍ୟ ବାବୁ ରାଓ, ନାଏବ ସରପଞ୍ଚ ହେମଲତା ମିଶାଲ, ସହକାରୀ ଶ୍ରମ ଅଧିକାରୀ କାଳୁ ରାଉତ, ଥାନା ଅଧିକାରୀ ତ୍ରିନାଥ ସେଠୀ ପ୍ରମୁଖ ଉପସ୍ଥିତ ରହି ଶିଶୁ ଶ୍ରମିକ ନିରାକରଣ ନେଇ ବିଭିନ୍ନ ଆଇନ୍ ଓ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ସଚେତନ କରିବା ସହ ଶିଶୁ ଶ୍ରମ ନିରୋଧ, ଶିଶୁଙ୍କ ଅଧିକାର, ବୃଦ୍ଧମାନଙ୍କ ସୁରକ୍ଷା ଓ ସମ୍ମାନ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ । ୧୪ ବର୍ଷରୁ କମ୍ ପିଲାଙ୍କୁ କାମରେ ଲଗାଇବା, ୧୫ ରୁ ୧୮ ବର୍ଷ କିଶୋରମାନଙ୍କୁ ବିପଦ ସଙ୍କୁଳ ବୃତ୍ତି କାର୍ଯ୍ୟରେ ନିଯୁକ୍ତ କରିବା ଘଟଣା ଦୃଷ୍ଟି ଗୋଚର ହେଲେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲ୍ଲାପାଳଙ୍କୁ ଅବଗତ କରି ପାରିବେ କିମ୍ବା ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପ ଲାଇନ୍ ନମ୍ବର ୧୫୫୩୬୮ ଏବଂ ଚାଇଲଡ଼ ଲାଇନ୍ ନମ୍ବର ୧୦୯୮ ସହିତ ଯୋଗାଯୋଗ କରିବା ପାଇଁ କହିଥିଲେ ।

## ଘୋଷଯାତ୍ରା ପାଇଁ ସମନ୍ୱୟ ସମିତି ବୈଠକ

କେନ୍ଦୁଝର,(ନିପ୍ର): ଆଗାମୀ ଘୋଷଯାତ୍ରାକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ପାଳନ କରିବା ନିମନ୍ତେ ଶ୍ରୀ ଗୋପାଳଜୀଉ ମଠ ପରିସରରେ ମଠ କର୍ମକର୍ତ୍ତାଙ୍କ ସମନ୍ୱୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଘୋଷଯାତ୍ରାର ନବଦିନାତ୍ମକ ଅବସରରେ ମଠ ସମ୍ମୁଖରେ ଆୟୋଜିତ ହେବାକୁ ଥିବା ବିଭିନ୍ନ ଆଧ୍ୟାତ୍ମିକ ଓ ଧାର୍ମିକ କାର୍ଯ୍ୟକ୍ରମକୁ କିପରି ସୁଚାରୁରୂପେ ସମ୍ପାଦନ କରାଯିବ, ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହାସହ ରଥାରୂଢ଼ ମହାପ୍ରଭୁଙ୍କ ସୁନାବେଶ ଅବସରରେ ମଠ ପକ୍ଷରୁ ଶ୍ରୀବିଗ୍ରହମାନଙ୍କ ନିକଟରେ ଲାଗି କରାଯିବାକୁ ଥିବା ରସଗୋଲା ପ୍ରସାଦକୁ ହଜାର ହଜାର ଭକ୍ତଙ୍କ ମଧ୍ୟରେ ଶୃଙ୍ଖଳିତ ଓ ସୁରୁଖୁରୁରେ ବିତରଣ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା ଓ ଦାୟିତ୍ୱ ବଣ୍ଟନ ନେଇ ପୁଙ୍ଖନୁପୁଖ ଆଲୋଚନା ହୋଇଥିଲା ।

## ମାନବାଧିକାର ମିଶନ୍, ବଡ଼ସାହିର ସ୍ଥାପନା ଦିବସ

ବଡ଼ସାହି,(ନିପ୍ର): ମାନବ ଅଧିକାର ମିଶନ୍, ବଡ଼ସାହି ମଣ୍ଡଳ ତରଫରୁ ମାନବ ଅଧିକାର ମିଶନର ସ୍ଥାପନା ଦିବସ ବଡ଼ସାହି ହାଟ ନିକଟସ୍ଥ ସାମାଜିକ ସେବା ସଦନ ପରିସରରେ ଅବସ୍ଥିତ ମଣ୍ଡଳର ସ୍ଥାୟୀ କାର୍ଯ୍ୟାଳୟଠାରେ ମଣ୍ଡଳର ସଭାପତି ସୁବୋଧ କୁମାର ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଣ୍ଡଳର ସାଧାରଣ ସମ୍ପାଦକ ରଣଜିତ କୁମାର ଦାସ ମଣ୍ଡଳର ବିଗତ ଦିନମାନଙ୍କରେ ଅନୁଷ୍ଠିତ ହୋଇଥିବା




ବୈଠକ ସମ୍ବନ୍ଧରେ ତଥ୍ୟ ସମ୍ବଳିତ ଏକ ଦୀର୍ଘ ବିବରଣୀ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ପ୍ରଭାରୀ ରାଜେନ୍ଦ୍ର କୁମାର ଜେନା, ସଂଗଠନ ସମ୍ପାଦକ ପ୍ରଦୀପ କୁମାର ବଳ, ମୁଖପାତ୍ର ଶଚୀନ୍ଦ୍ର କୁମାର ବିଶ୍ୱାଳ, ମିଡ଼ିଆ ସମ୍ପାଦକ ଅମିୟ କୁମାର ବଳ, ଆଇନ ସମ୍ପାଦକ ମୃତ୍ୟୁଞ୍ଜୟ ଦ୍ୱିବେଦୀ, ମୁଖପାତ୍ର ଲଳିତ କୁମାର ମହାନ୍ତି ଆଦି ଉପସ୍ଥିତ ରହି ମଣ୍ଡଳର ବର୍ତ୍ତମାନର ସ୍ଥିତି,ଅବସ୍ଥିତି, ପରିସ୍ଥିତି ସମ୍ବନ୍ଧରେ ତଥା ପ୍ରସ୍ତାବିତ ଆଗାମୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଶଦ ଭାବେ ଆଲୋଚନା କରିଥିଲେ ।

## ରବିଧାନ ଉଠାଣରେ ବିଳମ୍ବ: ମଣ୍ଡିରେ ଚାଷୀଙ୍କ ଅସନ୍ତୋଷ

କେସିଙ୍ଗା,(ନିପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ମଣ୍ଡିରେ ରବିଧାନ ଉଠାଣରେ ଦୀର୍ଘଦିନ ଧରି ବିଳମ୍ବ ହେଉଥିବାରୁ ଲଇତରା ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ତୁରନ୍ତ ସମାଧାନ ଦାବି କରିଛନ୍ତି । ମଣ୍ଡିରେ ବହୁ ପରିମାଣର ଧାନ ଦୀର୍ଘଦିନ ଧରି ପଡ଼ି ରହିଥିବା ବେଳେ ଅସମୟ ବର୍ଷା ଓ କାଳବୈଶାଖୀ ଆଶଙ୍କା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି ।



ଚାଷୀମାନଙ୍କ କହିବା ଅନୁଯାୟୀ, ଟୋକନ ପାଇବା ପରେ ମଧ୍ୟ ନିର୍ଦ୍ଧାରିତ ସମୟରେ ଧାନ ଉଠାଣ ହେଉନାହିଁ । ଫଳରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡ଼ି ରହିଛି । ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହେବାକୁ ଥିବାରୁ ଧାନ ଭିଜି ନଷ୍ଟ ହେବାର ଭୟ ଚାଷୀମାନଙ୍କୁ ଘାରିଛି । ଧାନ ନଷ୍ଟ ହେଲେ ସେମାନଙ୍କର ବର୍ଷକର ପରିଶ୍ରମ ଓ ଆର୍ଥିକ ସ୍ଥିତି ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ସେମାନେ କହିଛନ୍ତି । ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ଏହି ସମସ୍ୟା ପ୍ରତି ମିଲର, ସମବାୟ ସମିତି ଏବଂ ଯୋଗାଣ ବିଭାଗର କୌଣସି ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି । ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସମାଧାନ ହୋଇନଥିବାରୁ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି । ସରକାରୀ ସହାୟକ ମୂଲ୍ୟରେ ଧାନ ବିକ୍ରି କରିବା ଆଶାରେ ଥିବା ଚାଷୀମାନେ ଶେଷରେ ଦଲାଲଙ୍କ ଶରଣାପନ୍ନ ହେବାକୁ ବାଧ ହେଉଛନ୍ତି । ଦଲାଲମାନେ କ୍ୱିଣ୍ଟାଲ ପ୍ରତି ୧୮୦୦ରୁ ୧୯୦୦ ଟଙ୍କା ଦରରେ ଧାନ କିଣୁଥିବାରୁ ଚାଷୀମାନେ ଆର୍ଥିକ କ୍ଷତି ସହୁଛନ୍ତି । ଅନ୍ୟପଟେ, କେତେକ ଚାଷୀ ନିଜ ଖର୍ଚ୍ଚରେ ଧାନ ମିଲକୁ ନେଉଥିଲେ ମଧ୍ୟ ସେଠାରେ ୨ରୁ ୪ ଦିନ ପର୍ଯ୍ୟନ୍ତ ଗାଡ଼ି ନମ୍ବର ଲାଗିବାକୁ ପଡୁଛି । ଏଥିଯୋଗୁଁ ପରିବହନ ଖର୍ଚ୍ଚ ବଢ଼ିବା ସହ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଶୀଘ୍ର ଧାନ ଉଠାଣ ବ୍ୟବସ୍ଥା କରିବା ସହ ସମ୍ପୃକ୍ତ ଅଧିକାରୀମାନେ ମଣ୍ଡି ପରିସ୍ଥିତିର ସମୀକ୍ଷା କରନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି । ଏହି ପ୍ରସଙ୍ଗରେ ଲଇତରା ପାଣି ପଞ୍ଚାୟତର ସଭ୍ୟମାନେ କହିଛନ୍ତି ଯେ, ଯଦି ଖୁବଶୀଘ୍ର ଧାନ ଉଠାଣ ସମସ୍ୟାର ସମାଧାନ ନହୁଏ, ତେବେ ସେମାନେ ବାଧ୍ୟ ହୋଇ ଆନ୍ଦୋଳନର ପଥ ବାଛିବେ । ପ୍ରୟୋଜନ ପଡ଼ିଲେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଚାଷୀମାନଙ୍କ ଏହି ଚେତାବନୀ ପରେ ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗ କେତେ ଶୀଘ୍ର ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

ତିଥି :(ଚତୁର୍ଦ୍ଦଶୀ): (ରୋହିଣୀ ବୃଷ)
ଅମୃତ ବେଳା: ଦିବା ଘ ୭।୪୮ ଗତେ ଘ ୯।୧୨ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେଉଁ ସୁଖ ଆରମ୍ଭରେ ବିଷତୁଲ୍ୟ ଓ ପରିଣାମରେ ଅମୃତତୁଲ୍ୟ, ତାହାକୁ ସାତ୍ତ୍ୱିକ ସୁଖ କୁହାଯାଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଆଶା କରୁଛୁ

ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷା ସଂପୂର୍ଣ୍ଣ ଦେୟମୁକ୍ତ ହେବ। ମୋହନ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଏପରି ଘୋଷଣା ଐତିହାସିକ କେବଳ ନୁହେଁ, ସ୍ୱାଗତଯୋଗ୍ୟ। କାରଣ ଦେଶର କୌଣସି ରାଜ୍ୟ ଏଯାବତ୍ ଏପରି ମହତ୍ତ୍ୱପୂର୍ଣ୍ଣ ତଥା ଦୂରଦର୍ଶୀ ଘୋଷଣା କରିନାହାନ୍ତି।

ଶିକ୍ଷା ହେଉଛି ଦେଶର ଭବିଷ୍ୟତ। ଏହା ଦେୟମୁକ୍ତ ସାଙ୍ଗକୁ ଗୁଣାତ୍ମକ ମାନ ହେବା ସର୍ବଦା ଲୋଡ଼ା। ଗୁଣାତ୍ମକ ମାନର ଶିକ୍ଷା ସମ୍ଭବ ହୁଏ ଦୃଢ ନେତୃତ୍ୱ ଦ୍ୱାରା। ଦେୟମୁକ୍ତ ଓ ଗୁଣାତ୍ମକ ମାନର ଶିକ୍ଷା ସମ୍ବନ୍ଧ ଦ୍ୱାରା ଶିକ୍ଷାର୍ଥୀମାନେ ଅଗ୍ରସର ହେବାର ସୁଯୋଗ ପାଆନ୍ତି। ଅଧିକନ୍ତୁ ଶିକ୍ଷାର ଗତି ସହ ସମ୍ବନ୍ଧିତ ଥାଏ ବିକାଶ। ଜୀବନରେ ଯେତେ ଯାହା କାର୍ଯ୍ୟ କରାଯାଉନା କାହିଁକି ତାହାର ସେତୁ ହେଉଛି ଶିକ୍ଷା। ଏକ ସମାଜରେ ଶିକ୍ଷାବିହୀନତା ଅନ୍ଧକାର ସଦୃଶ। ସୁତରାଂ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷାର ଘୋଷଣା କାର୍ଯ୍ୟକାରିତା ସଠିକ୍ ଭାବରେ ହେବା ଦିଗରେ ନିର୍ଭରଶୀଳ। ଏ ଦୃଷ୍ଟିରୁ ପ୍ରଭାବଶାଳୀ ନୈତିକତା ଆଧାରିତ ନେତୃତ୍ୱ ଏହାକୁ କାର୍ଯ୍ୟକାରୀ କରିବାରେ ନିଶ୍ଚୟ ଧ୍ୟାନ କେନ୍ଦ୍ରୀଭୂତ କରିବ। ଏହା କହିବାର ଉଦ୍ଦେଶ୍ୟ ଭଲ ଶିକ୍ଷା ଭଲ ମଣିଷ ତିଆରି କରିଥାଏ, ପରିଶେଷରେ ଉତ୍କୃଷ୍ଟ ସମାଜ ଗଠନରେ ଏହା ସହାୟତା କରିଥାଏ।

ରାଜ୍ୟରେ ପିଲାଙ୍କୁ ଗୁଣାତ୍ମକ ତଥା ସର୍ବୋତ୍ତମ ଶିକ୍ଷା ପ୍ରଦାନ ଲାଗି ରାଜ୍ୟ ସରକାର ୨୨ଶହ ବିଦ୍ୟାଳୟ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ନିମନ୍ତେ ୧୨ହଜାର କୋଟି ଟଙ୍କା ବ୍ୟୟ କରିବାକୁ ଯାଉଛନ୍ତି। ତାହା ମଧ୍ୟରୁ ୧୧୮ଟିର ଭିତ୍ତି ପକାଇସାରିଲେଣି ସରକାର। ପୁଣି ଶୈଶବ ଶିକ୍ଷାକୁ ସୁଦୃଢ କରିବା ପାଇଁ ଶିଶୁବାଟିକା ଅଧୀନରେ ୧୧୩୧କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସେମିତି ରାଜ୍ୟର ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଓ ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକ ଭିତ୍ତିଭୂମି ବିକାଶ ପାଇଁ ୪୭୦କୋଟି ବ୍ୟୟବରାଦ କରାଯାଇଛି। ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ ପାଇଁ ୫୦କୋଟି ଖର୍ଚ୍ଚ ଲାଗି ନିର୍ଦ୍ଧାରିତ ହୋଇଛି। ରାଜ୍ୟ ସରକାର ଶିକ୍ଷାକୁ ପ୍ରାଧାନ୍ୟ ଦେଇ ୪ ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ ରଖିଛନ୍ତି। ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ରଖିଥିବା ବ୍ୟୟବରାଦ ସ୍ୱଚ୍ଛତାର ସହ ଖର୍ଚ୍ଚ ହେଲେ ନିଶ୍ଚୟ ଶିକ୍ଷାକ୍ଷେତ୍ରରେ ଉନ୍ନତି ସାଧିତ ହେବ। ରାଜ୍ୟ ସରକାର ୩.୧୦ଲକ୍ଷ କୋଟିର ବଜେଟ କରିଛନ୍ତି। ଏଥିରେ ଶିକ୍ଷା ବାବଦରେ ଅର୍ଥ ଯଥାଯଥ ଭାବରେ ଖର୍ଚ୍ଚ ହେବା ସହ ଯେପରି ପଛୁଆ ଅଞ୍ଚଳର ପିଲାଏ ସରକାରଙ୍କ ଘୋଷିତ ଦେୟମୁକ୍ତ ଶିକ୍ଷା ବ୍ୟବସ୍ଥା ସହ ଅଧିକ ସଂଖ୍ୟାରେ ଯୋଡ଼ିହେବେ ସେ ଦିଗରେ ବିଭିନ୍ନ ବିଭାଗ ସମନ୍ୱିତ ଭାବରେ ପଦକ୍ଷେପ ନେବା ଖୁବ୍ ଆବଶ୍ୟକ। ପରିଶେଷରେ କୁହାଯାଇପାରେ ଦେୟମୁକ୍ତ ଶିକ୍ଷା ଏକ ଶିକ୍ଷିତ ସମାଜର ସ୍ୱପ୍ନ ରଖେ। ସୁତରାଂ ଏପରି ଶିକ୍ଷା ଘୋଷଣା ସର୍ବତ୍ର ଠିକଣା ଭାବରେ କାର୍ଯ୍ୟକାରୀ ହେବା ଏକ ବଡ଼ ଆହ୍ୱାନ ସାଜିବ। କାର୍ଯ୍ୟାନ୍ୱୟନ ଯଥାର୍ଥ ଭାବରେ ହେବା ଆମେ ଆଶା କରୁ।

# ମୁଖାପିନ୍ଧା ସାଧୁ ସମାଜ

### ଅଖିଳ ତରାଇ

ଆଜିର ଆଧୁନିକ, ଶିକ୍ଷିତ ଓ ପ୍ରଗତିଶୀଳ ସମାଜରେ ଆମେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖୁଛୁ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶ ଯୋଗୁଁ ମଣିଷର ଜୀବନଶୈଳୀ ବଦଳିଛି ଏବଂ ବୌଦ୍ଧିକ ବିକାଶ ମଧ୍ୟ ଘଟିଛି। ମାତ୍ର ଏହି ସମସ୍ତ ସଫଳତା ସତ୍ତ୍ୱେ, ମାନବୀୟ ମୂଲ୍ୟବୋଧରେ କ୍ଷୟକ୍ଷତି ଘଟୁଥିବା ଭଳି କିଛି ନକାରାତ୍ମକ ମାନସିକତା ମଧ୍ୟ ସମାଜରେ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ସେଥିମଧ୍ୟରୁ ସବୁଠାରୁ ଗମ୍ଭୀର, ଚିନ୍ତାଜନକ ଓ ବ୍ୟାପକ ସାମାଜିକ ବ୍ୟାଧି ହେଉଛି 'ପରଦୋଷଦର୍ଶୀ' ମାନସିକତା।

ଆମ ସମାଜରେ ବର୍ତ୍ତମାନ ଏଭଳି ଅନେକ ଲୋକ ଅଛନ୍ତି, ଯେଉଁମାନେ ନିଜ ଭିତରେ ଥିବା ଅସଂଖ୍ୟ ଭୁଲ୍, ତ୍ରୁଟି କିମ୍ବା ଚରିତ୍ରଗତ ଦୁର୍ବଳତାକୁ କେବେହେଲେ ଦେଖନ୍ତି ନାହିଁ କିମ୍ବା ତାହାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ। କିନ୍ତୁ ଯେତେବେଳେ ଅନ୍ୟ କାହାର ସାମାନ୍ୟ ଦୋଷ ବା କୌଣସି ଦୁର୍ବଳତା ସେମାନଙ୍କ ନଜରକୁ ଆସେ, ସେମାନେ ସଙ୍ଗେ ସଙ୍ଗେ ସେହି କଥାକୁ ନେଇ କଟୁ ସମାଲୋଚନା କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସମାଜରେ ବଦନାମ କରିବା ପାଇଁ ତତ୍ପର ହୋଇଉଠନ୍ତି।

ଏହି ଶ୍ରେଣୀର ଲୋକମାନେ ବାହାରକୁ ନିଜକୁ ଅତ୍ୟନ୍ତ ସଚ୍ଚୋଟ, ଆଦର୍ଶବାଦୀ, ନ୍ୟାୟୀ ଏବଂ ଜଣେ ଜଣେ ନିଷ୍କଳଙ୍କ ବ୍ୟକ୍ତିତ୍ୱ ଭାବେ ଉପସ୍ଥାପିତ କରିବାକୁ ସର୍ବଦା ଚେଷ୍ଟା କରନ୍ତି। ସେମାନେ ଅନ୍ୟମାନଙ୍କ ଆଗରେ ଏପରି ଅଭିନୟ କରନ୍ତି ଯେପରି ସେମାନଙ୍କ ଠାରୁ ଭଲ ମଣିଷ ଏ ଦୁନିଆରେ କେହି ନାହାନ୍ତି। ମାତ୍ର ବାସ୍ତବତା ହେଉଛି, ଆଜିର ସମାଜରେ ଥିବା ସଚେତନ, ବୁଦ୍ଧିଜୀବୀ ଓ ସାଧାରଣ ନାଗରିକମାନେ ସେମାନଙ୍କର ଏହି କପଟତା, ବାସ୍ତବ ସ୍ୱରୂପ ଏବଂ ଚରିତ୍ର ବିଷୟରେ ବେଶ୍ ଭଲଭାବେ ଅବଗତ ଥାଆନ୍ତି। ମୁଖା ପିନ୍ଧି ସମାଜରେ ବୁଲୁଥିବା ଏହି ବ୍ୟକ୍ତିମାନଙ୍କର ସବୁଠାରୁ ବଡ଼ ଦୁର୍ଗୁଣ ହେଉଛି, ସେମାନେ କୌଣସି ଘଟଣାର ସତ୍ୟାସତ୍ୟ କିମ୍ବା ତା' ପଛରେ ଥିବା ପ୍ରକୃତ ପୃଷ୍ଠଭୂମି ଜାଣିବାକୁ ଆଦୌ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ସେମାନଙ୍କର ଏକମାତ୍ର ମୁଖ୍ୟ ଉଦ୍ଦେଶ୍ୟ ଥାଏ କିପରି ଅନ୍ୟ ଜଣକୁ ସମାଜ ଆଗରେ ହେୟଜ୍ଞାନ କରାଯିବ, କାହାକୁ ନୀଚ ଦେଖାଯିବ ଏବଂ ନିଜର ଅହଂଭାବ ଓ ସଂକୀର୍ଣ୍ଣ ମାନସିକତାକୁ ସନ୍ତୁଷ୍ଟ କରାଯାଇପାରିବ।

ସାମାନ୍ୟ ଶୁଣାକଥା, ଗୁଜବ ବା ମନଗଢ଼ା କାହାଣୀକୁ ଆଧାର କରି ସେମାନେ ସମାଜରେ ମିଥ୍ୟା ଖବରର ପ୍ରଚାର ଓ ପ୍ରସାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ବର୍ତ୍ତମାନର ଆଧୁନିକ ଡିଜିଟାଲ ଓ ସୋସିଆଲ ମିଡିଆ ଯୁଗରେ ଏହି ପ୍ରବୃତ୍ତି ଆହୁରି ଭୟାନକ ତଥା ମାରାତ୍ମକ ରୂପ ଧାରଣ କରିଛି। ବିନା କୌଣସି ପ୍ରମାଣରେ କାହାର ଚରିତ୍ର ସଂହାର କରିବା, କାହାର ବ୍ୟକ୍ତିଗତ ଜୀବନକୁ ନେଇ କଟୁ ଟିପ୍ପଣୀ ଦେବା ଏବଂ ଗୁଜବ ସୃଷ୍ଟି କରି ସମାଜରେ ଭେଦଭାବ ଓ ଅଶାନ୍ତି ସୃଷ୍ଟି କରିବା ଏମାନଙ୍କ ପାଇଁ ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। ଏଭଳି କାର୍ଯ୍ୟ କେବଳ ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କର ମାନସିକ ସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ଆଘାତ ପହଞ୍ଚାଏ ନାହିଁ, ବରଂ ସମଗ୍ର ସାମାଜିକ ବାତାବରଣକୁ ମଧ୍ୟ ବିଷାକ୍ତ କରିଦିଏ। ଏହା ଏକ ପ୍ରକାର ମାନସିକ ହିଂସା, ଯାହା ଶାରୀରିକ ହିଂସା ଠାରୁ ମଧ୍ୟ ଅଧିକ ବିପଜ୍ଜନକ।

ନିଜର ଶହେ ଭୁଲକୁ ଲୁଚାଇ ଅନ୍ୟ ଉପରେ ସହଜରେ ଆଙ୍ଗୁଠି ଉଠାଉଥିବା ଏହି ଲୋକମାନେ ଆମର ଆଗାମୀ ପିଢ଼ି ପାଇଁ ଏବଂ ସମଗ୍ର ସମାଜ ପାଇଁ ଏକ ଅତ୍ୟନ୍ତ ଖରାପ ଓ ନକାରାତ୍ମକ ବାର୍ତ୍ତା ପ୍ରଦାନ କରନ୍ତି। ଏହାଦ୍ୱାରା ପରସ୍ପର ପ୍ରତି ଥିବା ପାରିବାରିକ ବିଶ୍ୱାସ, ସହାନୁଭୂତି, ସମ୍ମାନ ଓ ସହଯୋଗର ଭାବନା ଧୀରେ ଧୀରେ ହ୍ରାସ ପାଇଥାଏ। ଯେଉଁ ସମାଜରେ ସମାଲୋଚନା କେବଳ ଅନ୍ୟକୁ ବଦନାମ କରିବା ଏବଂ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ କରାଯାଏ, ସେଠାରେ କୌଣସି ପ୍ରକାର ଗଠନମୂଳକ ପରିବର୍ତ୍ତନ ବା ବିକାଶ ଆଦୌ ସମ୍ଭବ ହୋଇପାରେ ନାହିଁ। ବାସ୍ତବରେ, ସୁସ୍ଥ ଓ ନିରପେକ୍ଷ ସମାଲୋଚନାର ଏକ ସକାରାତ୍ମକ ଦିଗ ରହିଛି, ଯାହା ମଣିଷକୁ ନିଜର ତ୍ରୁଟି ସଂଶୋଧନ କରି ଆଗକୁ ବଢ଼ିବାର ଏକ ସୁଯୋଗ ଦେଇଥାଏ। କିନ୍ତୁ ଯେତେବେଳେ ସମାଲୋଚନା ପଛରେ କେବଳ ଈର୍ଷା, ଅସୂୟା, ମିଥ୍ୟାଚାର ଏବଂ କାହାକୁ ସାମାଜିକ ସ୍ତରରେ ଅପଦସ୍ଥ କରିବାର ଅଭିସନ୍ଧି ଲୁଚି ରହିଥାଏ, ତାହା ସମାଜ ପାଇଁ ଏକ ମହାମାରୀ ଭଳି ଅଭିଶାପ ସଦୃଶ ହୋଇଯାଏ।

ତେଣୁ, ଏକ ସୁସ୍ଥ, ଶାନ୍ତିପୂର୍ଣ୍ଣ ଓ ପ୍ରଗତିଶୀଳ ସମାଜ ଗଠନ ପାଇଁ ଏଭଳି ନକାରାତ୍ମକ ମାନସିକତା ସମ୍ପନ୍ନ ବ୍ୟକ୍ତିଙ୍କ ଠାରୁ ଦୂରରେ ରହିବା ଏକାନ୍ତ ଆବଶ୍ୟକ। ସମାଜର ପ୍ରତ୍ୟେକ ବ୍ୟକ୍ତି ଏଭଳି ମାନସିକତାକୁ ପ୍ରଶ୍ରୟ ନ ଦେବା ଏବଂ ସେମାନଙ୍କ ଦ୍ୱାରା ପ୍ରଚାରିତ ମିଥ୍ୟା କଥା କିମ୍ବା ଗୁଜବକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବା ଉଚିତ। ଜଣେ ଦାୟିତ୍ୱବାନ ଓ ସଚେତନ ନାଗରିକ ଭାବେ ଆମର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ଯେ, ଆମେ ଅନ୍ୟର ସମାଲୋଚନା କରିବା କିମ୍ବା କାହାକୁ ଦୋଷୀ ସାବ୍ୟସ୍ତ କରିବା ପୂର୍ବରୁ ନିଜ ଭିତରକୁ ଥରେ ଚାହିଁବା ଏବଂ ନିଜର ଆତ୍ମସମୀକ୍ଷା କରିବା ଆବଶ୍ୟକ। ଯେ ପର୍ଯ୍ୟନ୍ତ ଆମେ ଅନ୍ୟର ଦୋଷ ଖୋଜିବା ପରିବର୍ତ୍ତେ ନିଜର ଆଚରଣ, ଚରିତ୍ର ଓ ସଂକୀର୍ଣ୍ଣ ଚିନ୍ତାଧାରାରେ ସୁଧାର ନଆଣିଛୁ, ସେ ପର୍ଯ୍ୟନ୍ତ ଏକ ସୁସ୍ଥ ଓ ଆଦର୍ଶ ସମାଜର ପରିକଳ୍ପନା କେବଳ ଏକ ସ୍ୱପ୍ନ ହୋଇ ରହିଯିବ। ଅନ୍ୟକୁ ବଦଳାଇବା ପୂର୍ବରୁ ନିଜକୁ ବଦଳାଇବା ହିଁ ପ୍ରକୃତ ସାମାଜିକ ସଂସ୍କାର।


ଗଞ୍ଜାମ, ମୋ: ୭୭୮୭୦୦୧୦୦୧

# ସୁପର ଏଲ ନିନୋ: ଚିନ୍ତାର କାରଣ

### ଉମାଶଙ୍କର ପ୍ରସାଦ

**"ପଶ୍ଚିମାଞ୍ଚଳ ବିଶେଷ କରି ସମ୍ବଲପୁର, ବଲାଙ୍ଗିର,ତାଳଚେର , ବୌଦ୍ଧ, ଇତ୍ୟାଦି ଅଞ୍ଚଳ ବିଶେଷ କରି ପ୍ରଭାବିତ ହେବା ସହ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଏ। ବର୍ଷାର ଅଭାବ ଯୋଗୁଁ ନଦୀ,ନାଳ ଓ ପୋଖରୀ ଶୁଖି ଯାଇଥାଏ। ଭୂତଳ ଜଳସ୍ତର (ଗ୍ରାଉଣ୍ଡ ୱାଟର) ମଧ୍ୟ ବିପଜ୍ଜନକ ଭାବେ ହ୍ରାସ ପାଇବା କାରଣରୁ ପାନୀୟ ଜଳର ଘୋର ଅଭାବ ଦେଖାଦିଏ। – ଓଡ଼ିଶାର ଚାଷ କାର୍ଯ୍ୟ ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ। ବର୍ଷା ଅଭାବରୁ ଧାନ ଚାଷ ଉଜୁଡି ଯିବା ସହ କୃଷିଭିତ୍ତିକ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଥାଏ। ଆମେ ଜାଣି ରଖିବା ଉଚିତ ଯେ ଏଲ୍, ନିନୋର ଓଲଟା ପ୍ରକ୍ରିୟାକୁ ( ଲା ନିନା) କୁହାଯାଏ, ଯାହା ଦ୍ୱାରା ସମୁଦ୍ର ପୃଷ୍ଠର ଜଳ ଥଣ୍ଡା ହୋଇଥାଏ ଏବଂ ଏହା ଭାରତରେ ଅଧିକ ବର୍ଷା କରାଇବାରେ ସାହାଯ୍ୟ କରେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏଲ୍-ନିନୋର ପ୍ରଭାବ ବର୍ତ୍ତମାନ ଅଧିକ ଘାତକ ରୂପ ନେଉଛି। ଏହି ପ୍ରାକୃତିକ ସଙ୍କଟର ମୁକାବିଲା ପାଇଁ ନେତାଠୁ ଜନତା ସମସ୍ତେ ବ୍ୟାପକ ଭାବେ ବୃକ୍ଷରୋପଣ, ଜଳ ସଂରକ୍ଷଣ,ଏବଂ ଚାଷ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଜଳସେଚନ ରଣନୀତି ଆପଣାଇବା ନିତାନ୍ତ ଜରୁରୀ ହୋଇପଡ଼ିଛି।**

ଏଲ୍ ନିନୋ କଣ ? ଏହା ଏକ ସ୍ପାନିସ୍ ଶବ୍ଦ, ଯାହାର ଅର୍ଥ ହେଉଛି 'ଛୋଟ ବାଳକ' ବା ଶିଶୁ ପୁତ୍ର। ପ୍ରଶାନ୍ତ ମହାସାଗରର ବିଷୁବରେଖା ଅଞ୍ଚଳରେ ସମୁଦ୍ର ପୃଷ୍ଠର ତାପମାତ୍ରା ସାଧାରଣ ଅପେକ୍ଷା ଅଧିକ ଉତ୍ତପ୍ତ ହେବା ପ୍ରକ୍ରିୟାକୁ 'ଏଲ୍ ନିନୋ' କୁହାଯାଏ। ସାଧାରଣତଃ ପୂର୍ବ ଦିଗରୁ ବହୁଥିବା ପ୍ରବାହ (ଟ୍ରେଡ ଉଇଣ୍ଡ) ଦୁର୍ବଳ ହେବା କିମ୍ବା ଏହାର ଦିଗ ବଦଳିବା ଯୋଗୁଁ ଗରମ ଜଳରାଶି କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରରେ ଜମା ହୋଇ ରହେ। ଯେତେବେଳେ ସମୁଦ୍ରର ଏହି ତାପମାତ୍ରା ସାଧାରଣ ସ୍ତରଠାରୁ ୨° ସେ. କିମ୍ବା ତାଠାରୁ ଅଧିକ ବୃଦ୍ଧି ପାଏ, ସେତେବେଳେ ଏହାକୁ "ସୁପର ଏଲ ନିନୋ" ଆଖ୍ୟା ଦିଆଯାଏ। ଭାରତ ଏବଂ ଓଡିଶାରେ ଏହି ଏଲ୍ ନିନୋର ପ୍ରଭାବ ଯୋଗୁ ବାୟୁମଣ୍ଡଳର ଚାପରେ ପରିବର୍ତ୍ତନ ଆସେ , ଯାହା ବିଶ୍ୱର ବିଭିନ୍ନ ସ୍ଥାନରେ ଜଳବାୟୁ ସଙ୍କଟ ସୃଷ୍ଟି କରେ।



ଆମ ଦେଶ ତଥା ରାଜ୍ୟ ଉପରେ ଏହା ତାର ଯେଉଁ ପ୍ରଭାବ ବିସ୍ତାର କରିଥାଏ ସେଗୁଡିକ ହେଲା:-

ଦୁର୍ବଳ ମୌସୁମୀ ଓ କମ୍ ବର୍ଷା:- ଏହି ଏଲ୍ ନିନୋ ସକ୍ରିୟ ରହିଲେ ଭାରତୀୟ ମୌସୁମୀ ବାୟୁ ଦୁର୍ବଳ ହୋଇଥାଏ। ଏହା ଫଳରେ ଓଡିଶାରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ଆଶଙ୍କା ଦେଖାଦିଏ।— ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ 'ସିଭିଅର ହିଟ୍ ୱେଭସ' ଏହା ଯୋଗୁଁ ରାଜ୍ୟରେ ଗ୍ରୀଷ୍ମ ଋତୁର ଅବଧି ବୃଦ୍ଧି ପାଇବା ସହ ତାପମାତ୍ରା ରେକର୍ଡ ସ୍ତରକୁ ଛୁଇଁଥାଏ। ପଶ୍ଚିମାଞ୍ଚଳ ବିଶେଷ କରି ସମ୍ବଲପୁର, ବଲାଙ୍ଗିର,ତାଳଚେର , ବୌଦ୍ଧ, ଇତ୍ୟାଦି ଅଂଚଳ ବିଶେଷ କରି ପ୍ରଭାବିତ ହେବା ସହ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଏ। ବର୍ଷାର ଅଭାବ ଯୋଗୁଁ ନଦୀ,ନାଳ ଓ ପୋଖରୀ ଶୁଖି ଯାଇଥାଏ। ଭୂତଳ ଜଳସ୍ତର (ଗ୍ରାଉଣ୍ଡ ୱାଟର) ମଧ୍ୟ ବିପଜ୍ଜନକ ଭାବେ ହ୍ରାସ ପାଇବା କାରଣରୁ ପାନୀୟ ଜଳର ଘୋର ଅଭାବ ଦେଖାଦିଏ। –ଓଡ଼ିଶାର ଚାଷ କାର୍ଯ୍ୟମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ। ବର୍ଷା ଅଭାବରୁ ଧାନ ଚାଷ ଉଜୁଡି ଯିବା ସହ କୃଷିଭିତ୍ତିକ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଥାଏ। ଆମେ ଜାଣି ରଖିବା ଉଚିତ ଯେ ଏଲ୍, ନିନୋର ଓଲଟା ପ୍ରକ୍ରିୟାକୁ ( ଲା ନିନା) କୁହାଯାଏ, ଯାହା ଦ୍ୱାରା ସମୁଦ୍ର ପୃଷ୍ଠର ଜଳ ଥଣ୍ଡା ହୋଇଥାଏ ଏବଂ ଏହା ଭାରତରେ ଅଧିକ ବର୍ଷା କରାଇବାରେ ସାହାଯ୍ୟ କରେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏଲ୍-ନିନୋର ପ୍ରଭାବ ବର୍ତ୍ତମାନ ଅଧିକ ଘାତକ ରୂପ ନେଉଛି। ଏହି ପ୍ରାକୃତିକ ସଙ୍କଟର ମୁକାବିଲା ପାଇଁ ନେତାଠୁ ଜନତା ସମସ୍ତେ ବ୍ୟାପକ ଭାବେ ବୃକ୍ଷରୋପଣ, ଜଳ ସଂରକ୍ଷଣ,ଏବଂ ଚାଷ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଜଳସେଚନ ରଣନୀତି ଆପଣାଇବା ନିତାନ୍ତ ଜରୁରୀ ହୋଇପଡିଛି।

ଜଳବାୟୁ ବୈଜ୍ଞାନିକମାନେ ଏବେ ଏକ ନୂତନ ଗ୍ଲୋବାଲ ନିର୍ଗମନ ସ୍ଥିତି ଜାରି କରିଛନ୍ତି, ଯାହା ଆଗାମୀ ବର୍ଷ ଗୁଡିକରେ ଜଳବାୟୁ ଗବେଷଣାର ଆଧାର ହେବ। ଏବଂ ଏଥିରେ ସବୁଠାରୁ ଭୟଙ୍କର ସ୍ଥିତି - ଯାହା ବିଶ୍ୱକୁ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ୪°ସେ. ରୁ ଅଧିକ ଗରମ ହେବା ମାର୍ଗରେ ନେଇ ଯାଉଥିଲା ତାହାକୁ ଶେଷରେ ବାଦ୍ ଦିଆଯାଇଛି । ଆରସିପି ୮.୫ ନାମକ ଏକ ଅତ୍ୟଧିକ ନିର୍ଗମନ ସ୍ଥିତିକୁ ସାମ୍ପ୍ରତିକ ସଂଶୋଧନରେ ଅବାସ୍ତବ ବୋଲି ବିବେଚନା କରାଯାଇଛି, ଯାହାର ଶ୍ରେୟ ଅକ୍ଷୟ ଶକ୍ତି ( ରିନିଓ୍ୱବଲ ଏନର୍ଜି) ରୁ ଦ୍ରୁତ ଗ୍ରହଣ ଏବଂ ବିଭିନ୍ନ ଦେଶ ଦ୍ୱାରା ଜଳବାୟୁ ନୀତି କାର୍ଯ୍ୟକାରୀ କରିବାକୁ ଯାଏ। ବୈଜ୍ଞାନିକମାନେ ନିଜର ମତ ବ୍ୟକ୍ତ କରି କହିଛନ୍ତି ଯେ ପ୍ରଳୟର ସ୍ଥିତିକୁ ବାଦ୍ ଦେବା ଜଳବାୟୁ କାର୍ଯ୍ୟାନୁଷ୍ଠାନ ପାଇଁ ଉତ୍ସାହଜନକ, କାରଣ ଏହାର ଅର୍ଥ ହେଉଛି ୪°ସେ. ରୁ ୫°ସେ. ଗ୍ଲୋବାଲ ୱାର୍ମିଂ ସହ ଜଡିତ ଚରମ ପରିଣାମକୁ ଏବେ ଏଡାଇ ଦିଆଯାଇପାରିବ। ଏହା ସତ୍ତ୍ୱେ ମଧ୍ୟ ସେମାନେ ସତର୍କ କରିଛନ୍ତି ଯେ ବର୍ତ୍ତମାନର ନୀତି ଅନୁଯାୟୀ ପୃଥିବୀ ଭୟଙ୍କର ଜଳବାୟୁ ପରିବର୍ତ୍ତନର ମାର୍ଗରେ ଅଗ୍ରସର ହେଉଛି। ବିଶ୍ୱର ପ୍ରାୟ ଅନେକ ଗବେଷଣା କେନ୍ଦ୍ରରେ ମାସ ମାସର ପରୀକ୍ଷଣ ଏବଂ ସହଯୋଗ ପରେ, ଆର୍ଥ ସିଷ୍ଟମ ମଡେଲିଂ ବିଶେଷଜ୍ଞଙ୍କ ଏକ ଦଳ ଗତ ଏପ୍ରିଲ ମାସରେ ସେମାନଙ୍କର ନୂତନ ନିର୍ଗମନ ସ୍ଥିତି ପ୍ରକାଶ କରିଛନ୍ତି। ଏହି ନୂତନ ନିର୍ଗମନ ସ୍ଥିତି ଅନୁଯାୟୀ ୨୧୦୦ ସୁଦ୍ଧା ସମଗ୍ର ବିଶ୍ୱ ୩.୫° ସେ. ଗରମ ହେବାର ଆଶଙ୍କା ରହିଛି।

ଅନେକ ବୈଜ୍ଞାନିକ କହିଛନ୍ତି ଯେ ନୂତନ ସଂଶୋଧନ ଜଳବାୟୁ ଗବେଷଣାର ସାଧାରଣ ପ୍ରକ୍ରିୟାକୁ ଦର୍ଶାଉଛି। ଏହା ସତ୍ତ୍ୱେ ବିଶ୍ୱ ଜଳବାୟୁ ପରିବର୍ତ୍ତନର ସବୁଠାରୁ ଖରାପ ସ୍ଥିତିକୁ ଏଡାଇ ନାହିଁ। ନିକଟରେ ନେଚର୍‌ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ୨° ସେ. ର ମଧ୍ୟମ ଗ୍ଲୋବାଲ ୱାର୍ମିଂ ମଧ୍ୟ ପ୍ରମୁଖ ଖାଦ୍ୟ ଉତ୍ପାଦନକାରୀ ଅଂଚଳରେ ମରୁଡି , ଅତ୍ୟଧିକ ବୃଷ୍ଟିପାତ କିମ୍ବା ଅଧିକ ଜନବହୁଳ ଅଂଚଳରେ ଚରମ ଅଗ୍ନିକାଣ୍ଡ ଭଳି ବିପଦଜନକ ପରିଣାମକୁ ବୃଦ୍ଧି କରିବ। ବିଶ୍ୱ ଏବେ ମଧ୍ୟ ଏହି ମାର୍ଗର ନିକଟତର ଅଛି। ନୂତନ ସିଏମଆଇପି ୭ ସ୍ଥିତି ଅନୁଯାୟୀ ୨୧୦୦ ସୁଦ୍ଧା ବିଶ୍ୱ ପ୍ରାୟ ୨.୮° ସେ. ପର୍ଯ୍ୟନ୍ତ ଉତ୍ତପ୍ତ ହେବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ତେଣୁ ଏହାର ପ୍ରକୃଷ୍ଟ ମୁକାବିଲା କରିବା ପାଇଁ ଦେଶ ତଥା ରାଜ୍ୟ ଏବେଠାରୁ ସଚେତନ ହେବାର ସମୟ ଆସିଛି।

ସ୍ତମ୍ଭକାର, ଖୋର୍ଦ୍ଧା.
ମୋ:୬୩୭୦୬ ୭୫୫୬୨

# ରଜପର୍ବ : ସୃଷ୍ଟିର ଜୟ ଉତ୍ସବ

### ଡ. ସୁରେଶ କୁମାର ନାୟକ

**"ଧରିତ୍ରୀ ମାତା ରଜବତୀ ହୋଇଥିବାରୁ ରଜରେ ବଟାକୁଟା ଆଦି କାର୍ଯ୍ୟ କରାଯାଏନାହିଁ। ଏଥିପାଇଁ ରଜ ପୂର୍ବରୁ ଢିଙ୍କିକୁଟା ଚାଉଳ ଚୁନା ପ୍ରସ୍ତୁତ ହୋଇଥାଏ। ସେହିପରି ଝିଅମାନେ ସଜବାଜ ଦିନ ହିଁ ରାତିରେ ଦେହରେ ବଟା ହଳଦୀ ଲଗାଇ କଜଳ ଓ ଅଳତା ପିନ୍ଧିଥାନ୍ତି। ଓଡ଼ିଶାର କେତେକ ଅଞ୍ଚଳରେ ରଜ ପର୍ବରେ କଣ୍ଢେଇ ପୂଜା ପରମ୍ପରା ମଧ୍ୟ ରହିଛି। ବସୁମତୀ ସ୍ନାନ ଦିନ ଏହି ମୂର୍ତ୍ତି ପୂଜା କରି ପୋଖରୀରେ ବିସର୍ଜନ କରାଯାଇଥାଏ। ରଜରେ ଗୁରୁତ୍ୱପୂର୍ଣ୍ଣ ପରମ୍ପରାଟି ହେଉଛି ଏହି ତିନିଦିନ କୁମାରୀମାନେ ଖାଲି ପାଦରେ ଚାଲି ନ ଥାନ୍ତି। ପୂର୍ବପରି ଆଉ ରଜ ପର୍ବର ଖୁସି ସେପରି ଆଉ ନାହିଁ। ସବୁଠି ଆଧୁନିକ ଶୈଳୀରେ ବିଧିକୁ ବଜାୟ ରଖିବା ପାଇଁ ଯାହା ପାଳନ ହେଉଛି। ତେବେ ଓଡ଼ିଆଙ୍କ ଜନଜୀବନ ବିଶେଷକରି ନିତିଦିନିଆ କର୍ମପ୍ରବଣ ବ୍ୟସ୍ତତା ଭିତରେ ଏହି ରଜପର୍ବ ଅନେକ ଖୁସି, ସୁଖ ଓ ଆନନ୍ଦ ବାଣ୍ଟି ଥାଏ।**

ରଜପର୍ବ କେବଳ ଓଡ଼ିଶାରେ ପାଳିତ ହେଉଥିବାରୁ ଏହା ଓଡ଼ିଶାର ନିଜପର୍ବ ଓଡ଼ିଆ ପର୍ବ। ପର୍ବ କହିଲେ ବିଷ୍ଣୁ ପୁରାଣ ଅନୁସାରେ 'ଚତୁର୍ଦ୍ଦଶ୍ୟାଷ୍ଟମୀ ଚୈବ ଅମାବାସ୍ୟାଥ ପୂର୍ଣ୍ଣିମା ପର୍ବାଣ୍ୟେ-ତାନି ରାଜେନ୍ଦ୍ର ! ରବି ସଂକ୍ରାନ୍ତି ରେବଚ' - ଚତୁର୍ଦ୍ଦଶୀ, ଅଷ୍ଟମୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ରବି ସଂକ୍ରମଣ ବା ସଂକ୍ରାନ୍ତି - ଏହି ପାଞ୍ଚ ପାଞ୍ଚଗୋଟି ହିଁ 'ପଞ୍ଚପର୍ବ' ନାମରେ ପ୍ରସିଦ୍ଧ। 'ରଜ' ଉତ୍ସବ ମିଥୁନ ସଂକ୍ରାନ୍ତିକୁ ନେଇ ଅନୁଷ୍ଠିତ ହେଉଥିବାରୁ - ଏହାକୁ 'ପର୍ବ' ବୋଲି କହିବାରେ ଶାସ୍ତ୍ରୀୟ ସମର୍ଥନ ରହିଛି।

'ଯତ୍ୟାଂ ସମୁଦ୍ରି ଉତ ସିନ୍ଧୁରୋପା, ଯସ୍ୟା ମନ୍ନଂ କୃଷ୍ଟୟଃ ସଂବଭୂବୁଃ। ଯସ୍ୟାମିଦଂ ଜିନ୍ୱତି ପ୍ରାଣଦେଜତ୍, ସା ନୋ ଭୂମିଃ ପୂର୍ବପେୟେ ଦଧାତୁ।' ଯେଉଁ ପୃଥିବୀ ଉପରେ ସମୁଦ୍ର, ନଦୀ ଓ ନାଳ ରହିଛନ୍ତି, ଯେଉଁଥିରେ ଅନ୍ନ ଓ ମାନବକୃଷ୍ଟିର ସତ୍ତା ରହିଛି, ଯେଉଁଠାରେ ସମସ୍ତେ ଆନନ୍ଦିତ ହୁଅନ୍ତି, ଶ୍ୱାସ ପ୍ରଶ୍ୱାସ ନିଅନ୍ତି, ତଥା ବିଚରଣ କରନ୍ତି, ସେହି ଭୂମିକୁ ଆମେ ପ୍ରଥମ ସମ୍ମାନ ଦେବା। ପୃଥିବୀ ପ୍ରତି ଏହି ସମ୍ମାନବୋଧ, କୃତଜ୍ଞତା ଓ ଚେତନତ୍ୱର ଆରୋପ ହିଁ ରଜ ଉତ୍ସବର ମୂଳ ତତ୍ତ୍ୱ। ଆମର ବାସଭୂମି ପୃଥିବୀ ଏକ ନିଷ୍ପ୍ରାଣ ମୃତ୍ତିକାପିଣ୍ଡ ନୁହେଁ। ଏହାର ପ୍ରାଣ ଅଛି। ଏହା ଆମକୁ ଧରା ହୋଇ ଧରି ରଖିଛି ଏବଂ କ୍ଷମା ଭାବରେ ସବୁ ସହି ଭୂତଧାତ୍ରୀ ପରି ପାଳନ କରୁଛି। ପୃଥିବୀଠାରେ ଏହି ମାତୃଚେତନା ବା ମାଟି ପ୍ରତି ମମତା ହିଁ କୃତଜ୍ଞ ମନୁଷ୍ୟକୁ ରଜପର୍ବରେ ତିନିଦିନ ପାଇଁ କର୍ଷଣ କରିବାକୁ ନିବୃତ୍ତ କରିଛି।

ଓଡ଼ିଶାର ପର୍ବପର୍ବାଣିମାନଙ୍କ ମଧ୍ୟରେ ରଜ ସବୁଠାରୁ ଲୋକପ୍ରିୟ ପର୍ବ। ଏହି ପର୍ବ ତିନିଦିନ ଧରି ପାଳନ କରାଯାଏ। ପହିଲି ରଜ ସୌର ମାସ ଜ୍ୟେଷ୍ଠ ମାସର ଶେଷ ଦିନ ପଡ଼େ। ଏହା ପ୍ରଚଣ୍ଡ ରୌଦ୍ରତାପକୁ ବିଦାୟ ଦେବାର ଦିବସ। ମଝି ରଜ ବା ରଜ ସଂକ୍ରାନ୍ତି ସୌରମାସ ଆଷାଢ଼ ମାସର ପ୍ରଥମ ଦିବସ। ଏହା ବର୍ଷାଋତୁର ଆଗମନର ସୂଚନା ଦିଏ। ନିଦାଘ ଖରାରେ ତପ୍ତ ଧରଣୀ ଶାନ୍ତ ହେଲେ ହସି ଉଠିବ ସବୁଜ ଶାଢି ପରିଧାନ କରି। ମାଆର ଖୁସିରେ ସନ୍ତାନମାନଙ୍କର ଖୁସି। ସନ୍ତାନମାନେ ତାର ଚାହିଁ ରହିବେ ଆଉ କିଛି ମାସ ଅନ୍ତରରେ ମା ଭରି ଦେବ ତାଙ୍କ ଅମାର। ବିଶ୍ୱାସ କରାଯାଏ ଏହି ତିନି ଦିନ ଧରିତ୍ରୀମାତା ରଜବତୀ ହୁଅନ୍ତି। ଯାହା ମାତୃତ୍ୱ ପ୍ରାପ୍ତିର ପୂର୍ବାନୁମାନ। ସେଥିପାଇଁ ଏହା ରଜପର୍ବ ନାମରେ ପରିଚିତ। ଏହି ତିନିଦିନ ମାତା ବସୁନ୍ଧରା ସମ୍ପୂର୍ଣ୍ଣ ବିଶ୍ରାମ କରନ୍ତି। ମା'କୁ କଷ୍ଟ ହେବ ବୋଲି ଏହି ସମୟରେ କେହି ମାଟି ଖୋଳନ୍ତି ନାହିଁ, ଚାଷକାମ କରନ୍ତି ନାହିଁ, ଖାଲି ପାଦରେ ଦୁମଦୁମ୍ କରି ଚାଲନ୍ତି ନାହିଁ। ରଜ ପୂର୍ବ ଦିନକୁ ସଜବାଜ କୁହାଯାଏ। ଏହି ଦିନ ମହିଳାମାନେ ପାଣି ଆଣି ଘରେ ରଖନ୍ତି। ଘରେ ପୋଡ଼ପିଠା, ଆରିସା ପିଠା, କାକରା ପିଠା, ମୁଆଁ ପିଠା ଇତ୍ୟାଦି ପ୍ରସ୍ତୁତ କରି ତିନିଦିନ ପାଇଁ ରଖିଦିଅନ୍ତି। ପଣସ, ତାଳସଜ, ଆମ୍ବ, ଜାମୁରୋଳ ଇତ୍ୟାଦି ଫଳରେ ସବୁଆଡ଼େ ଭରପୂର ଥାଏ। ଫଳରେ ପୁଅଝିଅ ସମସ୍ତେ ପେଟଭରି ସୁମିଷ୍ଟ ଖାଦ୍ୟ ଖାଇ ଦୋଳି ଖେଳନ୍ତି। ଦୋଳି ପ୍ରସ୍ତୁତି ପୂର୍ବରୁ ଗୋଟିଏ ପ୍ରାଚୀନତମ ଗୀତ ପରିଣତ ବୟସର ମହିଳାମାନେ ଗାଇ ଥାନ୍ତି - 'ଦୋଳି ମୁଣ୍ଡେ ଦେଲି କଳା, ପ୍ରଥମେ ବନ୍ଦିଲି ସର୍ବମଙ୍ଗଳା, ସରତି ଉଠିବ ଗଳା'। ଦୋଳି ଖେଳ ସମୟର ଗୀତଟିଏ ମଧ୍ୟ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ - 'ଦୋଳି ହୁଏ ରଟ ରଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ, ଦିଶୁଥାଏ ଝଟ ଝଟ'। ଗରମ ସମୟରେ ତୋଟାରେ, ବାଡ଼ିରେ ଦୋଳିରେ ଝୁଲିବାରେ ଯେଉଁ ଆନନ୍ଦ ଅନୁଭବୀ ହିଁ ଜାଣେ। ତା ସହିତ ପଲ୍ଲୀଗୀତ 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଲୋ ଆସିଛି ରଜ.....' ଗାନ କରି ଗାଁର ପରିବେଶକୁ ମୁଖରିତ କରିଦିଅନ୍ତି। ମଥାରେ ଚନ୍ଦନ ଟୋପା, ନୂଆଶାଢ଼ି, ନୂଆଚୁଡ଼ିରେ ଝିଅବୋହୂଙ୍କ ଆନନ୍ଦର ସୀମା ନ ଥାଏ। ତା ସହିତ ସାଙ୍ଗସାଥୀ ହୋଇ ତାସ, ଲୁଡୁ, କଉଡି



ଖେଳରେ ତିନିଦିନ କେମିତି କଟିଯାଏ ଜଣାପଡ଼େ ନାହିଁ। ଯୁବକମାନେ ବାଗୁଡ଼ି, କବାଡ଼ି ଓ ପାରମ୍ପରିକ ଖଣ୍ଡାଖେଳରେ ମାତି ଯାଆନ୍ତି। ସମସ୍ତଙ୍କର ପୂର୍ଣ୍ଣ ବିଶ୍ରାମ ଓ ପୂର୍ଣ୍ଣ ଉପଭୋଗର ସମୟ। ଏହି ରଜ ତିନିଦିନରେ ଖାଲି ଆନନ୍ଦ ହିଁ ଆନନ୍ଦ। ରଜ ତିନିଦିନ ପରେ ବସୁମତୀ ସ୍ନାନ ହୁଏ। ଏକ ପଥର ଶିଳୁପୁଆକୁ ହଳଦୀପାଣିରେ ଗାଧୋଇ ଦେଇ ତଳେ ମାଟିକୁ ଗୋବର ପାଣିରେ ଲିପିପୋଛି ରଖନ୍ତି ଓ ସେଇ ଶିଳାକୁ ହଳଦୀ, ସିନ୍ଦୂର, ଫୁଲରେ ସଜାଇ ନୂଆ ଲୁଗା ଖଣ୍ଡେ ପିନ୍ଧାଇ ବସୁମତୀ ମା'ର ପ୍ରତୀକ ସ୍ୱରୂପ ପୂଜା କରନ୍ତି।

ବିଶ୍ୱାସ କରାଯାଏ କି ପୃଥିବୀ ମାତା ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଭୂଲୋକ ପତ୍ନୀ 'ଭୂଦେବୀ'। ମହାପ୍ରଭୁ ଜଗନ୍ନାଥ ପାଖରେ ଭୂଦେବୀଙ୍କର ରୂପା ବିଗ୍ରହ ପୂଜା ପାଆନ୍ତି। ଚନ୍ଦନଯାତ୍ରା ସମୟରେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମାଙ୍କ ସହ ଭୂଦେବୀ ଓ ଶ୍ରୀଦେବୀ ଚାପ ଖେଳିବାକୁ ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରନ୍ତି। ଓଡ଼ିଶା ପରି କୃଷି ପ୍ରଧାନ ରାଜ୍ୟରେ ବର୍ଷା ଦେବତା ଇନ୍ଦ୍ର ଆମର ପୂଜ୍ୟ। ଫସଲ ଓ ଧନର ଠାକୁରାଣୀ ଲକ୍ଷ୍ମୀ ଦେବୀ ଆମର ମାଆ। ଆଷାଢ଼ ମାସରେ ମାଟି ସହିତ ମେଘର ମିଳନ ହୋଇଥାଏ। ଏହା ପରେ ହିଁ ମାଟିରୁ ଅନେକ ଫସଲ ଉତ୍ପନ୍ନ ହୋଇଥାଏ। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଅୟମାରମ୍ଭ ପୂର୍ବରୁ ମାଟିକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏ ପର୍ବ ସୃଷ୍ଟି। ଆମ ପର୍ବପର୍ବାଣି ସୃଷ୍ଟି ଆନନ୍ଦ ଦେବା ପାଇଁ।

ବାସ୍ତବରେ ରଜ ହେଉଛି ଅନେକ ଚେତନାର ଏକ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ। ଆଷାଢ଼ ମାସ ଚର୍ତୁର୍ମାସ୍ୟ ବ୍ରତର ପ୍ରଥମ ମାସ। ଏହି ଚାରି ମାସ ମୁନୀଋଷି ଓ ସାଧବମାନେ ସମୋନଙ୍କ ପରିଭ୍ରମଣ ତ୍ୟାଗ କରି ଏକ ସ୍ଥାନରେ ନିବିଷ୍ଟ ହୋଇ ସାଧନା କରିଥାନ୍ତି। ଦାମ୍ପତ୍ୟ ଜୀବନର ଏହା ହେଉଛି ସର୍ବଶ୍ରେଷ୍ଠ ମାସ। କୁହାଯାଏ ବିରହ, ବିଧୁର ପ୍ରସଙ୍ଗକୁ ନେଇ ମେଘ ମାଧ୍ୟମରେ ମହାକବି କାଳିଦାସ 'ମେଘଦୂତ' ମହାକାବ୍ୟ ଏହି ଆଷାଢ଼ ମାସରେ ହିଁ ଲେଖିଥିଲେ। ମାତୃ ଜାତି ମଧ୍ୟରେ ଉତ୍ସାହ ଓ ଉନ୍ମାଦନା ତଥା ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜ ପର୍ବ। ଓଡ଼ିଶାରେ ରଜ ପର୍ବ ଏବେ ଆଉ ନିଜ ରାଜ୍ୟ ଭିତରେ ସୀମିତ ହୋଇ ରହିନାହିଁ। ଭାରତର ବିଭିନ୍ନ ରାଜ୍ୟରେ ରହୁଥିବା ଓଡ଼ିଆମାନେ ଓ ଦେଶ ବାହାରେ ରହୁଥିବା ଓଡ଼ିଆମାନେ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ରଜ ପର୍ବକୁ ବେଶ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥାନ୍ତି।

ବର୍ତ୍ତମାନର ସମୟକୁ ଦେଖିଲେ ପୁରୁଣା ସମୟର ଆଉ ସେ ପାରମ୍ପରିକ ରଜର ପ୍ରସ୍ତୁତି ଅନେକ କ୍ଷେତ୍ରରେ ବଦଳି ଗଲାଣି। ଦିନ ଥିଲା ରଜ ପାଞ୍ଚଦିନ ପାଳନ ହେଉଥିଲା ଏବଂ ବିଶେଷକରି ଗାଁ ଗଣ୍ଡାରେ ସଜବାଜ ଦିନ ଠାରୁ ଦାନ୍ତକାଠି ସଂଗ୍ରହ ହୋଇ ରହୁଥିଲା। ସେହିପରି ଧରିତ୍ରୀ ମାତା ରଜବତୀ ହୋଇଥିବାରୁ ରଜରେ ବଟକୁଟା ଆଦି କାର୍ଯ୍ୟ କରାଯାଏନାହିଁ। ଏଥିପାଇଁ ରଜ ପୂର୍ବରୁ ଢ଼ିଙ୍କି କୁଟା ଚାଉଳ ଚୁନା ପ୍ରସ୍ତୁତ ହୋଇଥାଏ। ସେହିପରି ଝିଅମାନେ ସଜବାଜ ଦିନ ହିଁ ରାତିରେ ଦେହରେ ବଟା ହଳଦୀ ଲଗାଇ କଜଳ ଓ ଅଳତା ପିନ୍ଧିଥାନ୍ତି। ଓଡ଼ିଶାର କେତେକ ଅଞ୍ଚଳରେ ରଜ ପର୍ବରେ କଣ୍ଢେଇ ପୂଜା ପରମ୍ପରା ମଧ୍ୟ ରହିଛି। ବସୁମତୀ ସ୍ନାନ ଦିନ ଏହି ମୂର୍ତ୍ତି ପୂଜା କରି ପୋଖରୀରେ ବିସର୍ଜନ କରାଯାଇଥାଏ। ରଜରେ ଗୁରୁତ୍ୱପୂର୍ଣ୍ଣ ପରମ୍ପରାଟି ହେଉଛି ଏହି ତିନିଦିନ କୁମାରୀମାନେ ଖାଲି ପାଦରେ ଚାଲି ନ ଥାନ୍ତି। ପୂର୍ବପରି ଆଉ ରଜ ପର୍ବର ଖୁସି ସେପରି ଆଉ ନାହିଁ। ସବୁଠି ଆଧୁନିକ ଶୈଳୀରେ ବିଧିକୁ ବଜାୟ ରଖିବା ପାଇଁ ଯାହା ପାଳନ ହେଉଛି। ତେବେ ଓଡ଼ିଆଙ୍କ ଜନଜୀବନ ବିଶେଷକରି ନିତିଦିନିଆ କର୍ମପ୍ରବଣ ବ୍ୟସ୍ତତା ଭିତରେ ଏହି ରଜପର୍ବ ଅନେକ ଖୁସି, ସୁଖ ଓ ଆନନ୍ଦ ବାଣ୍ଟି ଥାଏ।

ଓଡ଼ିଆଙ୍କ ଘରେ ଘରେ ପୁରପଲ୍ଲୀ ଠାରୁ ସହର ଜାତି, ଭେଦ ନିର୍ବିଶେଷରେ, ଧନୀ ଠାରୁ ଗରିବ ସମସ୍ତେ ତିନିଦିନ ଧରି ଆନନ୍ଦମୟ ଭାବେ ଏହି ପର୍ବକୁ ଖୁସିର ସହିତ ପାଳନ କରିଥାନ୍ତି। କେହି କେହି ଏହାକୁ ଓଡ଼ିଶାର ଜାତୀୟ ପର୍ବ ଭାବେ ବିଚାର କରିଥାନ୍ତି। ତେବେ ରଜ ପର୍ବ ସହିତ ମାତୃଜାତି ପ୍ରତି ସମ୍ମାନ, ମାଟି ମାଆ ଅର୍ଥାତ୍ ବସୁଧା ପ୍ରତି ଦାୟିତ୍ୱବୋଧ, ପରିବେଶ ଓ ପରମ୍ପରାକୁ ଭଲ ପାଇବା ଦ୍ୱାରା ଏହି ପାର୍ବଣ ଆମକୁ ଅନେକ ଶିକ୍ଷା ଦେଇଥାଏ। ଶରୀର ସକାଶେ ବିଶ୍ରାମ, ମନ ପାଇଁ ଆନନ୍ଦ ଓ ଆଗତ ଶସ୍ୟ ଶ୍ୟାମଳା ଧରିତ୍ରୀ ପାଇଁ ଏହି ରଜ ହିଁ ଶିକ୍ଷା ଦେଇଥାଏ। ତେଣୁ କହିବାକୁ ଗଲେ ରଜ ଉତ୍ସବ ହେଉଛି ବର୍ଷାରମ୍ଭରେ ଶସ୍ୟଗର୍ଭା ପୃଥିବୀରେ ମାତୃତ୍ୱର ସଫଳତା କାମନା ଓ ସୃଷ୍ଟିର ଜୟ ଉତ୍ସବ।

କଟକ, ମୋ : ୯୪୩୭୨୨୫୫୯୨

## ବୃତ୍ତଙ୍ଗ ଜଳସେଚନ ଯୋଜନା ବହୁବର୍ଷ ଆଗରୁ ହୋଇ ପାରିଥାନ୍ତା : କଂଗ୍ରେସ

ନୟାଗଡ଼,୧୩।୬(ନିପ୍ର): ବୃତ୍ତଙ୍ଗ ବୃହତ ଜଳସେଚନ ଯୋଜନା ୨୦୧୨ ମସିହାରୁ ପ୍ରଧାନମନ୍ତ୍ରୀ ଅର୍ଥଶାସ୍ତ୍ରୀ ଡ଼. ମନମୋହନ ସିଂ ନେତୃତ୍ୱାଧୀନ ୟୁପିଏ ସରକାର ଷ୍ଟେଜ ୱାନ ଜଙ୍ଗଲ ପରିବେଶ ମଞ୍ଜୁରୀ ଦେଲା ପରେ ଷ୍ଟେଜ ଦୁଇ କ୍ଲିୟରାନ୍ସ ପାଇଁ ୧୪ ବର୍ଷ ଲାଗିଲା । ଯଦି ଆବଶ୍ୟକୀୟ ସର୍ତ୍ତାବଳୀ ବର୍ଷେ ଦୁଇବର୍ଷ ଭିତରେ ତତ୍କାଳୀନ ରାଜ୍ୟ ସରକାର ପୂରଣ କରିଥିଲେ ବୋଧହୁଏ ବହୁପ୍ରତୀକ୍ଷିତ ବୃତଙ୍ଗ ଜଳସେଚନ ପ୍ରକଳ୍ପ ୧୪ ବର୍ଷ ତଳୁ ଜିଲ୍ଲାରେ କାର୍ଯ୍ୟକାରୀ ହୋଇପାରି ଥାନ୍ତା ବୋଲି ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ ଗଣମାଧ୍ୟମ ମାଧ୍ୟମରେ ଜିଲ୍ଲାବାସୀଙ୍କୁ ଜଣାଇଛନ୍ତି । ଜିଲ୍ଲାର ହଜାର ହଜାର ଚାଷୀଙ୍କ ସ୍ୱାର୍ଥବିରୋଧି ଏବଂ ଜୀବନଜୀବିକା ସହିତ ଷଡଯନ୍ତ୍ର ପାଇଁ ବାସ୍ତବରେ ଉତ୍ତରଦାୟୀ କିଏ ବୋଲି ପ୍ରଶ୍ନ କରିଛନ୍ତି ଡିସିସି ସଭାପତି ଶ୍ରୀ ଦାଶ । ଜିଲ୍ଲାର ୩୦୯ ଗ୍ରାମର ୨୩୩୦୦ ହେକ୍ଟର ଆୟକଟ ଚାଷଜମି ଅନ୍ତର୍ଗତ ଚାଷୀଭାଇଙ୍କ ପ୍ରତି ଅନ୍ୟାୟ କରାଯାଇ ନୟାଗଡ଼ ଜିଲ୍ଲାର କୃଷିଭିତ୍ତିକ ଅର୍ଥନୈତିକ ବିକାଶକୁ ଯୋଜନାବଦ୍ଧ ଭାବେ ୧୪ ବର୍ଷ ପଛକୁ ନିଆଯାଇଛି ଜିଲ୍ଲା କଂଗ୍ରେସ ସଭାପତି ଡବଲଇଞ୍ଜିନ ସରକାରକୁ ଟାର୍ଗେଟ କରିଛନ୍ତି । ତଥାପି ବହୁ ବିଳମ୍ବରେ ବୃତଙ୍ଗ ଜଳସେଚନ ପ୍ରକଳ୍ପ ରାଜ୍ୟ ସରକାରଙ୍କ କ୍ୟାବିନେଟ ଅନୁମୋଦନ ପାଇଥିବାରୁ ଆଦରଣୀୟ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା କଂଗ୍ରେସ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ସରକାର କହିଥିବା ୩୦ ମାସ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିବା ପାଇଁ ଶ୍ରୀ ଦାଶ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ପ୍ରକଳ୍ପ ପାଇଁ କ୍ଷତିଗ୍ରସ୍ତ ହେଉଥିବା ୫୮ ବିସ୍ଥାପିତ ଗ୍ରାମବାସୀଙ୍କୁ ଆବଶ୍ୟକୀୟ ଆଇନ ଅନୁମୋଦିତ ଥଇଥାନ କ୍ଷତିପୂରଣୀ ପ୍ରଦାନ ପାଇଁ ଜିଲ୍ଲା କଂଗ୍ରେସ ଦାବି କରିଛି ।

## ଶିଶୁ ଶ୍ରମିକ ନିରାକରଣ ପାଇଁ ଭଦ୍ରକରେ ସଚେତନତା

ଭଦ୍ରକ,୧୩।୬ (ନିପ୍ର):ଆନ୍ତର୍ଜାତୀୟ ଶିଶୁ ଶ୍ରମିକ ବିରୋଧୀ ଦିବସ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଶିଶୁ ଶ୍ରମିକ ନିରାକରଣ ଏବଂ ଶିଶୁ ଅଧିକାର ସୁରକ୍ଷା ନିମନ୍ତେ ୧୨ ଜୁନରୁ ୨୬ ଜୁନ ୨୦୨୬ ପର୍ଯ୍ୟନ୍ତ ୧୫ ଦିନିଆ "ଶିଶୁ ଶ୍ରମିକ ନିରାକରଣ ସଚେତନତା ଅଭିଯାନ" ଆରମ୍ଭ ହୋଇଛି । ଏହି ଅବସରରେ ଭଦ୍ରକ କଲେକ୍ଟରେଟ ପରିସରରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ"ର ଶୁଭାରମ୍ଭ କରାଯାଇଥିଲା । ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧିକାରୀ ଦିଲୀପ ରାଉତରାଏ ଏହି ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଆରଏମସି, ଭଦ୍ରକ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ନିୟୋଜନ ଅଧିକାରୀ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ, ଆଶିଆନା ସଂସ୍ଥାର ପ୍ରତିନିଧି, ଶିକ୍ଷକ, ଫେଲୋ, ୱାନ୍ ଷ୍ଟପ୍ ସେଣ୍ଟର, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବିଭିନ୍ନ ବଣିକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ଚାଇଲ୍ଡଲାଇନ୍, ପୋଲିସ, ସ୍ୱାସ୍ଥ୍ୟ କର୍ମଚାରୀ, ଶ୍ରମିକ ସଂଗଠନ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ ।ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ସମ୍ପର୍କରେ ଜନସଚେତନତା ସୃଷ୍ଟି ଏବଂ ଲୋକଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେବା ପାଇଁ କଲେକ୍ଟରେଟ ପରିସରରେ ଏକ ସେଲ୍‌ଫି ଷ୍ଟଲ୍ ମଧ୍ୟ ସ୍ଥାପନ କରାଯାଇଥିଲା ।ରଥ ଶୁଭାରମ୍ଭ ପରେ କଲେକ୍ଟରେଟରୁ ଶ୍ରମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ "ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା" ଅନୁଷ୍ଠିତ ହୋଇଥିଲା ।

## ବାଳ ଶ୍ରମିକ ବିରୋଧ ଦିବସ ଅବସରରେ ଆଇନ ସଚେତନତା

ଧର୍ମଗଡ,୧୩।୬ (ନିପ୍ର): ତାଲୁକ ଆଇନ ସେବା ସମିତି ଧର୍ମଗଡ ଦ୍ୱାରା ଗମ୍ଭାରୀଗୁଡା ସ୍ଥିତ ଯଶୋଦା ଅନାଥ ଆଶ୍ରମରେ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଗୁଣ୍ଡିଚା ସାମନ୍ତ ସିଂହାରଙ୍କ ଅଧ୍ୟକ୍ଷତାରେ ବିଶ୍ୱ ବାଳ ଶ୍ରମିକ ବିରୋଧୀ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସହକାରୀ ଶ୍ରମିକ ଅଧିକାରୀ ତୁଳସିରାମ ମାଝୀ, ସହକାରୀ ଜିଲ୍ଲାପାଳ ଅଜିତ କୁମାର ଶବର, ବରିଷ୍ଠ ଆଇନଜୀବୀ ଧୀରେନ୍ଦ୍ରନାଥ ପାତ୍ର, କମଳିନୀ ରଥ ଓ ଏହି ସଂସ୍ଥାର ସଭାପତି ଶ୍ୟାମସୁନ୍ଦର ଜାଲ ଓ ତାଙ୍କ ଧର୍ମପତ୍ନୀ କସ୍ତୁରୀ ଜାଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଶ୍ରୀ ସାମନ୍ତସିଂହାର କହିଥିଲେ ଯେ ଶିଶୁ ଶ୍ରମିକର ହାର ବଢିବା ପଛରେ ନିରକ୍ଷରତା, ଦାରିଦ୍ର୍ୟ ଓ ସଚେତନତାର ଘୋର ଅଭାବ ବୋଲି କହିଥିଲେ । ସେ ଶିଶୁ ମାନଙ୍କୁ ଅନ୍ୟାୟ ଅତ୍ୟାଚାର ସହିବା ଏକ ବଡ଼ ଅପରାଧ ବୋଲି କହିଥିଲେ ଓ ଯଦି କେହି ଏପରି ପରିସ୍ଥିତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ କହିଥିଲେ । ସେ ଶିଶୁମାନଙ୍କର ବିଭିନ୍ନ ଅଧିକାର ଯଥା ମାଗଣା ଶିକ୍ଷା, ବଞ୍ଚିବାର ଅଧିକାର, ସୁରକ୍ଷା ଅଧିକାର ବିଷୟରେ କହିଥିଲେ । ଏହି ସଭାରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ସହକାରୀ ଶ୍ରମିକ ଅଧିକାରୀ ଶ୍ରୀ ମାଝୀ ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ବିରୋଧ କରିବା ପାଇଁ ସରକାରଙ୍କ ତରଫରୁ ନିଆଯାଉଥିବା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ଶ୍ରମିକ । ସେ କହିଥିଲେ ଯେ ଶିଶୁକୁ କାମ ନୁହେଁ କଲମ ଦେବା, ଶ୍ରମ ନୁହେଁ ଶିକ୍ଷ୍ୟା ଦେବା । ଏହି ସଭାକୁ କମଳିନୀ ରଥ ପରିଚାଳନା କରିଥିଲେ ଓ ଶ୍ୟାମ ସୁନ୍ଦର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ଶିଶୁଶ୍ରମ ବିରୋଧ ଦିବସ ପାଳିତ

ଶେରଗଡ, ୧୩।୬ (ନିପ୍ର); ଭିଉଜ୍ ଇଣ୍ଡିଆ ଅନୁଷ୍ଠାନ ଓ ରେଷ୍ଟଲେସ ଡେଭଲପମେଣ୍ଟର ମିଳିତ ଆନୁକୂଲ୍ୟରେ ବ୍ଲକ ସଭାଗୃହରେ ବିଶ୍ୱ ଶିଶୁଶ୍ରମ ବିରୋଧ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ବକ୍ତା ଭାବରେ ଶେରଗଡ଼ ବ୍ଲକର, ବିଡ଼ିଓ ତୃପ୍ତିମୟୀ ଜେନା, ସିଡ଼ିପିଓ ମମତାଞ୍ଜଳୀ ପଣ୍ଡା ଉପସ୍ଥିତ ରହିଥିଲେ । ଏହା ବ୍ୟତୀତ ଅନ୍ୟାନ୍ୟ ଅତିଥି ବୃନ୍ଦ ଉପସ୍ଥିତ ରହିଥିଲେ । ସେଥି ମଧ୍ୟରୁ ପିଇଓ ଶଙ୍କର ପ୍ରସାଦ ସାବତ, ସିନିୟର୍ ସୁପରଭାଇଜର ବାସନ୍ତୀ ଦାସ, ଜିପିଡିଓ ଜିତେନ୍ଦ୍ର ପଟ୍ଟନାୟକ ଏବଂ ତା ସହ ଶେରଗଡ଼ ବ୍ଲକର ସିଆର୍‌ପି, ଏମ୍‌ବିକେ, ଇସି ମେମ୍ବର ମାନେ ଥିଲେ, ତା ସହ ପାଖା ପାଖି ଅଞ୍ଚଳରେ ରହିଥିବା ବିଭିନ୍ନ କଲେଜ ଓ ସ୍କୁଲର ଛାତ୍ରୀଙ୍କ ସହ ତାଙ୍କ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହିଥିଲେ । ଏହି ଦିବସ ଉପଲକ୍ଷେ, ଦୀର୍ଘ ଦୁଇଦିନ ଧରି ସରକାରୀ ସ୍କୁଲର ଛାତ୍ରୀ ମାନେ ଶେରଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ୱାଲ୍ ପେଣ୍ଟିଂ କରିଥିଲେ । ଯାହାର ପୁରସ୍କାର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶେରଗଡ ବ୍ଲକ୍ ବିଡିଓଙ୍କ ଦ୍ୱାରା ବିତରଣ କରା ଯାଇଛି । ଏଥିରେ ମୋଟ୍ ୮୦ରୁ ଊର୍ଦ୍ଧ୍ୱ ଲୋକମାନେ ଅଂଶ ଗ୍ରହଣ କରିଥିଲେ । ଏଥିରେ ଭିୟୁଜ ଅନୁଷ୍ଠାନରେ କାର୍ଯ୍ୟରତ ଥିବା ଏଜୁକେସନ୍ ପ୍ରୋଜେକ୍ଟର, ପ୍ରୋଜେକ୍ଟ ଲିଡ୍ ପ୍ରେରଣା ମେହେରଙ୍କ ସହ ମହାପ୍ରସାଦ ମହାପାତ୍ର, ବର୍ଷା ପାତ୍ର, ପ୍ରିୟଙ୍କା ସାହୁ, ସଙ୍ଗୀତା ମହାରଣା, ବନ୍ଦନା ସାହୁ ଓ ଅନିତା ଚାନ୍ଦ ୟୁଥ୍ ଫେସିଲିଟେଟରମାନେ ଉପସ୍ଥିତ ରହିଥିଲେ ।

## ଓଏଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ରୋଜାଲିନଙ୍କୁ ସମ୍ବର୍ଦ୍ଧନା

ଚାରିଛକ,୧୩।୬ (ନିପ୍ର): ଚାରିଛକ ନିକଟସ୍ଥ ବାହାରଣା ନୀଳମଣି ସ୍ମୃତି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରମେଶ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସିଭିଲ ସର୍ଭିସେସ ପରୀକ୍ଷାରେ ୧୦୦ତମ ର୍ୟାଙ୍କ ରଖି କୃତିତ୍ୱ ହାସଲ କରିଥିବା ଏହି ଅନୁଷ୍ଠାନର ଗୌରବମୟୀ ପୁରାତନ ଛାତ୍ରୀ ରୋଜାଲିନ ପ୍ରିୟଦର୍ଶିନୀ ରାଉତଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧନା ସଭାର ଶୁଭାରମ୍ଭ କରିଥିଲେ । ବିଦ୍ୟାପୀଠ ପକ୍ଷରୁ କୃତୀ ଛାତ୍ରୀ ରୋଜାଲିନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ସଫଳତା ପାଇଁ ଆଶୀର୍ବାଦ ପ୍ରଦାନ କରିଥିଲେ ।

ନିଜ ଅନୁଷ୍ଠାନର ଜଣେ ଛାତ୍ରୀ ଏଭଳି ଗୌରବ ଆଣିଦେଇଥିବାରୁ ସମଗ୍ର ଶିକ୍ଷା ଅନୁଷ୍ଠାନ ତଥା ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ନିଜ ପ୍ରତିକ୍ରିୟାରେ କୃତୀ ଛାତ୍ରୀ ରୋଜାଲିନ କହିଛନ୍ତି ଯେ, 'ମୋର ଏହି ସଫଳତା ପଛରେ ପିତାମାତାଙ୍କ ପ୍ରେରଣା ସହିତ ମୁଁ ଶିକ୍ଷାଲାଭ କରିଥିବା ନୀଳମଣି ସ୍ମୃତି ବିଦ୍ୟାପୀଠର ସମସ୍ତ ଗୁରୁଜୀ ଓ ଗୁରୁମାଙ୍କ ଆଶୀର୍ବାଦ ରହିଛି । ଆଗାମୀ ଦିନରେ ମୋର ଏହି ପ୍ରିୟ ବିଦ୍ୟାଳୟର ଉନ୍ନତି ଦିଗରେ ମୁଁ ସହଯୋଗ କରିବି ।

### ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

# ଏଣିକି କେହି ଭୋକିଲା ଶୋଇବେନି, ଦୂର ହେବ ଖାଦ୍ୟ ସମସ୍ୟା

ଯାଜପୁର,୧୩।୬ (ନିପ୍ର): ରାଜ୍ୟରେ ନୂତନ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମର ଉଦଘାଟନ ହୋଇଛି । ଏହି ଅବସରରେ ରାଜ୍ୟରୁ କ୍ଷୁଧା ନିବାରଣ ଏବଂ ପ୍ରତ୍ୟେକ ଗରିବ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଗାଇଦେବା ଲକ୍ଷ୍ୟ ନେଇ ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ ହୋଇଛି । ଯାଜପୁରରେ ସଂସ୍କୃତି ଭବନଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀଗଣ ଏବଂ ଜନସାଧାରଣ ଯୋଗ ଦେଇଥିଲେ । ଏହି ଯୋଜନାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ମାସିକ ମୁଣ୍ଡପିଛା ଅତିରିକ୍ତ ୫ କିଲୋ ଚାଉଳ ବଣ୍ଟନ କରାଯିବ । ପୂର୍ବରୁ କେବଳ ୫ କିଲୋ ଚାଉଳ ମିଳୁଥିବା ବେଳେ ଏଣିକି ଏପ୍ରିଲ ୨୦୨୬ ରୁ ପ୍ରତି ମାସରେ ମୁଣ୍ଡପିଛା ୧୦ କିଲୋ ଚାଉଳ ସମ୍ପୂର୍ଣ୍ଣ



ମାଗଣାରେ ପ୍ରଦାନ କରାଯିବ । ଏହି ଯୋଜନା ଅଧୀନରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ - ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ସମସ୍ତ ଯୋଗ୍ୟ ରାସନ କାର୍ଡଧାରୀଙ୍କୁ ସେମାନଙ୍କ ନିୟମିତ ପ୍ରାପ୍ୟ ବ୍ୟତୀତ ମାସିକ ହିତାଧିକାରୀ ପିଛା ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ବିନା ମୂଲ୍ୟରେ ବଣ୍ଟନ କରାଯିବ । ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କହିଥିଲେ ଯେ, ଦାରିଦ୍ର୍ୟ ଓ କ୍ଷୁଧା ଦୂରୀକରଣ ଦିଗରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଏକ ମାଇଲଖୁଣ୍ଟ ହେବ । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ସରକାର ଅତିରିକ୍ତ ଖାଦ୍ୟ ସୁରକ୍ଷା ଗ୍ୟାରେଣ୍ଟି ସୁନିଶ୍ଚିତ କରିଛନ୍ତି ବୋଲି ସାଂସଦ କହିଛନ୍ତି । ଉତ୍ସବ ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିଲା । ଏଥିସହ ମହିଳା ଏବଂ ଶିଶୁ ବିକାଶ ବିଭାଗର 'ପୋଷଣ ଯୋଜନା' ଅଧୀନରେ ଅଙ୍ଗନୱାଡ଼ି କର୍ମଚାରୀ, ସୁପରଭାଇଜରମାନଙ୍କୁ ସଶକ୍ତ ଓ ଡିଜିଟାଲ୍ ଦୁନିଆ ସହ ଯୋଡ଼ିବା ପାଇଁ ୧୦ ଟି ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଥିଲା । ଏହି ଅବସରରେ ରାଜ୍ୟ ସରକାରଙ୍କ ଗତ ଦୁଇ ବର୍ଷରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ସଫଳତାକୁ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ଏକ ଡକ୍ୟୁମେଣ୍ଟାରୀ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା । ଯାଜପୁର ଜିଲ୍ଲାର ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀମାନେ ମଧ୍ୟ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ ।

ଅତିରିକ୍ତ ୫ କେଜି ଚାଉଳ ମିଳିବାକୁ ନେଇ ସେମାନେ ଖୁସି ବ୍ୟକ୍ତ କରିବା ସହ ରାଜ୍ୟ ସରକାରଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋରୁ ବୋଝେଇ ଭ୍ୟାନ ଜବତ

ଭାପୁର,୧୩।୬ (ନିପ୍ର): ନୟାଗଡ଼ ଜିଲ୍ଲାରେ ଆରକ୍ଷୀ ଅଧୀକ୍ଷକ ରୂପେ ଏସ.ସୁଶ୍ରୀ ଯୋଗଦେବା ଦିନ ଠାରୁ ଜିଲ୍ଲାର ୮ ଗୋଟି ବ୍ଲକରେ ଅପରାଧ ନିୟନ୍ତ୍ରଣ ଢିଲା ହେବା ସହିତ ଅପରାଧୀ ମାନେ ଖୁଲାମଖୁଲା ପୋଲିସକୁ ଚ୍ୟାଲେଞ୍ଜ ମାରି ଅପରାଧିକ ଘଟଣା ଘଟେଇ ଚାଲିଥିଲେ ।ବର୍ତ୍ତମାନ ନୂତନ ଭାବରେ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ପାତ୍ର ଯୋଗଦେବାର ପ୍ରଥମ ଦିନ ଠାରୁ ଅପରାଧକୁ ନିୟନ୍ତ୍ରଣ କରି ଅପରାଧୀକୁ ସାବାଡ଼ କରିବା ଦୈନନ୍ଦିନ ଘଟଣା ଘଟୁଛି ।ଜିଲ୍ଲାର ସମସ୍ତ ଥାନାକୁ ନିଜ ନିୟନ୍ତ୍ରଣରେ ରଖି ପରିଚାଳନା କରୁଥିବାରୁ ଅପରାଧୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି ।ଅତୀତରେ ଫତେଗଡ଼ ଥାନା ଅଞ୍ଚଳ ଦେଇ ଦୈନନ୍ଦିନ ଟ୍ରିପ ଟ୍ରିପ ଗୋରୁ ଚାଲାଣ ହେଉଥିବା ବେଳେ ପୋଲିସ ନିରବଦ୍ରଷ୍ଟା ସାଜିଥିଲା ।ଏହି ପରିପ୍ରେକ୍ଷୀରେ, ଫତେଗଡ଼ ଥାନା ନିକଟ ୪୮ ନମ୍ବର ରାଜ୍ୟ ରାଜପଥରେ ଯାଉଥିବା ଏକ ଚୋରା ଗୋରୁ ବୋଝେଇ ପିକଅପ ଭ୍ୟାନ (ଓଡି ୩୩ ଭି ୪୧୧୨) ଦୁର୍ଘଟଣା ଗ୍ରସ୍ତ ହୋଇ ଅଟକି ଥିବାବେଳେ ଫତେଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଗାଡିର ଚାଳକ ଫେରାର ହୋଇଯାଇଥିବାବେଳେ ପୋଲିସ ଭ୍ୟାନକୁ ଜବତ କରି ଥାନାକୁ ଆଣିଥିଲେ ଏବଂ ଜବତ ୬ଟି ଗୋରୁଙ୍କୁ କାଚେରାସାହି ଗୋଶାଳା କୁ ପଠା ଯାଇଥିଲା ।

## ଆସିକା ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ଚୋରା ନିଶା କାରବାର ବୃଦ୍ଧି

ଆସିକା,୧୩।୬ (ନିପ୍ର): ଆସିକା ଅବକାରୀ ବିଭାଗ ନିଘୋଡ଼ ନିଦ୍ରାରେ ଥିବା ବେଳେ ଆସିକା ପୋଲିସ ସକ୍ରିୟ ଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରକାଶ ଥାଉକି ଗଞ୍ଜାମ ଜିଲ୍ଲାର ୨ୟ ବୃହତ୍ତମ ସହର ହେଉଛି ଆସିକା । ଆସିକା ତଥା ଏହାର ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ଦିନକୁ ଦିନ ଚୋରା ନିଶା କାରବାର ଅହେତୁକ ଭାବେ ବୃଦ୍ଧି ପାଇବାକୁ ଲାଗିଛି ଏହିପରିକି ପାନ ଦୋକାନ, ଫାଷ୍ଟଫୁଡ, ଜଳଖିଆ ଦୋକାନ,ଔଷଧ ଦୋକାନରେ ମଧ୍ୟ ଚାଲିଛି ଚୋରାରେ ନିଶା ଦ୍ରବ୍ୟର ଅବାଧ କାରବାର । ସ୍ଥାନୀୟ ଅବକାରୀ ବିଭାଗ ଏବଂ ନିଶା ମାଫିଆଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ଲକ୍ଷ ଲକ୍ଷ ଟଙ୍କାର ନିଶାଦ୍ରବ୍ୟ ବେପାର । ସନ୍ଧ୍ୟା ହେଲେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ନିକଟବର୍ତ୍ତୀ ଗ୍ରାମାଞ୍ଚଳର ବିଭିନ୍ନ ସାହି ବସ୍ତିରେ ନିଶାଖୋର ମାନଙ୍କ ଆଡ୍ଡା ଜମୁଥିବା ଦେଖିବାକୁ ମିଳୁଛି । ଗ୍ରାମର ଅନ୍ଧାର ଗଳି ରାସ୍ତା ସହ ବିଭିନ୍ନ ପାନ ଦୋକାନ, ଚାହା ଦୋକାନ, ରେଷ୍ଟୁରାଣ୍ଟ, ରେଷ୍ଟସେଡ,ନଦୀ ରାସ୍ତା ଓ ଶ୍ମଶାନ ଓ ମାଟି ପ୍ରସ୍ତୁତ ଇଟାଭାଟି ନିକଟବର୍ତ୍ତୀ ସ୍ଥାନ ଗୁଡିକ ସହ ସହର କଡ଼ରେ ଥିବା ସିମେଣ୍ଟ ଚେୟାର ଉପରେ ବସି ଖୁଲୁମଖୁଲା ନିଶାଦ୍ରବ୍ୟ ସେବନ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି । ନିଶାସକ୍ତ ଅବସ୍ଥାରେ ବିଭିନ୍ନ ସମୟରେ ସାଧାରଣରେ ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ଉଚ୍ଚବାଚ ହେବା ଏବେ ନିତିଦିନିଆ ଘଟଣା ପାଲଟିଛି । ନିଶା ସେବନରେ ଆସକ୍ତି ହୋଇ ଯୁବପିଢି ପଥଭ୍ରଷ୍ଟ ହେବା ସହ ନିଶା ଖାଇବା ପାଇଁ ଅପରାଧିକ କାର୍ଯ୍ୟ ଭିଆଇବାରେ ସାମାନ୍ୟତମ କୁଣ୍ଠାବୋଧ ମଧ୍ୟ ପ୍ରକାଶ କରୁନାହାନ୍ତି ।ଉଚ୍ଚ ଅଧିକାରୀଙ୍କ ଆଦେଶକୁ ପାଳନ କରି ସ୍ଥାନୀୟ ଅବକାରୀ ଅଧିକାରୀ ଛୋଟ କାଟିଆ ନିଶା ବେପାରୀଙ୍କୁ ଧରି ଲକ୍ଷ୍ୟ ପୂରଣ କରୁଥିଲା ବେଳେ ବଡ଼ ବଡ଼ ବେପାରୀଙ୍କ ହାତ ବାରିସୀ ପାଲଟିଛନ୍ତି ।ପ୍ରକାଶ ଥାଉକି ଆସିକା ଅବକାରୀ ଥାନା ଇଲାକାର ଅନେକ ସ୍ଥାନରେ ଚୋରାରେ ରନ୍ଧା ମଦ ପ୍ରସ୍ତୁତ ହେଉଥିବା ଆସିକା ପୋଲିସ ପାଖରେ ଖବର ରହିଥିବା ବେଳେ ଅବକାରୀ ବିଭାଗ କରିବା କାମ ପୋଲିସ କୁ କରିବାକୁ ପଡୁଛି । ଗତ କିଛି ଦିନ ତଳେ ପୋଲିସ ଚୋରି ମୋଟର ସାଇକେଲ ରାକେଟ ଠାବ କରିଲା ବେଳେ ପୋଚ ଏବଂ ଦେଶୀ ମଦକୁ ଦେଖି ୨ ହଜାର ଲିଟର ପୋଚ ନଷ୍ଟ କରିବା ସହ ଦେଶୀ ମଦ ଜବତ କରିଥିବା ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଥିଲେ । ହେଲେ ଆସିକା ରେ ଅବକାରୀ ଥାନା, କର୍ମଚାରୀ ଥିଲେ ମଧ୍ୟ ଆସିକାର ବିଭିନ୍ନ ଅଂଚଳରେ ଚୋରା ରେ ପୋଚ ଏବଂ ଦେଶୀ ମଦ ପ୍ରସ୍ତୁତ ହେଉଥିଲେ ମଧ୍ୟ ବେଆଇନ ମଦକୁ ବନ୍ଦ କରିବା କିମ୍ବା ଚଢ଼ାଉ କରିବା ଦେଖିବାକୁ ମିଳୁନାହିଁ । ଆସିକା ଅବକାରୀ ବିଭାଗ ନିଷ୍କ୍ରିୟ କାହିଁକି ବୋଲି ସହରରେ ଚର୍ଚ୍ଚା ହେଉଛି । ଆସିକା ଅବକାରୀ ଇଲାକାର ଏରଗୋଲା ବସ୍ତି ତଥା ପାକଲାପଲ୍ଲୀ, ଗଣ୍ଡପଲ୍ଲୀ, ଠେଙ୍ଗାପଲ୍ଲୀ, ବାଲିସିରା, ରାଜସ୍ୱ ଡ଼ାକ ବଙ୍ଗଳା ଭଳି ଅନେକ ସ୍ଥାନରେ ମଦ ପ୍ରସ୍ତୁତ ଏବଂ ପୋଚ ଗଚ୍ଛିତ ଥିବା ଶୁଣିବାକୁ ମିଳୁଛି ।

ଜିଲ୍ଲାପ୍ରଶାସନ ପକ୍ଷରୁ ଏହି ବସ୍ତି ଅଂଚଳରେ ମଦ ପ୍ରସ୍ତୁତି ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଛାତ୍ର ନିରୁଦ୍ଦିଷ୍ଟ ମାମଲାରେ ମାଆ ରଚିଲା ପୁଅର ଅପହରଣ ନାଟକ

ଭାପୁର,୧୩।୬ (ନିପ୍ର): ପଦ୍ମାବତୀ ପଂଚାୟତ ଝଗଡ଼ପଡା ଗ୍ରାମର ସୁଶାନ୍ତ ନାୟକଙ୍କ ପୁଅ ଆଦିତ୍ୟ ନାୟକ (୧୧) ଭାପୁର ପୂର୍ଣ୍ଣାଙ୍ଗ ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରେ । ସେ ସବୁଦିନ ପରି ଗତ ଶୁକ୍ରବାର ଦିନ ସକାଳ ସମୟରେ ପଦ୍ମାବତୀ ଗ୍ରାମକୁ ଟିୟୁସନ କରିବା ପାଇଁ ଆସି ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ବହୁ ଖୋଜାଖୋଜି କରିବାପରେ ନ ମିଳିବାରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଫତେଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସି କ୍ୟାମେରା ଯାଞ୍ଚ ସହିତ ସମସ୍ତ ଦିଗକୁ ନେଇ ତଦନ୍ତ କରିବା ପରେ ଜଣାପଡିଲା ଯେ,ବାଇକରେ ଦୁଇ ଜଣ ପୁରୁଷ ଓ ମହିଳା ମୁହଁରେ ରୁମାଲ ଭିଡି ଆସି ଛାତ୍ରକୁ ଅପହରଣ କରି ନେଇଛନ୍ତି ।ଏହି ଅପହରଣ ନାଟକ ନିଜ ମାଆ ରଚିଥିବା ଗ୍ରାମବାସୀଙ୍କ ଠାରୁ ପ୍ରକାଶ ।

## ଚାମେଲୀ ଓଝାଙ୍କ ଘଟଣାକୁ ନେଇ ଏସ୍‌ପିଙ୍କୁ ଭେଟିଲା ଜିଲ୍ଲା ସରପଞ୍ଚ ସଂଘ

ମହାକାଳପଡ଼ା,୧୩।୬ (ନିପ୍ର): ତିଖିରି ପଞ୍ଚାୟତ ସରପଞ୍ଚ ଚାମେଲୀ ଓଝାଙ୍କୁ କେନ୍ଦ୍ର କରି ଘଟିଥିବା ବିବାଦୀୟ ଘଟଣା ଏବେ ଜିଲ୍ଲା ରାଜନୀତି ଓ ପ୍ରଶାସନିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଘଟଣାକୁ ନେଇ ଆଜି ଜିଲ୍ଲା ସରପଞ୍ଚ ସଂଘର ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଏସପି ଶ୍ରୀ ସିଦ୍ଧାର୍ଥ କଟାରିୟାଙ୍କୁ ଭେଟି ନ୍ୟାୟସଙ୍ଗତ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସୂଚନା ଅନୁଯାୟୀ, ଗତକାଲିର ଘଟଣାକୁ ନେଇ ମହାକାଳପଡ଼ା ବିଡିଓଙ୍କ ଅଭିଯୋଗ କ୍ରମେ ମହାକାଳପଡ଼ା ଥାନାରେ ୧୭୦/୨୬ ନମ୍ବର ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ପକ୍ଷରୁ ମଧ୍ୟ ୧୭୧/୨୬ ନମ୍ବରରେ ଆଉ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ଏସପି ଶ୍ରୀ କଟାରିୟା କହିଛନ୍ତି ଯେ, ଚାମେଲୀ ଓଝାଙ୍କ ସହ ପୋଲିସ କୌଣସି ଦୁର୍ବ୍ୟବହାର କରିନାହିଁ । ସମଗ୍ର ଘଟଣାର



ତଦନ୍ତ ସିସିଟିଭି ଫୁଟେଜ ଆଧାରରେ କରାଯାଉଛି ଏବଂ ଫୁଟେଜରେ ଯାହା ତଥ୍ୟ ସାମ୍ନାକୁ ଆସିବ, ସେହି ଅନୁଯାୟୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ । ସରପଞ୍ଚ ସଂଘର ପକ୍ଷରୁ ଦାବି କରାଯାଇଛି ଯେ, ଘଟଣା ସମୟରେ ଚାମେଲୀ ଓଝାଙ୍କ ହାତରୁ ମୋବାଇଲ ଫୋନ ଛଡ଼ାଇ ନେବାକୁ ଚେଷ୍ଟା କରିଥିବା ଯୁବକଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଏହାର ଉତ୍ତରରେ ଏସପି କହିଛନ୍ତି ଯେ, ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ଏବଂ ଚାମେଲୀ ଓଝା ଯଦି ଅନ୍ୟ କାହାର ନାମରେ ଏଫଆଇଆର ଦାଖଲ କରନ୍ତି, ତେବେ ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ । ସେ ଅଭିଯୋଗ କରିଛନ୍ତି ଯେ, ମହାକାଳପଡ଼ା

ବିଧାୟକ ତାଙ୍କଠାରୁ ଅର୍ଥ ଆଶା କରୁଥିଲେ ଏବଂ ସେ ତାହା ଦେଇପାରିନଥିବାରୁ ତିଖିରି ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଏହି ସମ୍ପର୍କରେ ବିଡିଓଙ୍କୁ ପଚାରିବା ପାଇଁ ସେ ଯାଇଥିବା ବେଳେ କିଛି ଯୁବକ ତାଙ୍କୁ ଭିଡିଓ ଉତ୍ତୋଳନ କରିବାରୁ ବାରଣ କରିଥିଲେ ବୋଲି କୁହାଯାଇଛି । ଏପରିକି ଘଟଣାସ୍ଥଳକୁ ପହଞ୍ଚିଥିବା ପୋଲିସ ତାଙ୍କୁ ସହଯୋଗ କରିବା ପରିବର୍ତ୍ତେ ଦୁର୍ବ୍ୟବହାର କରିଥିବା ସେ କହିଛନ୍ତି ।

## କେବେ କାର୍ଯ୍ୟକ୍ଷମ ହେବ ଟିପି ସଦର୍ଣ୍ଣ ଓଡିଶା ଡିସଟ୍ରିବ୍ୟୁସନ ଲିମିଟେଡ୍ ପ୍ରକଳ୍ପ ?

କାଶୀନଗର,୧୩।୬ (ନିପ୍ର): ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ କାଶୀନଗର ବ୍ଲକ ଅନ୍ତର୍ଗତ କେ ସୀତାପୁର ପଞ୍ଚାୟତ ଅଧୀନରେ ଥିବା ଛମାଇଲ ଗ୍ରାମ ନିକଟରେ ଥିବା ଟିପି ସଦର୍ଣ୍ଣ ଓଡିଶା ଡିସଟ୍ରିବ୍ୟୁସନ ଲିମିଟେଡ୍ ପ୍ରକଳ୍ପକୁ ଗସ୍ତ କରି ଅନୁଧ୍ୟାନ କରିଥିଲେ । ଏହି ପ୍ରକଳ୍ପ ୫କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ପ୍ରାୟ ଦଶ ବର୍ଷ ହେଲା ନିର୍ମାଣ ସରିଛି । କିନ୍ତୁ କାର୍ଯ୍ୟକ୍ଷମ ହୋଇ ପାରୁନି କାହିଁକି ସେ ବିଷୟରେ ବିଧାୟକ ଶ୍ରୀ ପାଣିଗ୍ରାହୀ କାଶୀନଗର ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ସହ ନିଜେ ପ୍ରତ୍ୟକ୍ଷ ଭାବେ ଆଲୋଚନା କରି ଅନୁଧ୍ୟାନ କରିଥିଲେ । ଏହି ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳର ପ୍ରାୟ ପଚାଶ ଗ୍ରାମକୁ ବିଦ୍ୟୁତ ସରବରାହ ହୋଇପାରିବ ସେଥିପାଇଁ ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ବିହିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ବୃଦ୍ଧି ପାଉଛି ଖଣିଜ ପଦାର୍ଥ ଚୋରାଚାଲାଣ: ନୀରବ ସାଜିଛି ଖଣି ବିଭାଗ !

### ପୁଲିସର ଚଢ଼ାଉ, ୬ ବାଲି ଓ ପଥର ବୋଝେଇ ହାଇୱା, ଟିପ୍ପର ଓ ଟ୍ରାକ୍ଟର ଜବତ

ହିଞ୍ଜିଳିକାଟୁ, ୧୩।୬ (ନିପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଓ ଆସିକା ଅଞ୍ଚଳରେ ବେଧଡକ ଭାବେ ଚାଲି ଖଣିଜ ପଦାର୍ଥ ଚୋରାଚାଲାଣ । ପ୍ରଶାସନ ପକ୍ଷରୁ ଚଢାଉ କରାଯାଉଥିଲେ ମଧ୍ୟ ମାଫିଆ ମାନେ ପ୍ରଶାସନକୁ ଖାତିର ନକରି ରାତିଅଧିଆ ବେଆଇନ ଭାବେ ବାଲି ଓ ପଥର ଚୋରାଚାଲାଣ କରୁଥିବା । ନିତିଦିନିଆ ଘଟଣା ପାଲଟିଛି । ଗୋଟିଏ ପଟେ ପୁଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ କରାଯାଉଥିଲେ ମଧ୍ୟ ପ୍ରଶାସନକୁ ଚକମା ଦେଖାଇ ବାଲି, ମୋରମ ଓ ପଥର ମାଫିଆମାନେ ଚୋରାଗଳା ବାଟ ଦେଇ ବେଆଇନ ଭାବେ ବାଲି, ପଥର ଓ ମୋରମ ଚୋରା ଚାଲାଣ କରୁଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ଖଣି ବିଭାଗୀୟ ଅଧିକାରୀ ମାନେ ନିରବ ସାଜି ପରୋକ୍ଷରେ ବାଲି ଓ ପଥର ମାଫିଆଙ୍କୁ ସୁଯୋଗ ଦେଉଥିବା ଚର୍ଚ୍ଚା ଜୋର ଧରିଛି । ସରକାରଙ୍କ ବାର୍ଷିକ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଥିବା ବେଳେ ମାଫିଆ ମାନେ କିଛି ଜନପ୍ରତିନିଧି ଓ ଖଣି ବିଭାଗର କିଛି ତଳିଆ କର୍ମଚାରୀଙ୍କୁ



ହାତବାରିସୀ କରି ରାତିଅଧିଆ ବେଆଇନ ଭାବେ ଖଣିଜ ପଦାର୍ଥ ଲୁଟି ନେଉଛନ୍ତି । ଗୁରୁବାର ହିଞ୍ଜିଳି ପୁଲିସ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଛି । ହିଞ୍ଜିଳି ଥାନା ପିତଳ ସମେତ ସ୍ଥାନୀୟ ପୌରାଞ୍ଚଳ ଖଣ୍ଡରା ଛକ, ହିଞ୍ଜିଳିକାଟୁ - ତାରାତାରିଣୀ ମୁଖ୍ୟ ରାସ୍ତା ଦେଇ ବେଆଇନ ଭାବେ ବାଲି ଓ ପଥର ଚୋରାଚାଲାଣ ହେଉଥିବା ୨ଟି ପଥର ବୋଝେଇ ହାଇୱା (ଓଡି୦୭ ଏଏମ୍ ୧୯୧୫ ଓ ଓଡି୦୭ ଏଏମ୍ ୧୯୭୭) ୨ଟି ବାଲି ବୋଝେଇ ହାଇୱା(ଓଡି୦୭ ବିବି ୩୧୧୯, ଓଡି୦୭ଡି ୩୫୪୩),ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର (ଓଡି୩୨ଜି ୬୧୧୯ )ଓ ଅନ୍ୟ ଗୋଟିଏ ବାଲି ବୋଝେଇ ଟିପ୍ପର (ଓଆର୧୪ ୟୁ ୦୫୧୮)କୁ ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ ବିନା ଟ୍ରାଞ୍ଜିଟ୍ ପାସରେ ବେଆଇନ ଭାବେ ବାଲି ଓ ପଥର ଚୋରାଚାଲାଣ କରାଯାଉଥିବା ଜଣାପଡିଥିଲା । ପୁଲିସ ସଂପୃକ୍ତ ୬ଟି ବାଲି ଓ ପଥର ବୋଝେଇ ହାଇୱା ଓ ଟ୍ରାକ୍ଟର ଗୁଡିକୁ ଜବତ କରିବା ସହ ଚାଳକ ମାନଙ୍କୁ ଅଟକ ରଖିଛି । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୪୦୨, ୪୦୬, ୪୦୭, ୪୦୮, ୪୧୧ ଓ ୪୧୨/୨୬ ରେ ୬ ଟି ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି । ଚଢ଼ାଉରେ ଥାନା ଏସଆଇ ସୁରେଶ କୁମାର ସାହୁ, ରଶ୍ମିରଞ୍ଜନ ସାମଲ, ଧରିତ୍ରୀ ବିଶ୍ୱାଳ, ଏଏସଆଇ ସ୍ୱଦେଶ ଦାଶ, ଅନନ୍ତ ଶବର, ଜ୍ୟୋତ୍ସ୍ନା ସାହୁ, କନେଷ୍ଟବଳ ମିନତି ମହାଙ୍କୁଡ, ସୁଶାନ୍ତ ନାହାକ, ନରେଶ ପ୍ରଧାନ , ନରେନ୍ଦ୍ର ଶବର, ଶ୍ୟାମ କୁମାର, ବିରେନ୍ଦ୍ର ମଣ୍ଡଳ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।ଚୋରାଚାଲାଣ କରୁଥିବା ଗାଡି ମାଲିକ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି ।

## ଫ୍ରାନ୍ସ, ସ୍ଲୋଭାକିଆ ଗସ୍ତରେ ମୋଦି

# ଜି-୭ ସମ୍ମିଳନୀରେ ଯୋଗ ଦେବେ

ନୂଆଦିଲ୍ଲୀ,୧୩/୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସପ୍ତାହବ୍ୟାପୀ ଫ୍ରାନ୍ସ ଏବଂ ସ୍ଲୋଭାକିଆ ଗସ୍ତ ଆଜିଠାରୁ ଆରମ୍ଭ ହୋଇଛି। ଏହି ଗସ୍ତ ଅବସରରେ ମୋଦୀ ଜି-୭ ସମ୍ମିଳନୀରେ ଯୋଗ ଦେବେ ଏବଂ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗରେ ବିଶ୍ୱ ନେତାମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଫ୍ରାନ୍ସ ଏବଂ ସ୍ଲୋଭାକିଆ ଗସ୍ତ ପାଇଁ ଆଜି ଦେଶରୁ ଉଡ଼ାଣ କରିବା ସମୟରେ ମୋଦୀ କହିଥିଲେ, ଫ୍ରାନ୍ସ ଭାରତର ରଣନୀତିକ ଦୃଷ୍ଟିକୋଣରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି। ଚଳିତ ବର୍ଷ ଆରମ୍ଭରେ ରାଷ୍ଟ୍ରପତି ମାକ୍ରନ ଭାରତ ଗସ୍ତ କରିଥିଲେ ଏବଂ ଏକ ସ୍ୱତନ୍ତ୍ର ବୈଶ୍ୱିକ ରଣନୀତିକ ସହଭାଗିତା ଦିଗରେ ଆମେ ଆମ ସମ୍ପର୍କକୁ ଅଧିକୁ ସୁଦୃଢ଼ କରିଛୁ। ରାଷ୍ଟ୍ରପତି ମାକ୍ରନଙ୍କୁ ମୁଁ ନିସରେ ଭେଟିବା ସମୟରେ ଆମେ ଫେବ୍ରୁଆରିରୁ ଆରମ୍ଭ ହୋଇଥିବା ପ୍ରଗତିକୁ ସମୀକ୍ଷା କରିବୁ ଏବଂ ଉଭୟ ରାଷ୍ଟ୍ର ମଧ୍ୟରେ ସହଯୋଗ କ୍ଷେତ୍ରରେ ପରବର୍ତ୍ତୀ ପଦକ୍ଷେପ ସଂକ୍ରାନ୍ତରେ ଆଲୋଚନା କରିବୁ ବୋଲି ମୋଦୀ କହିଛନ୍ତି । ତେବେ ୧୯୯୩ ରେ ସ୍ଲୋଭାକିଆକୁ ସ୍ୱାଧୀନତା ମିଳିବାପରେ ପ୍ରଥମ ଥର ପାଇଁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ଏହି ରାଷ୍ଟ୍ରକୁ ଗସ୍ତ କରୁଛନ୍ତି। ମୋଦୀ କହିଛନ୍ତି, ସେ ସ୍ଲୋଭାକ ରାଷ୍ଟ୍ରପତି ପିଟର ପେଲ୍ଲେଗ୍ରିନି ଏବଂ ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କୁ ବ୍ରତିସଲାବାରେ ଭେଟିବେ।



### ଟ୍ରମ୍ପ-ମୋଦିଙ୍କ ହେବ ସାକ୍ଷାତ

ୱାଶିଂଟନ,୧୩।୬: ହ୍ୱାଇଟ ହାଉସ ଘୋଷଣା କରିଛି ଯେ ଫ୍ରାନ୍ସରେ ଅନୁଷ୍ଠିତ ହେବାକୁ ଥିବା ଜି ୭ ଶିଖର ସମ୍ମିଳନୀ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ। ଜଣେ ଆମେରିକୀୟ ଅଧିକାରୀ ମଧ୍ୟ ନିଶ୍ଚିତ କରିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ ମଙ୍ଗଳବାର ଏହି ଶିଖର ସମ୍ମିଳନୀ ସମୟରେ କାତାର, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଇଜିପ୍ଟର ନେତାମାନଙ୍କ ସହିତ ପୃଥକ ଦ୍ୱିପାକ୍ଷିକ ବୈଠକ ମଧ୍ୟ କରିବେ। ତେବେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଯୋଗ ଦେବାର ଆଶା ନାହିଁ। ଜଣେ ଆମେରିକୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରାଷ୍ଟ୍ରପତି ଟ୍ରମ୍ପ ଜି ୭ ଶିଖର ସମ୍ମିଳନୀ ଅବସରରେ ମଧ୍ୟପ୍ରାଚ୍ୟ ନେତାମାନଙ୍କ ସହିତ ଏକ ଶିଖର ସମ୍ମିଳନୀ ମଧ୍ୟ କରିବେ। ଏକ ରିପୋର୍ଟ ମୁତାବକ ଯେ ରାଷ୍ଟ୍ରପତି ଟ୍ରମ୍ପ ଜି ୭ ବୈଠକରେ ସହଯୋଗୀ ଦେଶମାନଙ୍କ ସହିତ ହର୍ମୁଜ୍ ପ୍ରଣାଳୀରୁ ଲ୍ୟାଣ୍ଡମାଇନ୍ ହଟାଇବା ପାଇଁ ପ୍ରୟାସ ବିଷୟରେ ମଧ୍ୟ ଆଲୋଚନା କରିବେ। ବରିଷ୍ଠ ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ ଏହି ଗସ୍ତ ସମୟରେ, ରାଷ୍ଟ୍ରପତି ଟ୍ରମ୍ପ ଜି-୭ ନେତାମାନଙ୍କ ସହିତ ଆର୍ଥିକ ଅଭିବୃଦ୍ଧି ଏବଂ ବିକାଶ, ଯୋଗାଣ ଶୃଙ୍ଖଳ ସ୍ଥିରତା, ଅବୈଧ ପ୍ରବାସ ଏବଂ ଏଆଇ ସମେତ ସାଧାରଣ ଚିନ୍ତାର ପ୍ରମୁଖ ପ୍ରସଙ୍ଗ ଉପରେ ଗମ୍ଭୀର ଏବଂ ବିସ୍ତୃତ ଆଲୋଚନା କରିବେ। ରାଷ୍ଟ୍ରପତି ଟ୍ରମ୍ପ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପାଇଁ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା, ଆର୍ଥିକ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ନିଶା କାରବାର ବିରୁଦ୍ଧରେ ପ୍ରୟାସକୁ ସୁଦୃଢ଼ କରିବା ପାଇଁ ଜି-୭ ଅଂଶୀଦାରମାନଙ୍କ ସହିତ ମଧ୍ୟ କାମ କରିବେ।

## ଅଭିଷେକ ବାନାର୍ଜୀଙ୍କ ନାମରେ ଆଉ ଏକ ଅଭିଯୋଗ ଦାଖଲ



ନୂଆଦିଲ୍ଲୀ,୧୩/୬: ଅଭିଷେକ ବାନାର୍ଜୀଙ୍କ ଚିନ୍ତା ଦିନକୁ ଦିନ ବଢ଼ିବାରେ ଲାଗିଛି । ପଶ୍ଚିମବଙ୍ଗରେ ଟିଏମସି ସରକାର ଯିବାପରେ ଦଳର ସବୁଠାରୁ ବଡ଼ ପାୱାରଫୁଲ ନେତାଙ୍କ ବିରୋଧରେ ଗୋଟିଏ ପରେ ଗୋଟିଏ ମାମଲା ହେବାରେ ଲାଗିଛି । କେତେବେଳେ ଦଳୀୟ ନେତା ପରାଜୟର ମୁଖ୍ୟ କାରଣ ଅଭିଷେକ କହୁଛନ୍ତି ତ ଆଉ କେତେବେଳେ ଲୋକଙ୍କ ଆକ୍ରୋଶର ହୋଇଛନ୍ତି ଶିକାର । ସରକାର ଯିବାର ଦି ମାସ ଭିତରେ ଏଭଳି ଅବସ୍ଥାର ସମ୍ମୁଖୀନ ହେଉଛନ୍ତି ମମତାଙ୍କ ପୁତୁରା । ପୂର୍ବରୁ ଇଡି ମଧ୍ୟ ପଚରାଉଚରା କରିସାରିଛି । ଆଉ ଏବେ ପୁଣି ଅଭିଷେକଙ୍କ ନାମରେ ଏକ ଅଭିଯୋଗ ଦାଖଲ ହୋଇଛି । ଯାହାକି ଦିଦିଙ୍କ ଚିନ୍ତାକୁ ଆହୁରି ବଢ଼ାଇବାରେ ଲାଗିଛି । ପଶ୍ଚିମବଙ୍ଗର ସିଲିଗୁଡ଼ି ସାଇବର ପୁଲିସ ଷ୍ଟେସନରେ ଅଭିଷେକଙ୍କ ନାମରେ ଏକ ଅଭିଯୋଗ ଦାଖଲ କରାଯାଇଛି । ନିର୍ବାଚନ ସମୟରେ ଉତ୍ତେଜନାମୂଳକ ବକ୍ତବ୍ୟ ଦେଇଥିବା ଅଭିଯୋଗରେ କରାଯାଇଛି । ତେବେ ଜଣେ ବ୍ୟବସାୟୀ ଅଭିଷେକଙ୍କ ନାମରେ ଅଭିଯୋଗ କରିଛନ୍ତି । ସ୍ଥାନୀୟ ବ୍ୟବସାୟୀ ଜଣକ କହିଛନ୍ତି ନିର୍ବାଚନ ସମୟରେ ଅଭିଷେକଙ୍କ ବକ୍ତବ୍ୟ ଉତ୍ତେଜନାପୂର୍ଣ୍ଣ ରହିଥିବାବେଳେ ଏହା ନିର୍ବାଚନ ପରିବେଶକୁ ବିପର୍ଯ୍ୟସ୍ତ କରିଥିଲା । ତେବେ କୁହାଯାଇଛି କି, ନିର୍ବାଚନ ସମୟରେ ଅଭିଷେକ ଦେଇଥିବା ବହୁ ପ୍ରତିକ୍ରିୟା ସୋସିଆଲ ମିଡିଆରେ ବେଶ ଭାଇରାଲ ହୋଇଥିଲା । ଯାହାଦ୍ୱାରା ଉତ୍ତେଜନା ପୂର୍ଣ୍ଣ ଥିବା କହି ଅଭିଯୋଗ ହୋଇଛି । ଏହା ପୂର୍ବରୁ ମଧ୍ୟ ଅଭିଷେକଙ୍କ ନାମରେ ଏଭଳି ମାମଲା ରୁଜୁ କରାଯାଇଛି । ଅଭିଯୋଗକାରୀ କହିଛନ୍ତି କି, ଅଭିଷେକଙ୍କ ମନ୍ତବ୍ୟ ଭୟଭୀତ ଏବଂ ଗଣତନ୍ତ୍ର ପାଇଁ ଚିନ୍ତାର କାରଣ ଥିଲା । ସେ ଜନସଭା ଏବଂ ରାଲି ସମୟରେ ମଧ୍ୟ ଏଭଳି କିଛି ପ୍ରତିକ୍ରିୟା ରଖିଥିବା ପ୍ରକାଶ କରାଯାଇଛି ।

## 'ନିଟ୍-ୟୁଜି ପୁନଃ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଦାବି ସମ୍ପୂର୍ଣ୍ଣ ମିଥ୍ୟା'

ନୂଆଦିଲ୍ଲୀ,୧୩/୬: ଆସନ୍ତା ଜୁନ୍ ୨୧ ତାରିଖରେ ଦେଶବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ନିଟ୍-ୟୁଜି ପୁନଃ ପରୀକ୍ଷାର ପ୍ରଶ୍ନପତ୍ର ପୁଣି ଥରେ ଲିକ୍ ହୋଇଯାଇଥିବା ନେଇ ସୋସିଆଲ ମିଡିଆରେ ବ୍ୟାପକ ଗୁଜବ ପ୍ରସାରିତ ହେବାରେ ଲାଗିଛି। ତେବେ ଭାରତ ସରକାରଙ୍କ ପ୍ରେସ୍ ଇନଫରମେସନ ବ୍ୟୁରୋ (ପିଆଇବି)ର ଫ୍ୟାକ୍ଟ ଚେକ୍ ୟୁନିଟ୍ ଏହି ଦାବିକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସହ ଏହାକୁ ସମ୍ପୂର୍ଣ୍ଣ 'ମିଥ୍ୟା ଓ ଭ୍ରମାତ୍ମକ' ବୋଲି ସ୍ପଷ୍ଟ କରିଛି। ପରୀକ୍ଷା ପାଇଁ ଆଉ ମାତ୍ର ପ୍ରାୟ ଗୋଟିଏ ସପ୍ତାହ ସମୟ ବାକି ଥିବା ବେଳେ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ସରକାରଙ୍କ ପକ୍ଷରୁ ଏହି ତୁରନ୍ତ ସ୍ପଷ୍ଟୀକରଣ ଦିଆଯାଇଛି। 'ପିଆଇବି' ଫ୍ୟାକ୍ଟ ଚେକ୍ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ ''ଏକ୍ସ'' ରେ ଏକ ଆଲର୍ଟ ଜାରି କରାଯାଇ ଛାତ୍ରଛାତ୍ରୀମାନଙ୍କୁ ଏଭଳି ଅନଲାଇନ୍ ସ୍କାମ୍ କିମ୍ବା ଠକେଇର ଶିକାର ନହେବାକୁ ସତର୍କ କରାଯାଇଛି। ସୋସିଆଲ ମିଡିଆରେ ଯେଉଁ ପ୍ରଶ୍ନପତ୍ରର ଛବି ଓ ଲେଖା ଭାଇରାଲ ହେଉଛି ତାହା ସମ୍ପୂର୍ଣ୍ଣ ଜାଲ୍ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହା ସହିତ କୌଣସି ଅନଲାଇନ୍ ଗୁଜବ ଉପରେ ବିଶ୍ୱାସ ନକରି କେବଳ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ର ଅଫିସିଆଲ୍ ୱେବସାଇଟ୍ ରେ ପ୍ରକାଶିତ ସୂଚନାକୁ ହିଁ ଆଧାର କରିବାକୁ ପରୀକ୍ଷାର୍ଥୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମେ' ୩ ତାରିଖରେ ଦେଶବ୍ୟାପୀ ଅନୁଷ୍ଠିତ ହୋଇଥିବା ପ୍ରାରମ୍ଭିକ ମେଡିକାଲ ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ସ୍ପଷ୍ଟ ହେବା ପରେ ସରକାର ସେହି ପରୀକ୍ଷାକୁ ବାତିଲ କରିଦେଇଥିଲେ।

## ଯାନ୍ତ୍ରିକ ତ୍ରୁଟି କାରଣରୁ ଏୟାର ଆରବିୟା ବିମାନର ଅବତରଣ



କୋଚି,୧୩/୬: ଶନିବାର ଏୟାର ଆରବିଆ ବିମାନରେ ଏକ ବଡ଼ ଧରଣର ଯାନ୍ତ୍ରିକ ତ୍ରୁଟି ଦେଖାଦେବା ପରେ କୋଚି ଅନ୍ତର୍ଜାତୀୟ ବିମାନବନ୍ଦରରେ ଏହାର ଜରୁରୀକାଳୀନ ଅବତରଣ କରାଯାଇଛି। ସାରଜାହରୁ କୋଝିକୋଡ ଅଭିମୁଖେ ଆସୁଥିବା ଏହି ବିମାନ (ଜି-୯ ୪୫୪) ର ଇଞ୍ଜିନ ରିଭର୍ସ ଥ୍ରଷ୍ଟ ସିଷ୍ଟମରେ ହଠାତ୍ ସମସ୍ୟା ଦେଖାଦେଇଥିଲା। ଏହି ସ୍ଥିତିରେ ପାଇଲଟ୍ କୋଚି ବିମାନବନ୍ଦରର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଯୋଗାଯୋଗ କରି ଜରୁରୀକାଳୀନ ଅବତରଣ ପାଇଁ ଅନୁମତି ମାଗିଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି ବିମାନବନ୍ଦରରେ ସମ୍ପୂର୍ଣ୍ଣ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯିବା ସହ ଉଦ୍ଧାରକାରୀ ଦଳକୁ ପ୍ରସ୍ତୁତ ରଖାଯାଇଥିଲା। ବିମାନରେ ୯ ଜଣ ଶିଶୁଙ୍କ ସମେତ ମୋଟ ୧୭୦ ଜଣ ଯାତ୍ରୀ ଓ କ୍ରୁ ସଦସ୍ୟ ଥିଲେ। ଅବତରଣ ପରେ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ଏବଂ ଇଞ୍ଜିନିୟରମାନେ ଯାନ୍ତ୍ରିକ ତ୍ରୁଟି ସୁଧାରିବା ପରେ ବିମାନଟି ପୁଣି କୋଝିକୋଡ ଅଭିମୁଖେ ଯାତ୍ରା କରିଛି।

## ଜାମିନ ପାଇଁ ଦିଲ୍ଲୀ କୋର୍ଟ ଗଲେ ଉମର ଖାଲିଦ୍ ଓ ସର୍ଜିଲ ଇମାମ୍



ନୂଆଦିଲ୍ଲୀ,୧୩/୬: ୨୦୨୦ ଦଙ୍ଗା ବୃହତ୍ ଷଡ଼ଯନ୍ତ୍ର ମାମଲାରେ ଉମର ଖାଲିଦ ଓ ସର୍ଜିଲ ଇମାମ୍ ଦିଲ୍ଲୀର ଏକ କୋର୍ଟରେ ନୂତନ ଜାମିନ୍ ଆବେଦନ କରିଛନ୍ତି। ଏହି ମାମଲାରେ ସେମାନଙ୍କ ଜବାବ ରଖିବାକୁ କୋର୍ଟ ଦିଲ୍ଲୀ ପୁଲିସକୁ ନୋଟିସ ଜାରି କରିଛନ୍ତି। କାରକୋର୍ଡୁମା କୋର୍ଟର ଅତିରିକ୍ତ ସେସନ ଜଜ୍ ଡ. ସୁମେଧ ସେଠୀ ପୁଲିସକୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେବା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୪ ତାରିଖରେ କରିବାକୁ କହିଛନ୍ତି। ଉଭୟ ଅଭିଯୁକ୍ତ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ ଓ ଅନ୍ୟାନ୍ୟ ଦଣ୍ଡ ବ୍ୟବସ୍ଥା ଅନୁଯାୟୀ ପଞ୍ଜିକୃତ ମାମଲାରେ ନିୟମିତ ଜାମିନ ଆବେଦନ କରୁଛନ୍ତି। ଖାଲିଦ ଓ ଇମାମର ଜାମିନ ନାମଞ୍ଜୁର କରିବା ପୂର୍ବରୁ ସୁପ୍ରିମକୋର୍ଟ ଦେଇଥିବା ରାୟରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଗ୍ରହଣ କରାଯାଇଥିବା ବ୍ୟାଖ୍ୟା ଉପରେ ଏହାର ଏକ ଖଣ୍ଡପୀଠ ପ୍ରଶ୍ନ ଉଠାଇବା ପରେ ଏହି ନୂତନ ଜାମିନ ଆବେଦନ କରାଯାଇଛି। ଇମାମ ନିଜ ଆବେଦନରେ ଯୁକ୍ତି ଦର୍ଶାଇଛନ୍ତି ଯେ, ଜାନୁଆରିରେ ସୁପ୍ରିମକୋର୍ଟ ତାଙ୍କ ଜାମିନ ଖାରଜ କରିବାର ଛଅ ମାସରୁ ଅଧିକ ସମୟ ବିତିଗଲାଣି, ତଥାପି ବିଚାରରେ କୌଣସି ଅର୍ଥପୂର୍ଣ୍ଣ ଅଗ୍ରଗତି ହୋଇନାହିଁ। ସେ କହିଛନ୍ତି ଯେ, ଅଭିଯୋଗ ଫ୍ରେମ୍ କରିବା ଉପରେ ଯୁକ୍ତି ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରହିଛି ଓ ସେ ପ୍ରାୟ ଛଅ ବର୍ଷ ଜେଲରେ ବିତାଇ ସାରିଲେଣି। ଖାଲିଦ ମଧ୍ୟ ଜାମିନ୍ ଆବେଦନ କରିଛି। କୋର୍ଟ ଉଭୟଙ୍କ ଆବେଦନକୁ ଏକା ସାଙ୍ଗରେ ଗ୍ରହଣ କରିବା ସହିତ ପୁଲିସର ପକ୍ଷ ମାଗିଛି। ଚଳିତ ବର୍ଷ ଆରମ୍ଭରେ (ଜାନୁଆରି ୨୦୨୬ରେ) ସୁପ୍ରିମକୋର୍ଟ ଉମର ଖାଲିଦ ଓ ସର୍ଜିଲ ଇମାମର ଜାମିନ ଆବେଦନକୁ ଖାରଜ କରିଥିଲେ।

## ପିଓକେରେ ବ୍ୟାପକ ବିଦ୍ରୋହ: ସେନା ସହ ସଂଘର୍ଷରେ ୫୩ ମୃତ

ଇସଲାମାବାଦ,୧୩/୬: ପିଓକେ (ପାକ୍ ଅଧିକୃତ କାଶ୍ମୀର) ରେ ପାକିସ୍ତାନ ଓ ଚୀନର ଅବୈଧ ଦଖଲ ବିରୋଧରେ ଏକ ଐତିହାସିକ ତଥା ବିଶାଳ ଜନ ଆନ୍ଦୋଳନ ଆରମ୍ଭ ହୋଇଛି। ଆୱାମୀ ଆକ୍ସନ କମିଟିର ନେତୃତ୍ୱରେ ସମଗ୍ର ଅଞ୍ଚଳରେ ତୀବ୍ର ପ୍ରଦର୍ଶନ କରାଯାଉଛି। ଆନ୍ଦୋଳନକାରୀମାନେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଓ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିବା ସହ ସେମାନଙ୍କୁ ଆତଙ୍କବାଦୀ ଘୋଷଣା କରି ଖୋଲାଖୋଲି ନାରାବାଜି କରୁଛନ୍ତି। ୧୯୪୭ ମସିହାରେ ଆଦିବାସୀ ଆକ୍ରମଣକାରୀଙ୍କ ଦ୍ୱାରା ଏହି ଜମିକୁ ବେଆଇନ ଭାବେ ଦଖଲ କରାଯାଇଥିବା କଥାକୁ ଆୱାମୀ ଆକ୍ସନ କମିଟି ପୁଣି ଥରେ ଦୋହରାଇଛି। ଏହି ପ୍ରତିବାଦରେ ପ୍ରଥମ ଥର ପାଇଁ ଗିଲଗିଟ୍-ବାଲ୍ଟିସ୍ତାନ, ଲଦାଖ ଏବଂ ଜମ୍ମୁର ଲୋକମାନେ ଏକାଠି ହୋଇ ଏକଜୁଟତା ପ୍ରଦର୍ଶନ କରିଛନ୍ତି। ସୁରକ୍ଷାକର୍ମୀଙ୍କ ସହ ହୋଇଥିବା ଏହି ହିଂସାତ୍ମକ ସଂଘର୍ଷରେ ଏପର୍ଯ୍ୟନ୍ତ ୫୩ ଜଣ ପ୍ରାଣ ହରାଇଥିଲେ ମଧ୍ୟ ରାୱାଲାକୋଟ୍ ସମେତ ବିଭିନ୍ନ ଅଞ୍ଚଳର ଲୋକମାନେ ନିଜ ଜିଦରେ ଅଟଳ ରହି ଆନ୍ଦୋଳନ ଜାରି ରଖିଛନ୍ତି। ପାକିସ୍ତାନୀ ସେନାର ନିଷ୍ଠୁର ଶାସନ ଏବଂ ଅତ୍ୟାଚାର ବିରୁଦ୍ଧରେ ଜନସାଧାରଣଙ୍କ କ୍ରୋଧ ଏବେ ଏକ ପୂର୍ଣ୍ଣାଙ୍ଗ ବିଦ୍ରୋହର ରୂପ ନେଇଛି। ତେବେ ଆନ୍ଦୋଳନର ରଣନୀତିକୁ ନେଇ ଆୱାମୀ ଆକ୍ସନ କମିଟିର ଶୀର୍ଷ ନେତାଙ୍କ ମଧ୍ୟରେ ମତଭେଦ ଦେଖାଦେଇଛି। ଜଣେ ନେତା ସର୍ଦ୍ଦାର ଅମାନ ଖାନ ଏବଂ ଖୱାଜା ମେହରାନ ପାକିସ୍ତାନୀ ସେନା ବିରୁଦ୍ଧରେ ଶେଷ ପର୍ଯ୍ୟନ୍ତ ଆରପାର ଲଢ଼େଇ କରିବାକୁ ଘୋଷଣା କରିଥିବା ବେଳେ, ଅନ୍ୟପକ୍ଷରେ ଉମର ନାଜିର ଏବଂ ଶୌକତ ନୱାଜ ମୀର ଆଲୋଚନା ମାଧ୍ୟମରେ ସମସ୍ୟାର ଏକ ଶାନ୍ତିପୂର୍ଣ୍ଣ ସମାଧାନ ଖୋଜିବାକୁ ଚେଷ୍ଟା କରୁଛନ୍ତି। ପ୍ରଦର୍ଶନକାରୀମାନେ ପାକିସ୍ତାନ ସରକାରଙ୍କ ଆଗରେ ଦୁଇଟି ପ୍ରମୁଖ ଦାବି ରଖି ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ପ୍ରଥମ ଦାବି ଅନୁଯାୟୀ ପିଓକେ ମଧ୍ୟରେ ଥିବା ୧୨ଟି ତଥାକଥିତ ଶରଣାର୍ଥୀ ଶିବିରକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଉ, ଯାହାକୁ ସ୍ଥାନୀୟ ଜନସାଧାରଣ ଦୀର୍ଘ ଦିନରୁ ପ୍ରତ୍ୟାଖ୍ୟାନ କରିଆସୁଛନ୍ତି। ଦ୍ୱିତୀୟ ଦାବି ଅନୁଯାୟୀ ପିଓକେର ନିର୍ବାଚିତ ନେତାମାନଙ୍କ ଶପଥ ଗ୍ରହଣ ଫର୍ମାଟରେ ପରିବର୍ତ୍ତନ କରାଯାଉ, ଯେଉଁଠି ନେତାମାନେ ପାକିସ୍ତାନ ପ୍ରତି ଆନୁଗତ୍ୟ ପ୍ରକାଶ ନକରି, ମୂଳ ଜମ୍ମୁ ଓ କାଶ୍ମୀରର ଏକତା ପ୍ରତି ପ୍ରତିବଦ୍ଧତା ରଖି ଶପଥ ନେବେ। ପ୍ରତିବାଦକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ପିଓକେ କେବେ ମଧ୍ୟ ପାକିସ୍ତାନର ଅଂଶ ହୋଇନାହିଁ କିମ୍ବା କେବେ ହେବ ନାହିଁ। କାଶ୍ମୀରରେ ଗୋଟିଏ ବି ଜୀବନ ହାନି ହେଲେ ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି।



## ବେଙ୍ଗାଲୁରୁରେ ମୌସୁମୀ ପ୍ରକୋପ: ବର୍ଷାଜନିତ ଦୁର୍ଘଟଣାରେ ୨ ମୃତ



ବେଙ୍ଗାଲୁରୁ,୧୩/୬: ବେଙ୍ଗାଲୁରୁରେ ମୌସୁମୀଜନିତ ବର୍ଷା ପ୍ରକୋପ ଜାରି ରହିଛି। କେଙ୍ଗ୍ରି ଓ ହ୍ୱାଇଟଫିଲ୍ଡ ଟ୍ରାଫିକ ପୁଲିସ ସୀମା ଅଞ୍ଚଳରେ ଶନିବାର ସକାଳେ ବର୍ଷାଜନିତ ଦୁଇଟି ପୃଥକ୍ ଦୁର୍ଘଟଣାରେ ଦୁଇ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ତିନିଜଣ ଆହତ ହୋଇଛନ୍ତି। ହ୍ୱାଇଟ୍ ଫିଲ୍ଡରେ ଏକ ହୃଦୟବିଦାରକ ଘଟଣାରେ, ଜଣେ ମହିଳାଙ୍କ ପରେ ତାଙ୍କ ଝିଅ ସାମ୍ନାରେ ଏକ ସ୍କୁଲ ବସ୍ ମାଡ଼ି ଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ସକାଳେ ମହିଳା ଜଣକ ତାଙ୍କ ଦୁଇ ଚକିଆ ଗାଡ଼ିରୁ ପଡ଼ି ଯାଇଥିବାବେଳେ ସ୍କୁଲ ବସ୍ ତାଙ୍କ ଉପରେ ମାଡ଼ି ଯାଇଥିଲା। ମୃତ ମହିଳା ଜଣକ କାନ୍ତା ବୋଲି ଜଣାପଡ଼ିଛି। ପୁଲିସ ସୂଚନା ଅନୁଯାୟୀ, କାନ୍ତା ଦୁଇ ଚକିଆ ଗାଡ଼ିରେ ମରାଠାହାଲ୍ଲୀରୁ ସିଦ୍ଧପୁରାକୁ ତାଙ୍କ ଝିଅ ନେହାଙ୍କୁ କଲେଜରେ ଛାଡ଼ିବାକୁ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଶୁକ୍ରବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ରାସ୍ତା ପାଣିରେ ବୁଡ଼ି ଯାଇଥିଲା। ରାସ୍ତାରେ ଯାଉଥିବା ସମୟରେ କାନ୍ତାଙ୍କ ସ୍କୁଟରଟି ରାସ୍ତାରେ ଥିବା ଖାଲୁଆ ସ୍ଥାନରେ ପଡ଼ି ଯାଇଥିବାବେଳେ ଭାରସାମ୍ୟ ହରାଇ ଉଭୟ ମା' ଓ ଝିଅ ରାସ୍ତାରେ ପଡ଼ିଯାଇଥିଲେ। କାନ୍ତା ରାସ୍ତାରୁ ଉଠିବା ପୂର୍ବରୁ ପଛରୁ ଆସୁଥିବା ଏକ ସ୍କୁଲ ବସ୍ ତାଙ୍କ ଉପରେ ମାଡ଼ି ଯାଇଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ, କିନ୍ତୁ ଗୁରୁତର ଆଘାତ ଯୋଗୁଁ କାନ୍ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ନେହା ସାମାନ୍ୟ ଆହତ ହୋଇଥିଲେ। ଅନ୍ୟ ଏକ ଘଟଣାରେ କେଙ୍ଗ୍ରିରେ ଦ୍ରୁତ ଗତିରେ ଆସୁଥିବା କାର୍ ଓଲଟି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଛି ଓ ତିନିଜଣ ବାଇକ ଚାଳକ ଗୁରୁତର ହୋଇଛନ୍ତି। କେଙ୍ଗ୍ରି ଟ୍ରାଫିକ୍ ପୁଲିସ କହିଛି ଯେ, ଏକ ଦ୍ରୁତଗାମୀ ମାରୁତି ସୁଜୁକି ଇକୋ କାର ଦ୍ରୁତଗତିରେ ଆସୁଥିବା ସମୟରେ ଦୁଇଟି ମୋଟରସାଇକେଲକୁ ଧକ୍କା ଦେଇଥିଲା। ଦ୍ରୁତ ଗତି ଯୋଗୁଁ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ ଓ କାରଟି ଓଲଟି ପଡ଼ିଥିଲା।

## ହର୍ମୁଜରେ ସବୁ ଜାହାଜକୁ ଆମେରିକୀୟ ସେନାର ନିର୍ଦ୍ଦେଶକୁ ତୁରନ୍ତ ମାନିବା ଉଚିତ : ମାର୍କୋ ରୁବିଓ

ୱାଶିଂଟନ,୧୩/୬: ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଓ ଆମେରିକୀୟ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥିଲା। ଜୟଶଙ୍କର ଓମାନ ଉପସାଗରୀୟ ଅଞ୍ଚଳରେ ଏକ ମର୍ଚ୍ଚାଣ୍ଟ ଜାହାଜ ଉପରେ ହୋଇଥିବା ଆମେରିକୀୟ ସେନା ହମଲାରେ ,ତିନି ଜଣ ଭାରତୀୟ ନାବିକଙ୍କ ମୃତ୍ୟୁର ପ୍ରସଙ୍ଗ ଉଠାଇ ଥିଲେ। ହୋର୍ମୁଜରେ ସବୁ ଜାହାଜକୁ ଆମେରିକୀୟ ସେନାର ନିର୍ଦ୍ଦେଶକୁ ତୁରନ୍ତ ମାନିବା ଉଚିତ୍ ବୋଲି କଥାବାର୍ତ୍ତା ବେଳେ ମାର୍କୋ ରୁବିଓ ଜୟଶଙ୍କରଙ୍କୁ ଦୃଢ ଭାବେ କହିଥିଲେ। ୟୁରୋପ ଯାତ୍ରାରେ ଯାଇଥିବା ଜୟଶଙ୍କରଙ୍କର ରୁବିଓ ସହ ଫୋନରେ କଥାବାର୍ତ୍ତା ହୋଇ ଥିଲା। ନ୍ୟୁଜ୍ ଏଜେନ୍ସି ପିଟିଆଇ ଅନୁସାରେ , ଆମେରିକୀୟ ବୈଦେଶିକ ମନ୍ତ୍ରୀ ରୁବିଓ ଜୟଶଙ୍କରଙ୍କୁ କହିଥିଲେ , ସବୁ କମର୍ସିଆଲ ଜାହାଜକୁ ହୋର୍ମୁଜ ଷ୍ଟ୍ରେଟରେ ଆମେରିକୀୟ ସେନାର ନିର୍ଦ୍ଦେଶକୁ ତୁରନ୍ତ ପାଳନ କରିବା ଉଚିତ୍। ସେ ଜୟଶଙ୍କରଙ୍କୁ କହି ଥିଲେ ଯେ, ଆମେରିକା ଅବରୋଧର ଉଲ୍ଲଂଘନ ଓ ଇରାନୀ ତୈଳର ଅବୈଧ ପରିବହନକୁ ବରଦାସ୍ତ କରାଯିବ ନାହିଁ। ୮ ଜୁନରେ ଆମେରିକାର ସେନା ପଲାଉ ପତାକା ଯୁକ୍ତ ତୈଳ ଟ୍ୟାଙ୍କର 'ମେରିଭେକ୍ସ'କୁ ବୁଡାଇ ଦେଇଥିଲା, ଯେଉଁଥିରେ ୨୪ ଜଣ ଭାରତୀୟ ନାବିକ ବସି ଥିଲେ। ସବୁ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ ଥିଲା। ୧୦ଜୁନରେ ଆମେରିକା ପଲାଉର ପତାକା ଥିଲା ଆଉ ଏକ ଟ୍ୟାଙ୍କର ସେଟେବେଲୋ ଉପରେ ଆକ୍ରମଣ କରିଥିଲା , ଯେଉଁଥିରେ ବସି ଥିବା ୨୪ ଜଣ ଭାରତୀୟ ନାବିକଙ୍କ ମଧ୍ୟରେ ତିନି ଜଣଙ୍କର ମୃତ୍ୟୁ ହୋଇ ଥିଲା। ଗୁରୁବାର ଆଉ ଏକ ଜାହାଜ ଜଳବୀର ଉପରେ ହମଲା ହୋଇ ଥିଲା, ଯାହା ଗିନି-ବିସାଉର ପତାକା ଥିବା ଟ୍ୟାଙ୍କର ଥିଲା ଏବଂ ଯେଉଁଥିରେ ୨୦ ଜଣ ଭାରତୀୟ ଥିଲେ। ଉଲ୍ଲେଖନୀୟ ଯେ, ବୈଦେଶିକ ମନ୍ତ୍ରୀ ଜୟଶଙ୍କର କମର୍ସିଆଲ ଜାହାଜ ବିରୋଧରେ ଆମେରିକୀୟ ସେନାର ପ୍ରାଣଘାତୀ କାର୍ଯ୍ୟାନୁଷ୍ଠାନକୁ ଭୁଲ୍ ଦର୍ଶାଇ ଥିଲେ । ଜୟଶଙ୍କର ସୋସିଆଲ ମିଡିଆରେ କହିଥିଲେ – ଆଜି ସନ୍ଧ୍ୟାରେ ଆମେରିକୀୟ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ସହ କଥା ହୋଇଥିଲି। ମୁଁ ଉପସାଗରରେ ଆମେରିକୀୟ ନୌସେନାର ସେହି ଆକ୍ରମଣକୁ ଭାରତର କଡ଼ା ବିରୋଧରୁ ଦୋହରାଇ ଥିଲି ,ଯେଉଁଥିରେ ତିନି ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ହୋଇଥିଲା। ସେ କହିଥିଲେ – କମର୍ସିଆଲ ସିପିଂ ବିରୋଧରେ ଏମିତି ପ୍ରାଣଘାତୀ କାର୍ଯ୍ୟାନୁଷ୍ଠାନ ଉଚିତ୍ ନୁହେଁ।

## ତୈଳ ଟ୍ୟାଙ୍କରରୁ ଅଫୁଟା କ୍ଷେପଣାସ୍ତ୍ର ସୁରକ୍ଷିତ ଉଦ୍ଧାର

ନୂଆଦିଲ୍ଲୀ, ୧୩/୬: ଓମାନ ଉପକୂଳରେ ଅଶୋଧିତ ତୈଳ ପରିବହନ କରୁଥିବା ଏକ ତୈଳ ଟ୍ୟାଙ୍କର ଉପରେ ମାଡ଼ ହୋଇଥିବା ଅଫୁଟା କ୍ଷେପଣାସ୍ତ୍ରକୁ ସୁରକ୍ଷିତ ଭାବେ ବାହାର କରିବାରେ ଭାରତୀୟ ନୌସେନାକୁ ବଡ଼ଧରଣ ସଫଳତା ମିଳିଛି। ଓମାନ ଉପକୂଳରେ ମାର୍ଶଲ ଦ୍ୱୀପର ପତାକା ବହନ କରୁଥିବା ଜାହାଜ 'ଏମ୍‌ଟି ଅଲିମ୍ପିକ୍ ଲାଇଫ୍' ଉପରେ ମେ ୨୬ ତାରିଖରେ ଏକ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ତୈଳ ଟ୍ୟାଙ୍କରଟି ପ୍ରାୟ ୨୦୦୦ କିମି ଜଳ ପଥ ଯାତ୍ରା କରି କୋଚିରେ ପହଞ୍ଚିଥିଲା। କ୍ଷେପଣାସ୍ତ୍ରରେ ଥିବା ଯୁଦ୍ଧାସ୍ତ୍ର ଯେକୌଣସି ସମୟରେ ଫୁଟି ଯିବାର ଭୟ ରହିଥିଲା। କିନ୍ତୁ ଏକ ଉଚ୍ଚ ବିପଦପୂର୍ଣ୍ଣ ଅଭିଯାନରେ ଭାରତୀୟ ନୌସେନା ଅଶୋଧିତ ତୈଳ ଟ୍ୟାଙ୍କର ଏମ୍‌ଟି ଅଲିମ୍ପିକ୍ ଲାଇଫ୍‌ର ଇନ୍ଧନ ଟ୍ୟାଙ୍କ ଭିତରେ ଥିବା ଅଫୁଟା କ୍ଷେପଣାସ୍ତ୍ରକୁ ସୁରକ୍ଷିତ ଭାବରେ ବାହାର କରିଛି। ଏହି ବିପଜ୍ଜନକ ଯୁଦ୍ଧାସ୍ତ୍ର ଗତମାସ ୨୬ ତାରିଖରୁ ତୈଳ ଟ୍ୟାଙ୍କର ଭିତରେ ରହିଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ ଜୁନ୍ ୧୧ ତାରିଖରେ ଏକ ବିବୃତିରେ କହିଛି ଯେ, ଏକ ବିଶେଷଜ୍ଞ ବିସ୍ଫୋରକ ଅର୍ଡନାନ୍ସ ନିଷ୍କ୍ରିୟ (ଇଓଡି) ଦଳ ଦ୍ୱାରା ଯୁଦ୍ଧାସ୍ତ୍ରର ବିସ୍ଫୋରଣ ଯନ୍ତ୍ରକୁ ପୃଥକ କରିଥିଲା ଓ ଏହାକୁ ସମ୍ପୃକ୍ତ ଭଗ୍ନାବଶେଷ ସହିତ ସୁରକ୍ଷିତ ଭାବରେ ବାହାର କରିଥିଲା।

## ବିଜୟନଙ୍କୁ ନେଇ ରାହୁଲଙ୍କ ମନ୍ତବ୍ୟକୁ ସିପିଆଇଏମ୍‌ର ସମାଲୋଚନା


ନୂଆଦିଲ୍ଲୀ,୧୩/୬: ବିରୋଧୀ ଇଣ୍ଡି ମେଣ୍ଟରେ ପୁଣି ଥରେ ବିବାଦ ଦେଖିବାକୁ ମିଳିଛି। କେରଳରେ ବାମ ଦଳ ପ୍ରତି କଂଗ୍ରେସ ନେତୃତ୍ୱର ଆଭିମୁଖ୍ୟ ଉପରେ ସିପିଆଇ(ଏମ୍) ସାଧାରଣ ସମ୍ପାଦକ ଏମଏ ବେବି ପ୍ରଶ୍ନ ଉଠାଇବା ପରେ ବିରୋଧୀ ଇଣ୍ଡି ମେଣ୍ଟ ମଧ୍ୟରେ ମତଭେଦ ପୁଣି ଥରେ ଚର୍ଚ୍ଚାକୁ ଆସିଛି। କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ପିନାରାୟୀ ବିଜୟନ ଶନିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ବିଜୟନ କହିଛନ୍ତି, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ରାଜନୈତିକ ଆଭିମୁଖ୍ୟ ଇଣ୍ଡି ମେଣ୍ଟକୁ ଦୃଢ଼ କରୁନାହିଁ ବରଂ ଏହାଦ୍ୱାରା ଅନେକ ସମୟରେ ଭାରତୀୟ ଜନତା ପାର୍ଟି ପାଇଁ ଲାଭଦାୟକ ହେଉଛି। ଇଣ୍ଡି ମେଣ୍ଟ ବୈଠକରେ ରାହୁଲ ଗାନ୍ଧୀ କହିଥିଲେ ଯେ, ସେ କେରଳରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା କାରଣରୁ ବିଜୟନଙ୍କୁ ଆଲିଙ୍ଗନ କରିପାରିବେ ନାହିଁ। ବିଜୟନ କହିଛନ୍ତି, କିଏ କାହାକୁ ଆଲିଙ୍ଗନ କରୁଛି ସେ ନେଇ ତାଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। କିନ୍ତୁ ଆମେ ସମସ୍ତେ ରାହୁଲ ଗାନ୍ଧୀଙ୍କୁ ନରେନ୍ଦ୍ର ମୋଦୀଙ୍କୁ ଆଲିଙ୍ଗନ କରୁଥିବାର ଫଟୋ ଦେଖିଛନ୍ତି।

## ରୁଷ୍ ସହ ଯୁଦ୍ଧ କରି ରଣରେ ଫସିଲାଣି ୟୁକ୍ରେନ

### ୧୦ ଲକ୍ଷ କୋଟି କରଜ କଲେଣି ଜେଲେନସ୍କି

ନୂଆଦିଲ୍ଲୀ,୧୩/୬: ରୁଷ-ୟୁକ୍ରେନ ଯୁଦ୍ଧ ଭିତରେ ସତରେ କଣ ଆର୍ଥିକ ଦୁର୍ବଳ ହୋଇଗଲାଣି ୟୁକ୍ରେନ କାହିଁକି ନା, ୟୁକ୍ରେନର ଆର୍ଥିକ ପରିସ୍ଥିତିକୁ ନେଇ ଏକ ବଡ଼ ଦାବି ଏବେ ସାମ୍ନାକୁ ଆସିଛି। ରୁଷୀୟ ନ୍ୟୁଜ୍ ଏଜେନ୍ସି ଏକ ରିପୋର୍ଟ ଅନୁଯାୟୀ, ଫେବୃଆରୀ ୨୦୨୨ ରେ ଯୁଦ୍ଧ ଆରମ୍ଭ ହେବା ପର ଠାରୁ ୟୁକ୍ରେନର ରଣ ୧୧୦ ବିଲିୟନ ଡଲାର ଅର୍ଥାତ ଭାରତୀୟ ଟଙ୍କା ହିସାବରେ ପ୍ରାୟ ୧୦୪୬୨୧୫ କୋଟି ଟଙ୍କା ବୃଦ୍ଧି ପାଇଛି, ଯାହା ଏବେ ୨୦୮ ବିଲିୟନ ଡଲାର ଅର୍ଥାତ ପ୍ରାୟ ୧୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ରିପୋର୍ଟରେ ଦାବି କରାଯାଇଛି ଯେ, ରୁଷ ସହିତ ଚାଲିଥିବା ଯୁଦ୍ଧ, ପ୍ରତିରକ୍ଷା ଖର୍ଚ୍ଚ ଏବଂ ବିଦେଶୀ ଆର୍ଥିକ ସହାୟତା ଉପରେ ବଢୁଥିବା ନିର୍ଭରଶୀଳତା ଯୋଗୁଁ ଫେବୃଆରୀ ୨୦୨୪ ପରଠାରୁ ୟୁକ୍ରେନର ରଣ ଭାର ଦ୍ରୁତ ଭାବରେ ବୃଦ୍ଧି ପାଇଛି । ନ୍ୟୁଜ୍ ଏଜେନ୍ସି ଶନିବାର ଦାବି କରିଛି ଯେ, ୨୦୨୨ ପରଠାରୁ ୟୁକ୍ରେନର ରଣ ୧୦୪୬୨୧୫ କୋଟି ଟଙ୍କା ବୃଦ୍ଧି ପାଇଛି। ଏଥିରେ ବିଦେଶୀ ଏବଂ ଘରୋଇ ରଣ ଉଭୟ ଅନ୍ତର୍ଭୁକ୍ତ। ୟୁକ୍ରେନର ଅର୍ଥ ମନ୍ତ୍ରଣାଳୟର ତଥ୍ୟକୁ ଉଦ୍ଧୃତ କରି ଝଇଝଝ ରିପୋର୍ଟ କରିଛି ଯେ, ଏହି ରଣ ୨୦୨୨ ପର ଠାରୁ ଦୁଇଗୁଣରୁ ଅଧିକ ହୋଇଛି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ବୈଦେଶିକ ରଣ ଯଥେଷ୍ଟ ବୃଦ୍ଧି ପାଇଛି। ଏହା ୫୭.୨ ବିଲିୟନ ଡଲାରରୁ ବୃଦ୍ଧି ପାଇ ୧୬୨.୭୩ ବିଲିୟନ ଡଲାର ହୋଇଛି, ଅର୍ଥାତ ୧୫ ଲକ୍ଷ କୋଟି ଟଙ୍କାରୁ ଅଧିକ, ଯାହା ୨୦୨୨ ର ପ୍ରାୟ ତିନି ଗୁଣ। ଏହା ମଧ୍ୟ ଦାବି କରିଛି ଯେ ଏହି ପରିମାଣରୁ, ୟୁକ୍ରେନକୁ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠିକୁ ପ୍ରାୟ ୧୦ ବିଲିୟନ ପରିଶୋଧ କରିବାକୁ ପଡିବ, ଏବଂ ବାକି ପରିମାଣ ବିଭିନ୍ନ ସହଯୋଗୀ ଦେଶ ଗୁଡ଼ିକୁ ପରିଶୋଧ କରିବାକୁ ପଡିବ। ରୁଷିଆନ ସମାଚାର ଏଜେନ୍ସି ଅନୁଯାୟୀ, ଯୁଦ୍ଧ ସମୟରେ ପାଶ୍ଚାତ୍ୟ ଦେଶ ଗୁଡ଼ିକରୁ ସାମରିକ ସହାୟତା ଏବଂ ଅନୁଦାନ ପାଇବା ସତ୍ତ୍ୱେ ୟୁକ୍ରେନର ରଣ ଯଥେଷ୍ଟ ବୃଦ୍ଧି ପାଇଛି। ଡେମୋଗ୍ରାଫି ଆଣ୍ଡ ସୋସିଆଲ ଷ୍ଟଡିଜ୍ ପ୍ରତିଷ୍ଠାନକୁ ଉଦ୍ଧୃତ କରି,ଦାବି କରିଛି ଯେ ପ୍ରାୟ ୨.୮ କୋଟି ଜନସଂଖ୍ୟାକୁ ଆଧାର କରି, ପ୍ରତ୍ୟେକ ୟୁକ୍ରେନୀୟ ବର୍ତ୍ତମାନ ପ୍ରାୟ ୭୧୩୩୨୮ ଟଙ୍କା ସରକାରୀ ରଣ ବକେୟା।

## ପାକିସ୍ତାନରେ ଆର୍ଥିକ ସଙ୍କଟ: ଦାରିଦ୍ର୍ୟ ହାର ବଢ଼ି ୨୮.୯% ଛୁଇଁଲା



ଇସଲାମାବାଦ,୧୩/୬: ପାକିସ୍ତାନର ସାମ୍ପ୍ରତିକ ଅର୍ଥନୈତିକ ସ୍ଥିତିକୁ ନେଇ ଏକ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି। ଦେଶର ମୁଦ୍ରାସ୍ଫୀତି, ଆର୍ଥିକ ଅସମାନତା ଏବଂ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ମୂଲ୍ୟ ଯୋଗୁଁ କ୍ରମାଗତ ଭାବେ ଲୋକଙ୍କ କ୍ରୟ ଶକ୍ତି ହ୍ରାସ ପାଇବାରେ ଲାଗିଛି। ପାକିସ୍ତାନୀ ଗଣମାଧ୍ୟମ ''ଜିଓ ନ୍ୟୁଜ୍'' ଦ୍ୱାରା ପ୍ରକାଶିତ ''ପାକିସ୍ତାନ ଅର୍ଥନୈତିକ ସର୍ଭେ ୨୦୨୫-୨୬''ରିପୋର୍ଟ ଅନୁଯାୟୀ, ଦେଶରେ ଗରିବୀ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ଶିକ୍ଷା କ୍ଷେତ୍ରରେ କରାଯାଉଥିବା ବ୍ୟୟ ବରାଦରେ ବଡ଼ ଧରଣର ହ୍ରାସ ଘଟିଛି, ଯାହା ଦେଶର ଇତିହାସରେ ସବୁଠାରୁ ନିମ୍ନ ସ୍ତରରେ ପହଞ୍ଚିଛି। ସର୍ଭେ ଅନୁଯାୟୀ, ଗତ କିଛି ବର୍ଷ ମଧ୍ୟରେ ପାକିସ୍ତାନରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ହୋଇଥିବା ପ୍ରଗତି ସମ୍ପୂର୍ଣ୍ଣ ଭାବେ ଓଲଟି ଯାଇଛି। ୨୦୧୮-୧୯ ମସିହାରେ ଦେଶରେ ଜାତୀୟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତ ଥିବା ବେଳେ ୨୦୨୪-୨୫ ବର୍ଷରେ ଏହା ବୃଦ୍ଧି ପାଇ ୨୮.୯ ପ୍ରତିଶତରେ ପହଞ୍ଚିଛି। ଗରିବୀ କେବଳ ଗ୍ରାମାଞ୍ଚଳରେ ସୀମିତ ନରହି ଏବେ ସହରାଞ୍ଚଳରେ ମଧ୍ୟ ବ୍ୟାପିବାରେ ଲାଗିଛି ଏବଂ ଦେଶର ସମସ୍ତ ପ୍ରମୁଖ ପ୍ରଦେଶରେ ସ୍ଥିତି ଅଧିକ ଗମ୍ଭୀର ହୋଇଛି। ଏହି ଆର୍ଥିକ ସଙ୍କଟ ସମାଜର ଗରିବ ଶ୍ରେଣୀକୁ ସବୁଠାରୁ ଅଧିକ ପ୍ରଭାବିତ କରିଛି। ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ପଶ୍ଚିମ ଏସିଆ ବା ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ସ୍ଥିତି ଯୋଗୁଁ ଯଦି ବିଦେଶରୁ ଆସୁଥିବା ପାଣ୍ଠି ପ୍ରଭାବିତ ହୁଏ, ତେବେ ପାକିସ୍ତାନର ସାଧାରଣ ପରିବାରଗୁଡ଼ିକ ଉପରେ ଆର୍ଥିକ ବୋଝ ଆହୁରି ବଢ଼ିଯିବ। ଆର୍ଥିକ ସଙ୍କଟ ମଧ୍ୟରେ ଦେଶର ଶିକ୍ଷା ବ୍ୟବସ୍ଥା ମଧ୍ୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୨୦୨୫ ଆର୍ଥିକ ବର୍ଷରେ ସରକାରୀ ଶିକ୍ଷା ବଜେଟ୍ ୨୩ ପ୍ରତିଶତ ହ୍ରାସ ପାଇ ୯୬୨ ବିଲିୟନ ଟଙ୍କା ହୋଇଛି। ଏଥିସହ ମୋଟ ଜିଡିପିରେ ଶିକ୍ଷାର ଅଂଶ ମାତ୍ର ୦.୮ ପ୍ରତିଶତକୁ ଖସି ଆସିଛି। ବଜେଟ୍ ଅଭାବରୁ ଗରିବ ଅଞ୍ଚଳର ସ୍କୁଲଗୁଡ଼ିକରେ ମୌଳିକ ସୁବିଧା ସୁଯୋଗର ଘୋର ଅଭାବ ଦେଖାଦେଇଛି। ସ୍କୁଲରେ ନାମଲେଖା ସାମାନ୍ୟ ବଢ଼ିଥିଲେ ମଧ୍ୟ ଏବେ ବି ଲକ୍ଷ ଲକ୍ଷ ଶିଶୁ ଶିକ୍ଷା ବ୍ୟବସ୍ଥାରୁ ବଞ୍ଚିତ ଅଛନ୍ତି ଏବଂ ବିଶେଷ କରି ମହିଳାମାନଙ୍କ ମଧ୍ୟରେ ସାକ୍ଷରତା ହାର ଚିନ୍ତାଜନକ ସ୍ତରରେ ରହିଛି। ପାକିସ୍ତାନର ଜୀବନଧାରଣର ମାନରେ ସୁଧାର ଆଣିବା ପାଇଁ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଏବଂ ସରକାରୀ ପୁଞ୍ଜିନିବେଶ ବୃଦ୍ଧି ଅତ୍ୟନ୍ତ ଜରୁରୀ ବୋଲି ଏହି ଅର୍ଥନୈତିକ ସର୍ଭେରେ କୁହାଯାଇଛି।

# ଧାର ଟଙ୍କାକୁ ନେଇ ଖଣ୍ଡାରେ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ସାମାନ୍ୟ ୨୫୦ ଧାର ଟଙ୍କା ଫେରସ୍ତକୁ କେନ୍ଦ୍ରକରି ଦୁଇଜଣ ବ୍ୟକ୍ତିଙ୍କୁ ଏକ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଶନିବାର ଆକ୍ରମଣକାରୀ ବୃଦ୍ଧଙ୍କୁ ଗିରଫ କରିଛି। ଗିରଫ ବୃଦ୍ଧଙ୍କ ନାମ ସାରଙ୍ଗ ବେହେରା (୫୬) ଓ ତାଙ୍କ ଘର କେଳାସାହି ବସ୍ତିରେ ବାଲି ଜଣାପଡ଼ିଛି। ଏନେଇ ଶିବରାମ ବଡ଼ତିଆ ଥାନାରେ ଲିଖ?ତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଶୁକ୍ରବାର ରାତ୍ରି ପ୍ରାୟ ୯ଟା ସମୟରେ ଅଭିଯୁକ୍ତ ସାରଙ୍ଗ ଓ ଗଗନ ବରାଡ଼ଙ୍କ ମଧ୍ୟରେ ୨ଶହ ୫୦ ଟଙ୍କା ଧାର ଫେରସ୍ତକୁ କେନ୍ଦ୍ର କରି ବଚସା ହୋଇଥିଲା। ଅଭିଯୁକ୍ତ ଟଙ୍କା ଫେରସ୍ତ ମାଗିବାରୁ ଗଗନ ବରାଡ଼ ତୁରନ୍ତ ଟଙ୍କା ଦେବାରେ ଅସମର୍ଥତା ପ୍ରକାଶ କରି ପରେ ଫେରାଇ ଦେବେ ବୋଲି କହିଥିଲେ। ଏହାକୁ ନେଇ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ, ଗଗନ ବରାଡ଼ଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଖଣ୍ଡା ସାହାଯ୍ୟରେ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ଫଳରେ ଗଗନଙ୍କ ମୁଣ୍ଡରେ ଗୁରୁତର କଟା ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଗଗନଙ୍କୁ ବଞ୍ଚାଇବାକୁ ଯାଇଥିବା ତାଙ୍କ ଭାଇ ଶିବରାମ ବଡ଼ତିଆଙ୍କୁ ମଧ୍ୟ ଅଭିଯୁକ୍ତ ସେହି ଖଣ୍ଡାରେ ଆକ୍ରମଣ କରିଥିଲେ, ଯାହାଫଳରେ ତାଙ୍କ ଡାହାଣ ହାତର ବୁଢ଼ା ଆଙ୍ଗୁଠିରେ ଗୁରୁତର କଟା ଆଘାତ ଲାଗିଥିଲା। ଘଟଣା ପରେ ଅଭିଯୁକ୍ତ ଭବିଷ୍ୟତରେ ହତ୍ୟା କରିବାକୁ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ। ତଦନ୍ତ ସମୟରେ ଆହତ ବ୍ୟକ୍ତିମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା। ଆଜି ନିର୍ଭରଯୋଗ୍ୟ ସୂଚନା ଆଧାରରେ କେଳାସାହି ବସ୍ତି ଅଞ୍ଚଳରେ ଚଢ଼ଉ କରାଯାଇ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା। ପଚରାଉଚରା ବେଳେ ସେ ଘଟଣାରେ ନିଜର ସଂପୃକ୍ତି ସ୍ୱୀକାର କରିଥିଲେ। ତାଙ୍କ ସୂଚନା ଆଧାରରେ ଘଟଣାରେ ବ୍ୟବହୃତ ଖଣ୍ଡା ଉଦ୍ଧାର କରାଯାଇ ଜବତ କରାଯାଇଥିଲା।

# ଧରାପଡ଼ିଲା ମୋବାଇଲ ଲୁଟେରା

ଭୁବନେଶ୍ୱର(ନିପ୍ର): ମଞ୍ଚେଶ୍ୱର ଥାନା ପୋଲିସ ଶନିବାର ଜଣେ ମୋବାଇଲ ଲୁଟେରାକୁ କାବୁ କରିବାରେ ସଫଳ ହୋଇଛି। ଗିରଫ ଲୁଟେରାଙ୍କ ନାମ ଅନୁରୁଦ୍ଧ ସାହୁ (୩୦) ଓ ତାଙ୍କ ଘର ପାହାଳ ଅଞ୍ଚଳରେ ବୋଲି ଜଣାପଡ଼ିଛଇ। ଏନେଇ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ମହିଳା ଥାନାରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ରାତ୍ରି ପ୍ରାୟ ୧୧ଟା୫୦ ସମୟରେ ଅଭିଯୋଗକାରିଣୀ ମଞ୍ଚେଶ୍ୱରରେ ଥିବା ସାଲ ଏକ୍ସପୋର୍ଟରୁ ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ ଜଣେ ଅଜଣା ବ୍ୟକ୍ତି ହଠାତ୍ ତାଙ୍କ ଓପୋ ମୋବାଇଲ ଫୋନ ଛଡ଼ାଇ ନେଇ ଏକ ବାଇକ ଯୋଗେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣା ପରେ ଅଭିଯୋଗକାରିଣୀ ତୁରନ୍ତ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ତୁରନ୍ତ ମୋବାଇଲ ଫୋନର ଲାଇଭ ଲୋକେସନ ଟ୍ରାକ କରି ହଂସପାଳ ଅଞ୍ଚଳରେ ପହଞ୍ଚିଥିଲା। ତଦନ୍ତ ସମୟରେ ଘଟଣାରେ ବ୍ୟବହୃତ ବୋଲି ସନ୍ଦେହ କରାଯାଉଥିବା ବଜାଜ ପଲସର ବାଇକ ଚିହ୍ନଟ କରାଯାଇଥିଲା। ପରବର୍ତ୍ତୀ ତଦନ୍ତରେ ଅଭିଯୁକ୍ତ ଅନିରୁଦ୍ଧ ସାହୁଙ୍କ ସଂପୃକ୍ତି ଜଣାପଡ଼ିଥିଲା। ତାଙ୍କ ନିକଟରୁ ଲୁଟ୍ ହୋଇଥିବା ମୋବାଇଲ ଫୋନ, ଅନ୍ୟ ଏକ ମୋବାଇଲ ଫୋନ ଏବଂ ଘଟଣାରେ ବ୍ୟବହୃତ ବାଇକକୁ ଜବତ କରାଯାଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ଘଟଣାରେ ନିଜର ସଂପୃକ୍ତି ସ୍ୱୀକାର କରିଥିଲେ। ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ପୂର୍ବରୁ ଚୋରି, ଗୃହଭଙ୍ଗ, ଅପହରଣ, ଚୋରି ସାମଗ୍ରୀ ରଖିବା, ଏନଡିପିଏସ୍ ଆକ୍ଟ ଏବଂ ଅନ୍ୟାନ୍ୟ ସମୁଦାୟ ସାତଟି ଅପରାଧିକ ମାମଲାରେ ସଂପୃକ୍ତ ରହିଛନ୍ତି।

# ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ଏଏସଆଇ

କଟକ(ନିପ୍ର): ଭିଜିଲାନ୍ସ ଜାଲରେ ଅନୁଗୁଳ ଜରପଡ଼ା ଥାନା ଏଏସାଇ ସୀତା ନାୟକ। ୮ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ। ମାମଲାର ଚୂଡ଼ାନ୍ତ ରିପୋର୍ଟ ଦେବା ପାଇଁ ଜଣେ ଅଭିଯୋଗକାରୀଙ୍କ ଠାରୁ ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା ଭିଜିଲାନ୍ସ। ଅଭିଯୋଗକାରୀ ବିମଳବେଡ଼ାର ଲକ୍ଷ୍ମୀଧର ସାହୁଙ୍କ ଠାରୁ ନେଉଥିଲେ ଲାଞ୍ଚ। ଭିଜିଲାନ୍ସ ଜାଲରେ ପଡ଼ିଥିବା ଏଏସଆଇ ସୀତା ନାୟକଙ୍କ ବିରୋଧରେ ଏକକାଳୀନ ୩ଟି ସ୍ଥାନରେ ଚଢ଼ାଉ ଚାଲିଛି। ଢେଙ୍କାନାଳ ଭୁବନ ବ୍ଲକ ଅଧୀନସ୍ଥ ଅଁଳାପାଳ ଗାଁରେ ଥିବା ଶାଶୁଘର, ଜରପଡାସ୍ଥିତ ଭଡ଼ାଘର, ଥାନା କାର୍ଯ୍ୟାଳୟରେ ଚଢ଼ାଉ କରିଛି ଭିଜିଲାନ୍ସ ଟିମ୍। ଚଢ଼ାଉରେ ଅନୁଗୁଳ ଭିଜିଲାନ୍ସ ଟିମ୍ ସହ ଢେଙ୍କାନାଳ ଓ କଟକ ଟିମ୍ ସାମିଲ। ସୀତାଙ୍କୁ ଅନୁଗୁଳସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ସୀତା ନାୟକଙ୍କୁ ଅଣାଯାଇ ଅଧିକ ପଚରାଉଚରା କରାଯାଉଛି। ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା ୭ ଅନୁଯାୟୀ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ବ୍ୟବସାୟିକ ଶତ୍ରୁତାରୁ ଜଣେ ବିଲ୍ଡରଙ୍କୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବିଲ୍ଡରଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ଇନଫୋସିଟି ଥାନା ପୋଲିସ ଜଣେ ବ୍ୟବସାୟୀଙ୍କୁ ଶନିବାର ଗିରଫ କରିଛି। ଗିରଫ ବ୍ୟବସାୟୀଙ୍କ ନାମ ପର୍ଶୁରାମ ଗଜେନ୍ଦ୍ର ଓରଫ ପସେଇ (୫୫) ଓ ତାଙ୍କ ଘର ଚନ୍ଦକା ଦାରୁଠେଙ୍ଗର ତଳସାହିରେ ବୋଲି ଜଣାପଡ଼ିଛି। ଏନେଇ ଦୀପକ କୁମାର ଦଳାଇ ଥାନାରେ ଲିଖ?ତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୋଗକାରୀ ଭୁବନେଶ୍ୱରରେ ପ୍ଲଟ୍ ଏବଂ ରିଅଲ୍ ଇଷ୍ଟେଟ୍ ବ୍ୟବସାୟ ସହ ଜଡିତ ଅଛନ୍ତି। ଅଭିଯୁକ୍ତ ପର୍ଶୁରାମ ଗଜେନ୍ଦ୍ର ଉର୍ଫ ପ୍ରଶାନ୍ତ ଉର୍ଫ ପାସେଇ, ଏବଂ ତାଙ୍କର ସହଯୋଗୀ ମାନେ ମଧ୍ୟ ସମାନ ବ୍ୟବସାୟ ସହ ଜଡିତ ଥିଲେ। ଜମି ବିକ୍ରୟକୁ କେନ୍ଦ୍ର କରି ପୂର୍ବରୁ ଥିବା ବିବାଦ କାରଣରୁ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ପ୍ରତି ଶତ୍ରୁତା ଭାବ ରଖିଥିଲେ। ଗତ ମେ ୨୯ ତାରିଖ ପୂର୍ବାହ୍ନରେ ଅଭିଯୋଗକାରୀ ହିଲ୍ ଭ୍ୟୁ କାଫେରେ ଜଣେ ସମ୍ଭାବ୍ୟ ଗ୍ରାହକଙ୍କୁ ଜମି ସମ୍ବନ୍ଧୀୟ କାଗଜପତ୍ର ଦେଖାଉଥିବା ବେଳେ ଅଭିଯୁକ୍ତମାନେ ଏକତ୍ରିତ ଭାବେ ସେଠାରେ ପହଞ୍ଚି ତାଙ୍କ ମୋବାଇଲ୍ ଫୋନ୍ ଓ ଜମି ସମ୍ବନ୍ଧୀୟ ଦସ୍ତାବିଜ ଛଡ଼ାଇ ନେଇଥିଲେ ଏବଂ ତାଙ୍କୁ ମାଡ଼ ମାରିଥିଲେ। ପରେ ସେମାନେ ତାଙ୍କୁ ଧମକ ଦେଇ ଦାରୁଠେଙ୍ଗା ଗାଁକୁ ନେଇ ପ୍ରାୟ ପାଞ୍ଚ ଘଣ୍ଟା ଧରି ଅଟକ ରଖିଥିଲେ। ଅଟକ ରଖିବା ସମୟରେ ଅଭିଯୁକ୍ତମାନେ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ଅଭିଯୋଗକାରୀଙ୍କୁ ଏକ ଖାଲି କାଗଜରେ ସ୍ୱେଚ୍ଛାରେ ଜମି କାଗଜପତ୍ର ହସ୍ତାନ୍ତର କରୁଥିବା ନେଇ ଲେଖିବାକୁ ବାଧ୍ୟ କରିଥିଲେ। ଅଭିଯୁକ୍ତ ମାନଙ୍କ କବଳରୁ ବାହାରି ଆସିବା ପରେ ସେ ମେଣ୍ଢାଶାଳ ସିଏଚସିରେ ନିଜର ଚିକିତ୍ସା କରାଇଥିଲେ। ଅଭିଯୁକ୍ତମାନେ ଘଟଣା ସଂପର୍କରେ ପୋଲିସରେ ଅଭିଯୋଗ କଲେ ତାଙ୍କ ଘରକୁ ଜାଳିଦେବାକୁ ମଧ୍ୟ ଧମକ ଦେଇଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ପର୍ଶୁରାମଙ୍କୁ କାବୁ କରାଯାଇଥିଲା ଏବଂ ପଚରାଉଚରା ସମୟରେ ଅଭିଯୁକ୍ତ ଓ ତାଙ୍କ ସହଯୋଗୀ ମାନଙ୍କ ସଂପୃକ୍ତି ସ୍ପଷ୍ଟ ହୋଇଥିଲା।

# ଦେଶୀ ବନ୍ଧୁକ ଓ ଗୁଳି ଜବତ: ପେସାଦାର ଅପରାଧୀ ଗିରଫ

କଟକ(ନିପ୍ର): ଚୌଦ୍ୱାର ଥାନା ପୋଲିସ ଜଣେ ପେସାଦାର ଅପରାଧୀକୁ ଗିରଫ କରିବା ସହ ତା ନିକଟରୁ ଗୋଟିଏ ଦେଶୀ ଏସବିଏମଏଲ ବନ୍ଧୁକ ଓ ଦୁଇଟି ଜୀବନ୍ତ ଦେଶୀ ଗୁଳି ଜବତ କରିଛି। ଗିରଫ ଅଭିଯୁକ୍ତ ସ୍ଥାନୀୟ ଗୋଡ଼ଧୁଆର ରାମସିଂହ ସିଙ୍କୁ ଓରଫ ହେଟା। ମିଳିଥିବା ସୂଚନା ଅନୁଯାୟୀ ହେଟା ପାଖରେ ଦେଶୀ ବନ୍ଧୁକ ରଖି ଅପରାଧ ଘଟାଇବାକୁ ଯୋଜନା କରୁଥିବା ନେଇ ସୁରାକ ମିଳିବା ପରେ ଚୌଦ୍ୱାର ପୋଲିସ ତା ଗୋଡ଼ଧୁଆ ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ତା ନିକଟରୁ ବନ୍ଧୁକ ଓ ଗୁଳି ଜବତ କରାଯାଇଥିଲା। ହେଟା ବିରୋଧରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଥିବା ଜଣାପଡିଛି।

# ରାଣୀପୁଟ ଜଙ୍ଗଲରେ ଅବକାରୀ ଚଢଉ

ଜୟପୁର,(ନିପ୍ର) ଜୟପୁର ସଦର ଥାନା ଅନ୍ତର୍ଗତ ରାଣୀପୁଟ ଜଙ୍ଗଲରେ ଆଜି ଅବକାରି ଚଢଉ ହୋଇଛି। ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଚଢଉ କରିଛି। ଚଢଉ ଖବର ପାଇ ମଦ ମାଫିଆ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୧୨ ଶହ ଲିଟର ପୋଚ ଓ ୭୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି।

### ହାଇକୋର୍ଟ ରାୟ ପରେ ମଧ୍ୟ ଜମି ଦଖଲକୁ ନେଇ ବିବାଦ

# ନ୍ୟାୟ ପାଇଁ ଗୁହାରି କଲେ ଆଇନଗତ ଉତ୍ତରାଧିକାରୀ

ଭଦ୍ରକ, (ନିପ୍ର) ଭଦ୍ରକ ଜିଲ୍ଲା ପୁରୁଣା ବଜାର ଥାନା ଅନ୍ତର୍ଗତ ଗରଦପୁର ମୌଜାର ଏକ ଜମିବାଡ଼ିକୁ କେନ୍ଦ୍ର କରି ପ୍ରାୟ ଚାରି ଦଶକ ଧରି ଚାଲିଆସୁଥିବା ଆଇନଗତ ବିବାଦ ପୁଣିଥରେ ଚର୍ଚ୍ଚାର ବିଷୟ ପାଲଟିଛି। ମାନ୍ୟବର ଉଚ୍ଚ ନ୍ୟାୟାଳୟ ପୀଡ଼ିତ ପରିବାରଙ୍କ ସପକ୍ଷରେ ରାୟ ପ୍ରଦାନ କରି ଜମିର ଅଧିକାର ଫେରାଇ ଦେବାକୁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ସ୍ଥାନୀୟ ସ୍ତରରେ ସମସ୍ୟାର ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ପରିବାର ସୂତ୍ରରୁ ପ୍ରକାଶ ଯେ, ସ୍ୱର୍ଗତ ଏସ୍.କେ. ଅଟାଉଲ୍ଲାହଙ୍କ ନାମରେ ଥିବା ଜମିକୁ ନେଇ ଦୀର୍ଘ ବର୍ଷ ଧରି ବିଭିନ୍ନ ନ୍ୟାୟାଳୟରେ ମାମଲା ଚାଲିଥିଲା। ଏହି ମାମଲାରେ ସରକାରୀ ଭାବେ ଡିମାର୍କେସନ (ସୀମା ନିର୍ଦ୍ଧାରଣ) ସମ୍ପନ୍ନ ହୋଇଥିବା ବେଳେ ଏହାର ରିପୋର୍ଟ ମଧ୍ୟ ପରିବାରଙ୍କ ସପକ୍ଷରେ ଆସିଥିଲା। ପରବର୍ତ୍ତୀ ସମୟରେ ମାନ୍ୟବର ହାଇକୋର୍ଟ ମଧ୍ୟ ଜମି ଉପରେ ପରିବାରର ବୈଧ ଅଧିକାରକୁ ସ୍ୱୀକୃତି ଦେଇ ଜମି ଫେରାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପରିବାରର ଅଭିଯୋଗ ଅନୁଯାୟୀ, ନ୍ୟାୟାଳୟର ରାୟ ଏବଂ ପ୍ରଶାସନିକ ପ୍ରକ୍ରିୟା ସମ୍ପନ୍ନ ହେବା ପରେ ମଧ୍ୟ ବିପକ୍ଷ ପକ୍ଷର କିଛି ବ୍ୟକ୍ତି ଜମିରେ କୌଣସି ପ୍ରକାର କାର୍ଯ୍ୟ କରିବାକୁ ଦେଉନାହାନ୍ତି। ଏପରିକି ବାରମ୍ବାର ଧମକ, ଭୟଭୀତ କରିବା ଏବଂ ମାରପିଟ କରିବାକୁ ଉଦ୍ୟମ କରାଯାଉଥିବା ମଧ୍ୟ ଅଭିଯୋଗ କରାଯାଇଛି। ସ୍ୱର୍ଗତ ଏସ୍.କେ. ଅଟାଉଲ୍ଲାହଙ୍କ ଆଇନଗତ ଉତରାଧିକାରୀ ଭାବେ ତାଙ୍କ ପତ୍ନୀ ରାଫାତୁନ ବିବି ଏବଂ ସନ୍ତାନ ସାମସୁନ ବିବି, ଏସ୍.କେ. ଜାଫରୁଲ୍ଲାହ, ଏସ୍.କେ. ହାଫିଜୁଲ୍ଲାହ, ଏସ୍.କେ. ତାମିଜୁଲ୍ଲାହ, ଏସ୍.କେ. ଜିଆଉଲ୍ଲାହ, ଏସ୍.କେ. ଅଜିଜୁଲ୍ଲାହ, ଏସ୍.କେ. ଏମ୍.ଡି. ଆହେସାନୁଲ୍ଲାହ, ରାଜିଆ ସୁଲତାନା ଏବଂ ଏସ୍.କେ. ରିଜୱାନୁଲ୍ଲାହ ନ୍ୟାୟ ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପରିବାର ସଦସ୍ୟମାନେ କହିଛନ୍ତି ଯେ, ସେମାନେ ଶିକ୍ଷିତ ଓ ଶାନ୍ତିପ୍ରିୟ ନାଗରିକ ହୋଇଥିବାରୁ କୌଣସି ପ୍ରକାର ଝଗଡ଼ା କିମ୍ବା ଆଇନକୁ ହାତକୁ ନେବାକୁ ଚାହୁଁନାହାନ୍ତି। ନ୍ୟାୟାଳୟର ରାୟକୁ ସମ୍ମାନ ଜଣାଇ ସେମାନେ ଆଇନ ଅନୁଯାୟୀ ଜମିରେ କାର୍ଯ୍ୟ କରିବାକୁ ଚାହୁଁଥିବା ବେଳେ ବାରମ୍ବାର ସୃଷ୍ଟି ହେଉଥିବା ବାଧା ସେମାନଙ୍କୁ ଚିନ୍ତାରେ ପକାଇଛି। ପ୍ରାୟ ୪୦ ବର୍ଷ ଧରି ନ୍ୟାୟ ପାଇଁ ସଂଘର୍ଷ କରିବା ପରେ ଉଚ୍ଚ ନ୍ୟାୟାଳୟରୁ ସପକ୍ଷରେ ରାୟ ପାଇଥିଲେ ମଧ୍ୟ ଜମିର ବାସ୍ତବ ଦଖଲ ଓ ବ୍ୟବହାରରେ ବାଧା ଆସୁଥିବାରୁ ପରିବାର ପକ୍ଷରୁ ଜିଲ୍ଲା ପ୍ରଶାସନ, ରାଜସ୍ୱ ବିଭାଗ ଓ ପୋଲିସ ପ୍ରଶାସନଙ୍କ ତତ୍କାଳ ହସ୍ତକ୍ଷେପ ଦାବି କରାଯାଇଛି। ନ୍ୟାୟାଳୟର ରାୟକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ସହ ପରିବାରକୁ ଆଇନ ଅନୁଯାୟୀ ସୁରକ୍ଷା ଯୋଗାଇ ଦେବାକୁ ସେମାନେ ଅନୁରୋଧ କରିଛନ୍ତି।

# ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ବୟଫ୍ରେଣ୍ଡ୍ ଦାୟୀ: ଡିସିପି

କଟକ(ନିପ୍ର): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ଭଞ୍ଜବାଳା ହେମ୍ବ୍ରମ୍‌ଙ୍କ ମୃତ୍ୟୁ ଘଟଣାରେ ପର୍ଦ୍ଦାଫାସ ହୋଇଛି। ପୁରୁଷ ବନ୍ଧୁ ଭୀମସେନଙ୍କ ପାଇଁ ଚନ୍ଦ୍ରିକାଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ତଥ୍ୟ ମିଳିଛି ବୋଲି ଡିସିପି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଡିସିପି କହିଛନ୍ତି, ଲାପଟପ, ଟାବଲେଟ ଜବତ ହୋଇଛି, ହ୍ୱାଟସଆପ ତଥ୍ୟ ବି ମିଳିଛି। ମୃତ୍ୟୁ ପୂର୍ବରୁ ଚନ୍ଦ୍ରିକା ଭୀମସେନଙ୍କୁ ଫୋନ କରିଥିଲେ। କିନ୍ତୁ ସେ ଫୋନ ଉଠାଇ ନ ଥିଲେ। ଅନ୍ୟ ଜଣଙ୍କ ନମ୍ବରରୁ ବି ଚନ୍ଦ୍ରିକା କଲ କରିଥିଲେ। କିନ୍ତୁ ତାହା ବି ଉଠାଇ ନଥିଲେ। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଆବଶ୍ୟକ ହେଲେ ଭୀମସେନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଫେରାର ଥିବା ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ ଭୀମସେନ ଟୁଡୁଙ୍କୁ ଶୁକ୍ରବାର କମିଶନରେଟ୍ ପୋଲିସ ମୟୂରଭଞ୍ଜରୁ ଗିରଫ କରିଛି। ମୟୂରଭଞ୍ଜ ଜିଲାର ବିଶୋଇ ଥାନାରେ ଭୀମସେନ ପ୍ରଥମେ ଆତ୍ମସମର୍ପଣ କରିଥିଲେ। ପରେ କମିଶନରେଟ୍ ପୋଲିସ ତାଙ୍କୁ ଗିରଫ କରିଛି। ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ଭୀମସେନ ଦାୟୀ ବୋଲି ଚନ୍ଦ୍ରିକାଙ୍କ ମା’ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଭୀମସେନଙ୍କୁ ଗିରଫକରିବା ପାଇଁ ଖୋଜୁଥିବାବେଳେ ପାଉ ନ ଥିଲା। ଭୀମସେନ ଆଗୁଆ ଜାମିନ ପାଇବାକୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଅନ୍ୟପକ୍ଷରେ ଭୀମସେନ ଓଏଏସ୍ ପ୍ରଶିକ୍ଷଣ ନେଉଥିବା ମଧୁସୂଦନ ଏକାଡେମୀର ୪ ଅଧିକାରୀଙ୍କୁ ଶୁକ୍ରବାର ପୋଲିସ ବାରଙ୍ଗ ଥାନାକୁ ଡକାଇ ଜେରା କରିଛି। ପୋଲିସ ସେମାନଙ୍କୁ ବିଭିନ୍ନ ଦିଗରୁ ପଚରାଉଚରା କରିଛି। ସେମାନଙ୍କ ମଧ୍ୟରେ ଜଣେ ଭୀମସେନଙ୍କ ବନ୍ଧୁ ଥିବା ଜଣାପଡ଼ିଛି। ଭୀମସେନ ଏକାଡେମୀ ଛାଡ଼ିବା ପୂର୍ବରୁ ସେ ବ୍ୟବହାର କରୁଥିବା ଲାପ୍‌ଟପ୍, ଟାବ୍‌ଲେଟ, ଜରୁରୀ କାଗଜପତ୍ର ଆଦିକୁ ଅଫିସ୍‌ରେ ଜମା କରିଥିଲେ। ପୋଲିସ ଏହିସବୁ ସାମଗ୍ରୀକୁ ଜବତକରି ଥାନାକୁ ଆଣି ଯାଞ୍ଚ କରୁଛି। ଏସବୁରୁ ଅନେକ କିଛି ତଥ୍ୟ ମିଳିପାରିବ ବୋଲି ପୋଲିସ ଆଶା ରଖିଛି। ସୂଚନାନୁଯାୟୀ, ଚଳିତ ମାସ ୪ତାରିଖରେ ତ୍ରିଶୂଳିଆ ନେତାଜୀ ସୁଭାଷ ସେତୁ ତଳୁ କାଠଯୋଡ଼ି ନଦୀରୁ ଚନ୍ଦ୍ରିକାଙ୍କ ମୃତଦେହ ବାରଙ୍ଗ ପୋଲିସ ଜବତ କରିଥିଲା। ଚନ୍ଦ୍ରିକାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ଭୀମସେନ ଓ ତାଙ୍କ ନୂତନ ବାନ୍ଧବୀ ସ୍ୱାତୀ ମିଶି ଚନ୍ଦ୍ରିକାଙ୍କୁ ହତ୍ୟା କରିଥିବା ନେଇ ଚନ୍ଦ୍ରିକାଙ୍କ ପରିବାର ଲୋକେ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଇତିମଧ୍ୟରେ ଚନ୍ଦ୍ରିକାଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ଶ୍ୱାସରୁଦ୍ଧ ଓ ପାଣିରେ ବୁଡ଼ି ମୃତ୍ୟୁ ଘଟିଥିବା ପୋଲିସ ସୂଚନା ଦେଇଛି। ଚନ୍ଦ୍ରିକାଙ୍କ ମୃତ୍ୟୁ ପରଠାରୁ ଭୀମସେନ ଫେରାର ହୋଇଯାଇଥିଲେ। ଘଟଣାର ୮ ଦିନ ପରେ ତାଙ୍କୁ ଗିରଫ କରାଯାଇଛି। ଭୀମସେନଙ୍କ ବାପା, ନୂତନ ବାନ୍ଧବୀ ସ୍ୱାତୀ ଏବଂ ଘଟଣା ଦିନ ଯେଉଁ ଅଟୋରେ ଚନ୍ଦ୍ରିକା ଆସିଥିଲେ ସେହି ଅଟୋର ଚାଳକଙ୍କୁ ବାରଙ୍ଗ ପୋଲିସ ଜେରା କରିସାରିଛି।

# ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବି: ମହିଳାଙ୍କ ବିକ୍ଷୋଭ

ମାଲକାନଗିରି, (ନିପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ସାଲବାଗାନ ସ୍ଥିତ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବିରେ ମହିଳାଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କରିବା ଦାବିରେ ସ୍ଥାନୀୟ ମହିଳାମାନେ ଗଣବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମଦ ଦୋକାନ ଯୋଗୁଁ ସ୍ଥାନୀୟ ଅଞ୍ଚଳର ଶାନ୍ତି ଶୃଙ୍ଖଳା ନଷ୍ଟ ହେବା ସହ ମହିଳା ଓ ଯୁବତୀମାନେ ନିଜକୁ ଅସୁରକ୍ଷିତ ମଣୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗାଁ ମୁଣ୍ଡରେ ମଦ ଦୋକାନ ଖୋଲିବା ଦିନଠାରୁ ସ୍ଥାନୀୟ ଅଞ୍ଚଳରେ ଅସାମାଜିକ ଗତିବିଧି ବୃଦ୍ଧି ପାଇଛି। ମଦ ଦୋକାନଟି ଜନବସତି ନିକଟରେ ଥିବାରୁ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଏଠାରେ ଅସାମାଜିକ ବ୍ୟକ୍ତି ଓ ମଦୁଆଙ୍କ ଆଡ୍ଡା ଜମୁଛି। ଫଳରେ ସ୍ଥାନୀୟ ମହିଳା, ସ୍କୁଲ-କଲେଜ ଯାଉଥିବା ଛାତ୍ରୀମାନେ ଏହି ରାସ୍ତାରେ ଯାତାୟାତ କରିବା ସମୟରେ ଅଶ୍ଳୀଳ ମନ୍ତବ୍ୟ ଓ ନିର୍ଯାତନାର ଶିକାର ହେଉଛନ୍ତି। ଏହି କାରଣରୁ ନିଜ ଘର ପାଖରେ ମଧ୍ୟ ମହିଳାମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ ମନେ କରୁଛନ୍ତି। ଏହାସହ ମଦ୍ୟପମାନେ ମଦ ପିଇବା ପରେ ଖାଲି କାଚ ବୋତଲଗୁଡ଼ିକୁ ପାଖରେ ଥିବା ଚାଷ ଜମି ଏବଂ ହିଡ଼ ଉପରକୁ ଫିଙ୍ଗି ଦେଉଛନ୍ତି। ସେଗୁଡ଼ିକ ଭାଙ୍ଗି ଜମିରେ ମିଶିଯାଉଥିବାରୁ ଚାଷ କାର୍ଯ୍ୟ କରିବା ଅସମ୍ଭବ ହୋଇପଡ଼ିଛି। ବୋତଲ କାଚ ବାଜି ଅନେକ ଚାଷୀ ଓ ଗୋରୁ ଆହତ ହେଉଛନ୍ତି ଏବଂ ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହେଉଥିବା ସେମାନେ କହିଛନ୍ତି। ଏସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଗୁହାରି କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଶନିବାର ମହିଳାମାନେ ବାଧ୍ୟ ହୋଇ ମଦ ଦୋକାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ଯଦି ଆଗାମୀ ଦିନରେ ଏହି ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କିମ୍ବା ବନ୍ଦ କରାନଯାଏ, ତେବେ ଆନ୍ଦୋଳନ ଆହୁରି ତୀବ୍ର ରୂପ ନେବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

### ଚାମେଲୀ ଓଝା ଘଟଣା

# ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର, ନ୍ୟାୟ ଦାବିରେ ବଢୁଛି ସ୍ୱର



କେନ୍ଦ୍ରାପଡ଼ା(ନିପ୍ର): ମହାକାଳପଡ଼ାର ଚର୍ଚ୍ଚିତ ଚାମେଲୀ ଓଝା ଘଟଣାକୁ ନେଇ ଜିଲ୍ଲାରେ ଚର୍ଚ୍ଚା ଓ ପ୍ରତିକ୍ରିୟା ଜାରି ରହିଛି। ଜେଲକୁ ପଠାଯାଇଥିବା ଚାମେଲୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅବନତି ହେବା ପରେ ତାଙ୍କୁ ପୁନର୍ବାର ଚିକିତ୍ସା ପାଇଁ ମେଡିକାଲକୁ ଆଣାଯାଇଥିବା ସୂଚନା ମିଳିଛି। ଏହାକୁ ନେଇ ପୋଲିସର ଭୂମିକା ଓ ଦାୟିତ୍ୱବୋଧ ଉପରେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଚାମେଲୀ ଜଣେ ମହିଳା ହୋଇଥିବା ସତ୍ତ୍ୱେ ତାଙ୍କ ପ୍ରତି ବ୍ୟବହାର ଏବଂ ଗିରଫ ପରବର୍ତ୍ତୀ ପରିସ୍ଥିତିକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ବେଳେ ତାଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇବା ନେଇ ପୋଲିସ ଓ ପ୍ରଶାସନ ପକ୍ଷରୁ ଯଥେଷ୍ଟ ତତ୍ପରତା ଦେଖାଯାଇଛି କି ନାହିଁ, ସେନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଏପରି ପରିସ୍ଥିତିରେ ରାଜ୍ୟ ସରକାରଙ୍କ ମହିଳା ସୁରକ୍ଷା ଓ ସଶକ୍ତିକରଣ ଦାବି ଉପରେ ମଧ୍ୟ ବିରୋଧୀ ଦଳ ଓ ସାମାଜିକ ସଂଗଠନମାନେ ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣାକୁ ଗୁରୁତ୍ୱ ଦେଇ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ମେଡିକାଲରେ ପହଞ୍ଚି ଚାମେଲୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଖବର ନେଇଥିଲେ। ଏହାସହ ସେ ଜିଲ୍ଲାପାଳ ଓ ଏସପିଙ୍କ ସହ ଆଲୋଚନା କରି ଘଟଣାର ନିରପେକ୍ଷ ତଦନ୍ତ ଓ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି ଜଣାଇଥିବା ସୂଚନା ମିଳିଛି। ବର୍ତ୍ତମାନ ସମସ୍ତଙ୍କ ନଜର ରହିଛି ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ। ଚାମେଲୀଙ୍କୁ କେବେ ଏବଂ କିପରି ନ୍ୟାୟ ମିଳୁଛି, ତାହାକୁ ନେଇ ସାଧାରଣ ଲୋକଙ୍କ ଅପେକ୍ଷା ଜାରି ରହିଛି।

### ପେନ୍‌ସନ ଓ ଅବସର ପ୍ରାପ୍ୟ ନ ମିଳିବା ମାମଲା

# ଦୁଇ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ



କଟକ(ନିପ୍ର): ଅବସର ଗ୍ରହଣ କରିବାର ଦୀର୍ଘ ୧୪ ବର୍ଷ ବିତିଯାଇଥିଲେ ମଧ୍ୟ ଜଣେ କର୍ମଚାରୀଙ୍କୁ ପେନ୍‌ସନ ଓ ଅନ୍ୟ ଅବସରକାଳୀନ ସୁବିଧା ନ ମିଳିବା ଘଟଣାରେ ଓଡ଼ିଶା ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। ସୁରେନ୍ଦ୍ର କୁମାର ଚୌବେ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାୟର ହୋଇଥିବା ଏକ ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଦୁଇ ଜଣ ସରକାରୀ ଅଧିକାରୀଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ କଳାହାଣ୍ଡି ଜିଲାପାଳଙ୍କୁ ହାଜର କରାଇବାକୁ କଳାହାଣ୍ଡି ଏସପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆବେଦନକାରୀଙ୍କୁ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ପର୍ଯ୍ୟନ୍ତ ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ଓ କଳାହାଣ୍ଡି ଜିଲାପାଳଙ୍କୁ ଦରମା ପ୍ରଦାନ କରାଯିବ ନାହିଁ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଉକ୍ତ ଅଧିକାରୀମାନେ ଆବେଦନକାରୀଙ୍କ ପେନସନ ମଞ୍ଜୁର ହୋଇଥିବାର ସଠିକ୍ କାଗଜପତ୍ର କୋର୍ଟରେ ଦାଖଲ କରିବେ, ତେବେ ଯାଇ ସେମାନେ ଦରମା ବନ୍ଦ ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ଆବେଦନ କରିପାରିବେ ବୋଲି ଅଦାଲତ କହିଛନ୍ତି।

# ନଡ଼ିଆ ଗଛରୁ ପଡି ବୃଦ୍ଧ ଆହତ

ଭାପୁର(ନିପ୍ର): ଭାପୁର ପଞ୍ଚାୟତ ଅନ୍ତର୍ଗତ ମନ୍ଦାରବେରେଣୀ ଗ୍ରାମର ସୁରେଶ ତ୍ରିପାଠୀ (୬୮) ନଡ଼ିଆ ଗଛରେ ଚଢି ନଡ଼ିଆ ତୋଳିବା ପେସା ରହିଥିବାବେଳେ ନିକଟବର୍ତ୍ତୀ ଗ୍ରାମମାନଙ୍କୁ ଯାଇ ଅନ୍ୟମାନଙ୍କର ନଡ଼ିଆ ତୋଳି ପାରିଶ୍ରମିକ ଆଣିଥାନ୍ତି। ଶନିବାର ସେ ଗୋଳାପୋଖରୀ ପଞ୍ଚାୟତ ତରବାଲୋ ଗ୍ରାମକୁ ଯାଇ ଜନୈକ ବ୍ୟକ୍ତିଙ୍କ ବାଡିରୁ ନଡ଼ିଆ ତୋଳିବା ସମୟରେ ଅସାବଧାନବଶତଃ ନଡ଼ିଆ ଗଛରୁ ଖସି ପଡିଥିଲେ। ଫଳରେ ତାଙ୍କର ମୁଣ୍ଡ ଫାଟି ଗୁରୁତର ରୂପେ ଆହତ ହୋଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରିବା ପରେ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲ ପଠାଯାଇଛି। ତାଙ୍କ ଅବସ୍ଥା ନିରାପଦ ରହିଥିବା ପରିବାର ସୂତ୍ରରୁ ପ୍ରକାଶ।

# ପୁରୀରେ ବଢୁଛି ଅପରାଧ: ଧରପଗଡ଼ ଜୋର୍‌ଦାର ପାଇଁ ନିର୍ଦ୍ଦେଶ

ପୁରୀ(ନିପ୍ର): ପୁରୀ ଜିଲ୍ଲାରେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପରେ ପୁରୀ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଅପରାଧିଙ୍କୁ ଧରପଗଡ ଅଭିଯାନ ଜୋରଦାର ହୋଇଛି। ଦୁର୍ଦ୍ଦାନ୍ତ ଅପରାଧୀ ଚନ୍ଦନ ଜେନାକୁ ପୋଲିସ ଏନକାଉଣ୍ଟର କରି ଅପରାଧିଙ୍କୁ କଡା ଚେତାବନୀ ଦେଇଛି ପୋଲିସ। ତେବେ ପୋଲିସ ଏନକାଉଣ୍ଟରକୁ ନେଇ ଅପରାଧିଙ୍କ ମଧ୍ୟରେ ଛନକା ପଶିଛି। ଆତଙ୍କ ସୃଷ୍ଟି କରୁଥିବା ଅପରାଧିଙ୍କ ତାଲିକାକରି କଡା କାର୍ଯ୍ୟାନୁଷ୍ଠାନ ନେବାକୁ ପୁରୀ ଏସପି ପ୍ରତୀକ ସିଂ ସବୁ ଥାନା ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଆଗକୁ ରଥଯାତ୍ରା ଆସୁଥିବା ବେଳେ ଲକ୍ଷ ଲକ୍ଷ ଭକ୍ତ ପୁରୀକୁ ଆସିବେ। ଏଣୁ ପେସାଦାର ଅପରାଧିମାନେ କିଛି ବି ଅପରାଧ ଘଟାଇବର ଆଶଙ୍କା ରହିଛି। ଏଣୁ ଆଗାମୀ ରଥଯାତ୍ରାରେ ଶାନ୍ତି ଶୃଙ୍ଖଳା ଓ ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ଅଧିକାରୀମାନେ ତତ୍ପର ହୋଇ କାର୍ଯ୍ୟ କରିବାକୁ ପୁରୀ ଏସପି ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଅନିଲ କୁମାର ସାହୁ କୁହନ୍ତି, ପୁରୀ ଜିଲ୍ଲାରେ ଆଇନ ଶୃଙ୍ଖଳା ସ୍ଥିତିକୁ ବଜାୟ ରଖିବା ପାଇଁ ପୁରୀ ଏସପି ଅପରାଧିଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ନିକଟରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀକୁ ପୋଲିସ ଏନକାଉଣ୍ଟର କରିଥିଲା। ଆମେ ପୋଲିସ ଅପରାଧ ଦମନ ଅଭିଯାନକୁ ସ୍ୱାଗତ କରୁଛୁ। ଏହା ଦ୍ୱାରା ଅସାମାଜିକ ବ୍ୟକ୍ତିଙ୍କ ମନରେ ଅପରାଧ ଘଟାଇବା ନେଇ ଭୟ ରହିବ। କିଛି ଅପରାଧି ମଧ୍ୟ ଜିଲା ବାହାରକୁ ପଳାଇଯାଇଥିବା ଅନେକ ଖବର ଆସୁଛି। ନିୟମିତ ଅନ୍ତରାଳରେ ଅପରାଧିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେଲେ ପୁରୀରେ ଆଇନ ଶୃଙ୍ଖଳା ସ୍ଥିତି ଠିକ ରହିବ। ହେଲେ କିଛି ଅପରାଧିଙ୍କ ସହ କିଛି ପୋଲିସ ଅଧିକାରୀଙ୍କ ସହ ସଲାସୁତୁରା ଥିବାରୁ ପୁରୀ ସହର ଓ ସଦର ଅଞ୍ଚଳରେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଦାଦାବଟି ଆଦାୟ, ଚୋରି, ବଳପୂର୍ବକ ଜମି ଦଖଲ, ଟେଣ୍ଡର ଫିକ୍ସିଂ, ସରକାରୀ ଜମିରୁ ବାଲି, ମାଟି ଓ କାଠ ଚୋରି ନିତିଦିନିଆ ଘଟଣାରେ ପରିଣତ ହୋଇଛି। କିଛି ଅପରାଧି ଦିନ ଦ୍ୱିପ୍ରହରେ ଆଇନ କାନୁନକୁ ଖାତିର ନକରି ଲୋକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରୁଛନ୍ତି। ଏଥିଯୋଗୁ ପୁରୀ ସହର ଓ ସଦର ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ଦେଶର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ପୁରୀ ଏବେ ଚୋରା ନିଶା ବେପାରୀଙ୍କ ପେଣ୍ଠସ୍ଥଳ ପାଲଟିଛି। ପୋଲିସ ଚଢାଉ ଓ କାର୍ଯ୍ୟାନୁଷ୍ଠାନ ଯଥେଷ୍ଟ ହେଉନି। ମଦୁଆଙ୍କୁ କେବଳ ପୋଲିସ ବାନ୍ଧୁଥିବା ବେଳେ ଦୁର୍ଦ୍ଦାନ୍ତ ଅପରାଧୀ ଖସି ଯାଉଛନ୍ତି। ପୁରୀରେ ଜମି କିଣାବିକା, ଗୃହ ନିର୍ମାଣ, ହୋଟେଲ ଓ ଅପାର୍ଟମେଣ୍ଟ ନିର୍ମାଣ କରୁଥିବା ଲୋକଙ୍କ ଠାରୁ ଅପରାଧିମାନେ ଲକ୍ଷାଧିକ ଟଙ୍କା ଦାଦାବଟି ଆଦାୟ କରୁଛନ୍ତି। ପୁରୀ ସଦର ଓ ଚନ୍ଦନପୁର ଅଞ୍ଚଳରେ ଖୁଲମଖୁଲା ଜୁଆଆଡ୍ଡା ଚାଲିଛି। ସ୍ପଷ୍ଟ ଦିବାଲୋକରେ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ବାଲି ଓ ଝାଉଁ କାଠ ଚୋରାଚାଲାଣ ହେଉଛି। ଅପରାଧିଙ୍କ ସହ କିଛି ପୋଲିସ କର୍ମଚାରୀଙ୍କ ସଲସୁତୁରା ଥିବାରୁ ଏହି ଚୋରା କାରବାର ଚାଲିଥିବା ଅଭିଯୋଗ ହେଉଛି। ପୁରୀ ଏସପି ପ୍ରତୀକ ସିଂ ପ୍ରତି ମାସରେ ଜିଲ୍ଲାର ଆଇନ ଶୃଙ୍ଖଳା ସ୍ଥିତି ନେଇ ସମୀକ୍ଷା କରୁଥିବା ବେଳେ ଦୁର୍ଦ୍ଦାନ୍ତ ଅପରାଧୀଙ୍କ କାର୍ଯ୍ୟକଳାପ ବିଷୟରେ ତାଙ୍କୁ ସୂଚନା ଦିଆଯାଉନାହିଁ। ପୁରୀ ପୌରସଂସ୍ଥା, ରାସ୍ତା ଓ ଗୃହ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ, ଜଳ ସେଚନ ଓ ଡ୍ରେନଜ ଡିଭିଜନରେ ଟେଣ୍ଡର ପ୍ରକ୍ରିୟାରେ ଅପରାଧିମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଆଗକୁ ରଥଯାତ୍ରା ଥିବା ବେଳେ ଅପରାଧ ବୃଦ୍ଧି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବଡଦାଣ୍ଡରେ ଷ୍ଟଲ୍ ବିକ୍ରି କରିବା ଟେଣ୍ଡର ହାତେଇବାକୁ କିଛି ନେତାଙ୍କୁ ହାତ କରି ଟେଣ୍ଡର ନେବାକୁ କିଛି ଅପରାଧି ଉଦ୍ୟମ କରୁଛନ୍ତି। ପୁରୀରେ ଅପରାଧ ସାମ୍ରାଜ୍ୟ ଚଳାଇଥିବା ବାଦ୍ ଅପରାଧିଙ୍କୁ ଗିରଫ କରାଯାଉନାହିଁ। କେବଳ ଲୋକ ଦେଖାଣିଆ ଭାବେ କିଛି ଛୋଟ ମୋଟ ଅପରାଧିଙ୍କୁ ପୋଲିସ ଗିରଫ କରି ନିଜର ସଫଳତା ଗାନ କରୁଥିବା ଅଭିଯୋଗ ହେଉଛି। ପୁରୀର ଶରଧାବାଲି, ସମୁଦ୍ରକୂଳ, ବଳିଆପଣ୍ଡା, ଚକ୍ରତୀର୍ଥ, ବାଲିଘାଟ, ମଙ୍ଗଳାଘାଟ, ଲୋକନାଥ ରୋଡରେ କେତେକ ଅପରାଧି ଉଠାଦୋକାନୀଙ୍କ ଠାରୁ ପ୍ରତ୍ୟେକ ଦିନ ବଟି ଆଦାୟ କରୁଥିବା ଅଭିଯୋଗ ହେଉଛି। ତେବେ ଅପରାଧି ଦମନ ଅଭିଯାନରେ ପୁରୀ ପୋଲିସର ଏନକାଉଣ୍ଟର ଭୟରେ ଅଧିକାଂଶ ଦୁର୍ଦ୍ଦାନ୍ତ ଅପରାଧୀ ଏବେ ରାଜନେତାଙ୍କ ଶରଣରେ ଅଛନ୍ତି। କିଛି ଅପରାଧି ଲୁଚି ଯାଇଛନ୍ତି। ତେବେ ପୋଲିସ ସେମାନଙ୍କ ତାଲିକା ପ୍ରସ୍ତୁତ କରି ଖୋଜୁଥିବା ଜଣାପଡୁଛି।

# ପ୍ରଧାନମନ୍ତ୍ରୀଙ୍କ ୧୨ ବର୍ଷର ଯାତ୍ରା ସେବା, ସୁଶାସନ ଓ ଗରିବ କଲ୍ୟାଣର ସଫଳ ନିଦର୍ଶନ: ଧର୍ମେନ୍ଦ୍ର ପ୍ରଧାନ



ଭୋପାଳ/ଭୁବନେଶ୍ୱର, ୧୩/୬(ପିଆଇବି): ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଗତ ୧୨ ବର୍ଷର ଯାତ୍ରା ସେବା, ସୁଶାସନ ଓ ଗରିବ କଲ୍ୟାଣର ସଫଳ ନିଦର୍ଶନ ବୋଲି ଆଜି ମଧ୍ୟପ୍ରଦେଶର ଭୋପାଳ ଗସ୍ତ ଅବସରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ପୃଥକ ପୃଥକ ଭାବରେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ, ଜନପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱର ସଫଳ ୧୨ ବର୍ଷ ଉପରେ ସମ୍ବାଦିକମାନଙ୍କ ସହ ଆଲୋଚନା କରିବା ସହିତ 'ଆତ୍ମନିର୍ଭର ମହିଳା ସମ୍ମାନ' ଓ 'ବିକଶିତ ଭାରତ ସଂକଳ୍ପ: ଏକ ବିକଶିତ ଭାରତ ଅଭିମୁଖେ' କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ୧୨ ବର୍ଷ ସଫଳତାର ସହ ପୂର୍ଣ୍ଣ ହୋଇଛି । ଏହି ଯାତ୍ରା ଦେଶର ପ୍ରତ୍ୟେକ ବର୍ଗକୁ ସାଙ୍ଗରେ ନେଇ ଆଗକୁ ବଢ଼ିବା ଏବଂ ସେବା ଓ ସୁଶାସନର ସଂକଳ୍ପକୁ ମଜବୁତ କରିବାର ଯାତ୍ରା ଅଟେ । ଅନ୍ତ୍ୟୋଦୟ ଭାବନା ସହ ଗରିବ, କୃଷକ, ମହିଳା ଏବଂ ଯୁବକମାନଙ୍କୁ କେନ୍ଦ୍ରରେ ରଖାଯାଇଛି । ଆବାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ଜନଧନ ଯୋଜନା, ଲକ୍ଷପତି ଦିଦି, ପିଏମ କିଷାନ ସମ୍ମାନ ନିଧି, ଆୟୁଷ୍ମାନ ଭାରତ ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆ ଭଳି ଅନେକ ଐତିହାସିକ ପଦକ୍ଷେପ ନିଆଯାଇଛି । ଆଜି ମହିଳା ନେତୃତ୍ୱାଧୀନ ବିକାଶ ଭାବନା ସହ ଦେଶର ନାରୀ ଶକ୍ତି କେବଳ ସହଭାଗୀ ନୁହେଁ, ବରଂ ପ୍ରଗତିର ଅଗ୍ରଣୀ ଶକ୍ତି ସାଜିଛନ୍ତି । 'ଆତ୍ମନିର୍ଭର ମହିଳା ସମ୍ମାନ' କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଲକ୍ଷପତି ଦିଦିମାନଙ୍କ ସହ ସମ୍ବାଦ କରିଥିଲେ । ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ବୁଲି ଦେଖିବା ସହ ସେମାନଙ୍କ ପରିଶ୍ରମ, ପ୍ରତିଭା ଓ ଆତ୍ମବିଶ୍ୱାସକୁ ଉଚ୍ଚ ପ୍ରଶଂସା କରିଥିଲେ । ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଜିର ନାରୀ ଶକ୍ତି ସ୍କିଲ ଓ ଇନୋଭେସନ ମାଧ୍ୟମରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି । ମନ୍ଦିରର ବର୍ଜ୍ୟବସ୍ତୁରୁ ପୁଣି ଥରେ ଯୋଗ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ସ୍ୱଚ୍ଛତା ଏବଂ ଆତ୍ମନିର୍ଭରତାର ଏକ ପ୍ରେରଣାଦାୟୀ ଉଦାହରଣ । ସେହିପରି କେନ୍ଦ୍ର ସରକାରଙ୍କ 'ଗୋବର୍ଦ୍ଧନ ଯୋଜନା' ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରି ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରୁଛି ।



ଭୁବନେଶ୍ୱର: 'ଶୁଶ୍ରୂଷା' ପରିବାରର ରଜପର୍ବ ପାଳନ ଅବସରରେ ସଭ୍ୟାଳବୃନ୍ଦ (ଫଟୋ-ଦିନଲିପି)



ବରଗଡ଼ରେ ଉତ୍କଳ ସେବା ଓ ଶିକ୍ଷା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ରଜ ମହୋତ୍ସବକୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରୁଛନ୍ତି (ଫଟୋ-ଦିନଲିପି)

## ଭକ୍ତଙ୍କ ସୁରକ୍ଷା ଓ ସହାୟତା କ୍ଷେତ୍ରରେ ଆଉ ଏକ ସଫଳ ପଦକ୍ଷେପ

**ପୁରୀ, ୧୩/୬(ନିପ୍ର):** ପୁରୀ ପୋଲିସ ଦ୍ୱାରା ଭକ୍ତମାନଙ୍କ ସୁରକ୍ଷା ଓ ସହାୟତା କ୍ଷେତ୍ରରେ ଆଉ ଏକ ସଫଳ ପଦକ୍ଷେପ ଗ୍ରହଣ କରାଯାଇଛି । ହଜିଯାଇଥିବା ସୁନା ଅଳଙ୍କାର ଓ ନଗଦ ଅର୍ଥ ଉଦ୍ଧାର କରାଯାଇ ପ୍ରକୃତ ମାଲିକଙ୍କୁ ସୁରକ୍ଷିତ ଭାବେ ଫେରସ୍ତ କରାଯାଇଛି । ଶ୍ରୀମତୀ ପୁଷ୍ପଲତା ସାହୁ, ସ୍ୱାମୀ ନିରଞ୍ଜନ ସାହୁ, ଗ୍ରାମ ପାଟଣାସାହି, ଥାନା ବଳଙ୍ଗା, ପୁରୀ, ତାଙ୍କର ପ୍ରାୟ ୨୫ ଗ୍ରାମ ଓଜନର ଏକ ସୁନା ଚେନ୍ ସହିତ ସୁନା ଲକେଟ୍ ଏବଂ ନଗଦ ୩,୫୦୦ ଟଙ୍କା ହଜିଯାଇଥିଲା । ଏହି ଘଟଣା ସମ୍ପର୍କରେ ସୂଚନା ପାଇବା ପରେ



ପୁରୀ ପୋଲିସ ତୁରନ୍ତ ଅନୁସନ୍ଧାନ ଆରମ୍ଭ କରିଥିଲା । ତଦନ୍ତ ପ୍ରକ୍ରିୟାରେ ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଇଥିଲା ଏବଂ ଅନ୍ୟାନ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ପୋଲିସର ତତ୍ପରତା ଓ ନିଷ୍ଠାପୂର୍ଣ୍ଣ ଉଦ୍ୟମ ଫଳରେ ହଜିଯାଇଥିବା ସୁନା ଚେନ୍, ସୁନା ଲକେଟ୍ ଓ ନଗଦ ଅର୍ଥ ଉଦ୍ଧାର କରାଯିବାରେ ସଫଳତା ମିଳିଥିଲା । ପରବର୍ତ୍ତୀ ସମୟରେ ଉଦ୍ଧାର ହୋଇଥିବା ସମସ୍ତ ସାମଗ୍ରୀ ସମ୍ପର୍କରେ ଉପଯୁକ୍ତ ଯାଞ୍ଚ ଓ ପରିଚୟ ପ୍ରକ୍ରିୟା ସମ୍ପନ୍ନ କରାଯାଇ ପ୍ରକୃତ ମାଲିକ ପୁଷ୍ପଲତା ସାହୁଙ୍କ ଜିମାରେ ଫେରସ୍ତ କରାଯାଇଥିଲା । ନିଜର ହଜିଯାଇଥିବା ମୂଲ୍ୟବାନ ସମ୍ପତ୍ତି ପୁନର୍ବାର ଫେରିପାଇ ପୁଷ୍ପଲତା ସାହୁ ଏବଂ ତାଙ୍କ ପରିବାର ସଦସ୍ୟମାନେ ପୁରୀ ପୋଲିସ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ପୁରୀ ପୋଲିସ ସଦା ସର୍ବଦା ଜନସାଧାରଣଙ୍କ ସୁରକ୍ଷା, ସହାୟତା ଓ ସେବା ପାଇଁ ପ୍ରତିବଦ୍ଧ ରହିଛି ।

## ୧.୮ କୋଟି ଟଙ୍କା ପାଇଲେ ୩୮୭ ଚୁକ୍ତିଭିତ୍ତିକ କର୍ମଚାରୀ

**ଭୁବନେଶ୍ୱର, ୧୩/୬(ପିଆଇବି):** କେନ୍ଦ୍ର ସରକାରଙ୍କ ଶ୍ରମ କର୍ତ୍ତୃପକ୍ଷଙ୍କ ତ୍ୱରିତ ହସ୍ତକ୍ଷେପ ଫଳରେ ଭୁବନେଶ୍ୱର ଏମ୍ସରେ ୩୮୭ଟି ଚୁକ୍ତିଭିତ୍ତିକ ସୁରକ୍ଷା କର୍ମୀଙ୍କୁ ସେମାନଙ୍କର ବକେୟା ପ୍ରାପ୍ୟ ମିଳିଛି । ଫଳରେ ଏମ୍ସରେ ଧର୍ମଘଟ ପ୍ରତ୍ୟାହୃତ ହୋଇଛି । ଭୁବନେଶ୍ୱରସ୍ଥିତ ଉପ ମୁଖ୍ୟ ଶ୍ରମ ଆୟୁକ୍ତ (କେନ୍ଦ୍ରୀୟ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଦୁଇ ଘଣ୍ଟା ମଧ୍ୟରେ ଏହି ଘଟଣାରେ ହସ୍ତକ୍ଷେପ କରି ବିବାଦର ସମାଧାନ କରାଯାଇଥିଲା । ସୁରକ୍ଷା କର୍ମୀଙ୍କ ବକେୟା ଦରମା ବାବଦରେ ୧ କୋଟି ୮୦ ଲକ୍ଷ ଟଙ୍କା ପୈଠ କରାଯାଇଥିଲା । ୧୨ ଜୁନ୍ ୨୦୨୬ରେ, ମେସର୍ସ ଏମଭିଏସଏଫ ସୁରକ୍ଷା ଏଜେନ୍ସି ମାଧ୍ୟମରେ ନିୟୋଜିତ ଚୁକ୍ତିଭିତ୍ତିକ ସୁରକ୍ଷା କର୍ମଚାରୀମାନେ ଗତ ଦୁଇ ମାସର ମଜୁରି ନ ପାଇବାରୁ ହଠାତ୍ ଧର୍ମଘଟ ଆରମ୍ଭ କରିଥିଲେ । ଏ ସମ୍ପର୍କରେ ସୂଚନା ପାଇବା ପରେ, ଭୁବନେଶ୍ୱରର ଉପ-କେନ୍ଦ୍ରୀୟ ସ୍ତରୀୟ ଅଧିକାରୀ (କେନ୍ଦ୍ରୀୟ)ଙ୍କ କାର୍ଯ୍ୟାଳୟ ତୁରନ୍ତ ପଦକ୍ଷେପ ନେଇ ପରିଚାଳନା କର୍ତ୍ତୃପକ୍ଷ ଏବଂ ଠିକାଦାରଙ୍କ ସହିତ ସମନ୍ୱୟ ସ୍ଥାପନ କରିବା ସହିତ ମାମଲାର ତୁରନ୍ତ ସମାଧାନ କରିଥିଲା । ସମୟୋଚିତ ହସ୍ତକ୍ଷେପ ଫଳରେ, ଦୁଇ ଘଣ୍ଟା ମଧ୍ୟରେ ଧର୍ମଘଟ ପ୍ରତ୍ୟାହାର କରାଯାଇଥିଲା । ସମସ୍ତ ପ୍ରଭାବିତ ଶ୍ରମିକଙ୍କ ବକେୟା ଦରମା ସେହି ଦିନ ହିଁ ପ୍ରଦାନ କରାଯାଇଥିଲା । ଫଳରେ ଶ୍ରମିକଙ୍କ ହିତ ସୁରକ୍ଷା ସହିତ ଏମ୍ସ ଭୁବନେଶ୍ୱରରେ ନିରବଚ୍ଛିନ୍ନ ସୁରକ୍ଷା ସେବା ସୁନିଶ୍ଚିତ କରାଯାଇଥିଲା । ମାମଲାର ତଦନ୍ତରୁ ଜଣାପଡ଼ିଛି ଯେ ମେସର୍ସ ଏମଭିଏସଏଫ ସୁରକ୍ଷା ଏଜେନ୍ସିକୁ ମାର୍ଚ୍ଚ ୨୦୨୬ରେ ଏମ୍ସ ଭୁବନେଶ୍ୱରରେ ସୁରକ୍ଷା ଠିକା କାମ ଦିଆଯାଇଥିଲା ।

## ଦେଉଳି ମଠ ପରିଦର୍ଶନରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ

କାକଟପୁର ୧୩।୬(ନିପ୍ର):ଶ୍ରୀଜଗନ୍ନାଥଙ୍କ ବନଯାଗ ଲୀଳା ସହ ଅତ୍ୟନ୍ତ ନିବିଡ଼ ଭାବେ ଜଡ଼ିତ ପୁରାଣ ପ୍ରସିଦ୍ଧ ଦେଉଳି ମଠ ପ୍ରାଚୀ ଉପତ୍ୟକାର ଏକ ଅନନ୍ୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପୀଠସ୍ଥଳୀ ଭାବେ ପରିଚିତ । ଚତୁର୍ଦ୍ଧାମୂର୍ତ୍ତିଙ୍କ ନବକଳେବର ଲୀଳାରେ ଏହି ମଠର ଭୂମିକା ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ । ଶନିବାର ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମହେଶ ସାହୁ ଏକ ସୌଜନ୍ୟମୂଳକ ଗସ୍ତରେ ଦେଉଳି ମଠ ପରିଦର୍ଶନ କରି ମଠର ବିଭିନ୍ନ ଧାର୍ମିକ, ସାଂସ୍କୃତିକ ଓ ସେବାମୂଳକ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ । ଗସ୍ତ ସମୟରେ ସେ ପ୍ରାଚୀ ନଦୀର ଜୀର୍ଣ୍ଣାବସ୍ଥା ଅନୁଧ୍ୟାନ କରିବା ସହିତ ମଠରେ ପାଳିତ ନୀତିକାନ୍ତି, ଗୋସେବା ଏବଂ ଧାର୍ମିକ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ମା' ମଙ୍ଗଳାଙ୍କ ଆଦ୍ୟପୀଠ ଦେଉଳି ମଠରୁ ଶ୍ରୀମନ୍ଦିରକୁ ଯାଉଥିବା ପାରମ୍ପରିକ ଅଣବସର ଫଳଭାର ସେବା ପାଇଁ ଶଗଡ଼ ଓ ବଳଦ ପ୍ରସ୍ତୁତି ସମ୍ବନ୍ଧୀୟ କାର୍ଯ୍ୟର ମଧ୍ୟ ତଦାରଖ କରିଥିଲେ । ଦେଉଳି ମଠ ଡେଭଲପମେଣ୍ଟ ଚାରିଟେବୁଲ ଟ୍ରଷ୍ଟର ସଭାପତି କାଳୀପ୍ରସାଦ ସ୍ୱାଇଁ ସୂଚନା ଦେଇ କହିଛନ୍ତି ଯେ, ଆସନ୍ତା ଅଣବସର ସପ୍ତମୀ ଜୁଲାଇ ୭ ତାରିଖରେ ଦେଉଳି ମଠରୁ ଚାରିଟି ଫଳଭାର ଶଗଡ଼ ସହ ପାରମ୍ପରିକ ଯାତ୍ରା ଆରମ୍ଭ ହେବ ଏବଂ ଅଣବସର ନବମୀ ଦିନ ଶ୍ରୀମନ୍ଦିରରେ ଫଳ ସମର୍ପଣ କରାଯିବ ।

## ରହମାନୁଲ୍ଲାହ ରଚିଲେ ଇତିହାସ

ନୂଆଦିଲ୍ଲୀ,୧୩/୬ : ଆଫଗାନିସ୍ତାନ ୱିକେଟକିପର-ବ୍ୟାଟର ରହମାନୁଲ୍ଲାହ ଗୁରବାଜ ଭାରତ ବିପକ୍ଷ ପ୍ରଥମ ଦିନିକିଆରେ ୧୦୨ ରନର ଐତିହାସିକ ଇନିଂସ ଖେଳିଛନ୍ତି । ୪୮ ବଲରେ ସେ ଶତକ ହାସଲ କରିଛନ୍ତି । ସେ ଆଫଗାନିସ୍ତାନ ପାଇଁ ଦିନିକିଆରେ ଅନ୍ତର୍ଜାତୀୟ କ୍ରିକେଟରେ ସବୁଠାରୁ ଦ୍ରୁତତମ ଶତକ ହାସଲ କରିଥିବା ବ୍ୟାଟର ହୋଇଯାଇଛନ୍ତି । ଧର୍ମଶାଳାରେ ଖେଳାଯାଉଥିବା ପ୍ରଥମ ଦିନିକିଆରେ, ଆଫଗାନିସ୍ତାନ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା । ଆଫଗାନିସ୍ତାନ ଖରାପ ଆରମ୍ଭ କରିଥିଲା, ଦ୍ୱିତୀୟ ଓଭରରେ ପ୍ରଥମ ୱିକେଟ ଭାବେ ଇବ୍ରାହିମ୍ ଜାଦରାନ୍ (୧)ଙ୍କୁ ହରାଇଥିଲା ।

## 'ଭାରତ ଇନୋଭେଟ୍ସ'ର ରଣନୀତିକ ଦସ୍ତାବିଜ୍ ଉନ୍ମୋଚିତ



**ନୂଆଦିଲ୍ଲୀ, ୧୨/୬(ପିଆଇବି):** ଭାରତରେ ବଢ଼ୁଥିବା ଇନୋଭେସନ ଓ ଟେକ୍ନୋଲୋଜିର କ୍ଷମତାକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଫ୍ରାନ୍ସର ନିସ୍ ସହରରେ ଆୟୋଜିତ ହେବାକୁ ଥିବା ଏହି ପ୍ରମୁଖ ଆନ୍ତର୍ଜାତୀୟ ପ୍ରଦର୍ଶନୀ ପୂର୍ବରୁ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଭାରତ ଇନୋଭେଟ୍ସ'ର ରଣନୀତିକ ଦସ୍ତାବିଜ୍‌ଗୁଡ଼ିକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି । ଏହି ଗରିମାମୟ କାର୍ଯ୍ୟକ୍ରମରେ ଭାରତର ନୂଆପିଢ଼ିର ଅଭିନବ ଚିନ୍ତାଧାରା, ବ୍ୟବସାୟିକ ପ୍ରସ୍ତାବ ଏବଂ ବିଶ୍ୱର ଆବଶ୍ୟକତାକୁ ପୂରଣ କଲାଭଳି ନୂତନ ଉଦ୍ଭାବନଗୁଡ଼ିକୁ ପ୍ରଦର୍ଶିତ କରାଯିବ ।

## ଜଙ୍ଗଲରେ ବିସ୍ଫୋରକ ସାମଗ୍ରୀ : ନକ୍ସଲଙ୍କ ୮ ଡମ୍ପ୍ ଜବତ

ବିଜାପୁର/ରାୟପୁର, ୧୩।୬: ଏକ ପ୍ରମୁଖ ନକ୍ସଲ ବିରୋଧୀ ଅପରେସନରେ, ଛତିଶଗଡ଼ର ବିଜାପୁରରେ କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ସହିତ ନକ୍ସଲଙ୍କ ୮ଟି ଡମ୍ପ୍ ଜବତ କରିଛି । ପୋଲିସ୍ ଏବଂ କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ ଦ୍ୱାରା ଏକ ମିଳିତ ଅପରେସନ ସମୟରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯିବା ସହିତ ଗରିଆବନ୍ଦ ଜିଲ୍ଲାର ଦାଣ୍ଡାଇପାନି ଜଙ୍ଗଲରେ ପ୍ରେସର ଆଇଇଡି ଏବଂ କୁକର ଆଇଇଡି ମଧ୍ୟ ନିଷ୍କ୍ରିୟ କରାଯାଇଛି ।

## ନିମ୍ନମାନର କାର୍ଯ୍ୟ: ନୂତନ ଓଭର ବ୍ରିଜ୍ ଉପରେ ଗର୍ତ୍ତ ସୃଷ୍ଟି

■ ଜାତୀୟ ରାଜପଥ ଅବରୋଧ କଲା ନାଗରିକ କମିଟି
■ କାର୍ଯ୍ୟର ତଦନ୍ତ ପ୍ରତିଶ୍ରୁତି ଦେଲା ଏନଏଚଆଇ

ରେଢ଼ାଖୋଲ, ୧୩।୬(ନିପ୍ର): ସମ୍ବଲପୁର ରୁ କଟକ ୫୫ ନଂ ଜାତୀୟ ରାଜପଥ ରାସ୍ତା ରେଢ଼ାଖୋଲ ସହରର ସ୍ଥାନୀୟ ତାରିଣୀ ଢାବା ନିକଟରେ ଥିବା ହାତୀ କୋରିଡର ଓଭର ବ୍ରିଜ୍ ଉପରେ ଗତକାଲି ବିଳମ୍ବିତ ରାତ୍ରୀରେ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଗର୍ତ୍ତ ସୃଷ୍ଟି ହୋଇ ଲୁହା ରଡ୍ ଦେଖା ଯାଇଥିଲା । ଏହା ଜାଣିବା ପରେ ସ୍ଥାନୀୟ ଲୋକେ ପ୍ରଶାସନକୁ ଖବର ଦେବାପରେ ସେଠାରେ ସୁରକ୍ଷା ଦିଆଯାଇଥିଲା । ଜାତୀୟ ରାଜପଥ ରାସ୍ତା ଉପରେ ଯାଉଥିବା ଯାନବାହନ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ସୂଚନା ଯୋଗ୍ୟ ଯେ କୋଟି କୋଟି ଟଙ୍କାର ଏହି ରାଜରାସ୍ତା ଏନ୍ ଏଚ୍ ଆଇ ପକ୍ଷରୁ ଏକ ଠିକା ସଂସ୍ଥା ଦ୍ୱାରା ନିର୍ମାଣାଧିନ । ଏହି ରାସ୍ତାର ରେଢ଼ାଖୋଲ ଠାରୁ ସମ୍ବଲପୁର ମଧ୍ୟରେ ଅନେକ ହାତୀ ଚଲାପଥ ପାଇଁ ସରକାର ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କରୁଛନ୍ତି । ହେଲେ ଏହି ବ୍ରିଜ୍ ଗୁଡିକର ମାନ ପରୀକ୍ଷା ଠିକ୍ ଭାବରେ ହେଉଛି କି ନାହିଁ ତାହା କର୍ତ୍ତୃପକ୍ଷ ଓ ଠିକା ସଂସ୍ଥା ହିଁ ଜାଣିଥିବେ । ଯଦି ମାନ ପରୀକ୍ଷା ହୋଇଛି ତାହେଲେ କେମିତି ପ୍ରାୟ ୬ ରୁ ୭ ମାସ ମଧ୍ୟରେ ଏହି ଓଭର ବ୍ରିଜ୍ ଉପରୁ କଂକ୍ରିଟ ତଥା ପିଚୁ ଖସିପଡ଼ି ଗର୍ତ୍ତ ସୃଷ୍ଟି ହେଉଛି । ଏଥିରେ ଦାୟୀ କିଏ ?



ଏନ୍ ଏଚ୍ ଆଇ ନା଼ ଏଆଇପିଏଲ୍ ଠିକା ସଂସ୍ଥା ଏହା ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟ ପଟେ ଜଣାପଡିବା ବେଳେ ରାତାରାତି ଏହାକୁ ଲୁଚାଇବାକୁ ନେଇ ଏନ୍ ଏଚ୍ ଆଇ ଠିକା ସଂସ୍ଥା ଆସି ଖାଲ ହୋଇ ରହିଥିବା ଅଂଶରେ କିଛି ଛଡ ବାନ୍ଧି ଲୋକ ନଜାଣିବା ପୂର୍ବରୁ ତାକୁ କଂକ୍ରିଟ୍ ଢାଳି ଦୋଷ ଲୁଚାଇ ସକାଳୁ ଚକାଚକ କରିଦେଇଥିଲେ । ଏନେଇ ରେଢ଼ାଖୋଲ ନାଗରିକ କମିଟି ସଭାପତି ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଶନିବାର ଦିନ ଭୀମଭୋଇ ଛକ ନିକଟରେ ୧ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରାଯାଇଥିଲା । ଏହା ଫଳରେ ସହର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା । ଏହା ଜାଣିବା ପରେ ଅବରୋଧ ସ୍ଥାନକୁ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଂଜନ ମହାନ୍ତ ଓ ପୋଲିସ ଅଧିକାରୀ ପହଞ୍ଚି ବୁଝାସୁଝା ପରେ ରାସ୍ତା ରୋକ ସ୍ଥଗିତ ରହିଥିଲା ।

## ଦୁର୍ଘଟଣା ପରେ ପେଟି ପେଟି ବିୟର ବୋହି ନେଇ ଗଲେ ଲୋକେ

ବାଲେଶ୍ୱର, ୧୩/୬: ସବୁ ମଦୁଆ ଗୋଟେ ଗୋଟିଏ ଜାଗାରେ ଏକାଠି । ଯିଏ ଯେତେ ପାରିଲା ବୋହି ନେଇଗଲେ ବିୟର ବୋତଲ । ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ । ବିୟର ବୋଝେଇ ଗାଡ଼ି ଦୁର୍ଘଟଣା ଗ୍ରସ୍ତ ହେବା ପରେ ପେଟି ପେଟି ବିୟର ଉଠାଇ ନେଲେ ଲୋକେ । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମିର୍ଚ୍ଚି ମସାଲା ରେଷ୍ଟୁରାଣ୍ଟ ସମ୍ମୁଖରେ ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି । ଗାଡ଼ି ଖୋଲିବା ପରେ ସେଥିରେ ବିୟର୍ ପେଟି ଭର୍ତ୍ତି ହୋଇଥିବା ଲୋକେ ଦେଖିବାକୁ ପାଇଥିଲେ । ଏହା ପରେ ଯାହାକୁ ଯେତେ ଜନ୍ଦା ପିମ୍ପୁଡ଼ି ପରି ବିୟର ବୋତଲ ବୋହି ନେଇଥିଲେ । କେହି କେହି ପେଟି ମଧ୍ୟ ଉଠାଇ ନେଇଥିଲେ । ସେପଟେ ଦୁର୍ଘଟଣାର ଶୀକାର ଗାଡ଼ି ଡ୍ରାଇଭରକୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଘଟଣା ସ୍ଥଳରେ ଜଳେଶ୍ୱର ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରି ଯାଞ୍ଚ ଆରମ୍ଭ କରିଛି ।

# ପୁରୀ ରେଳ ଷ୍ଟେସନ ବିକାଶ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ରାଜ୍ୟପାଳ

ଭୁବନେଶ୍ୱର, ୧୩/୬(ନିପ୍ର): ଓଡିଶା ମାନ୍ୟବର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଶନିବାର ପୁରୀ ରେଳ ଷ୍ଟେସନ ବିକାଶ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଥିଲେ ଏବଂ ଷ୍ଟେସନକୁ ଏକ ଆଧୁନିକ, ଯାତ୍ରୀ-ଅନୁକୂଳ ପରିବହନ ହବ୍‌ରେ ପରିଣତ କରିବା ପାଇଁ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ରାଜ୍ୟପାଳ ପ୍ରାୟ ପୂର୍ବାହ୍ନ ୧୧:୦୦ଘଟିକା ସମୟରେ ପ୍ରକଳ୍ପ ସ୍ଥଳରେ ପହଞ୍ଚିଥିଲେ । ସେଠାରେ ରାଜ୍ୟପାଳଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫଙ୍କୱାଲ, ପୁରୀ ଜିଲାପାଳ ଏବ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦିବ୍ୟଜ୍ୟୋତି ପରିଡା, ପୁରୀ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରତୀକ ସିଂହ ଏବଂ ରେଳବାଇ ଏବଂ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ । ଜିଲ୍ଲା



ପୋଲିସ ଦ୍ୱାରା ରାଜ୍ୟପାଳଙ୍କୁ ଆନୁଷ୍ଠାନିକ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ପରିଦର୍ଶନ ସମୟରେ, ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରାଜ୍ୟପାଳଙ୍କୁ ଷ୍ଟେସନ ବିକାଶ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ବିଷୟରେ ସୂଚନା ଦେଇଥିଲେ, ଯେଉଁଥିରେ ସମ୍ମୁଖ ଭାଗ, ମୁଖ୍ୟ ପ୍ରବେଶ ଦ୍ୱାର ଏବଂ ପ୍ରସ୍ଥାନ ଫାଟକ, ସମେତ ଅନ୍ୟାନ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ । ଏକ କ୍ଷୁଦ୍ର ମଡେଲ ଏବଂ ବିସ୍ତୃତ ପ୍ରକଳ୍ପ ମାନଚିତ୍ର ମାଧ୍ୟମରେ ଅଧିକାରୀମାନେ ଯାତ୍ରୀମାନଙ୍କ ପାଇଁ କରାଯାଉଥିବା ଆଧୁନିକ ସୁବିଧାଗୁଡ଼ିକୁ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଉନ୍ନତ ଷ୍ଟେସନରେ ଖାଦ୍ୟ କୋର୍ଟ, ଜନ ଆହାର ଆଉଟଲେଟ୍, ଅବସର ପ୍ରକୋଷ୍ଠ, ଯାତ୍ରୀ ବିଶ୍ରାମାଗାର, ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍, ଦିବ୍ୟାଙ୍ଗଜନଙ୍କ ପାଇଁ ଉତ୍ସର୍ଗୀକୃତ ପାର୍କିଂ ସ୍ଥାନ, ବ୍ୟାଗେଜ୍ ସ୍କାନର ଏବଂ ପ୍ରତିବନ୍ଧକମୁକ୍ତ ପ୍ରବେଶ ଏବଂ ପ୍ରସ୍ଥାନ ବ୍ୟବସ୍ଥା ସମେତ ବିଭିନ୍ନ ସୁବିଧା ଉପଲବ୍ଧ ହେବ । ଏହି ସୁବିଧାଗୁଡ଼ିକ ପବିତ୍ର ପୁରୀ ସହରକୁ ଆସୁଥିବା ତୀର୍ଥଯାତ୍ରୀ ଏବଂ ପରିଦର୍ଶକଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଯାତ୍ରୀଙ୍କ ଆରାମ, ସୁବିଧା ଏବଂ ସୁଗମତା ବୃଦ୍ଧି କରିବା ଲକ୍ଷ୍ୟରେ କରାଯାଉଛି । ପରେ ରାଜ୍ୟପାଳ ପ୍ରକଳ୍ପ ସ୍ଥଳର ବିଭିନ୍ନ ଅଂଶ ପରିଦର୍ଶନ କରିଥିଲେ ଏବଂ ଚାଲୁଥିବା ନିର୍ମାଣ କାର୍ଯ୍ୟର ଅଗ୍ରଗତି ଏବଂ ଗୁଣବତ୍ତା ସମୀକ୍ଷା କରିଥିଲେ । ପରେ, ଲୋକଭବନ ପୁରୀ ଠାରେ ରାଜ୍ୟପାଳ ପୂର୍ବ ତଟ ରେଳପଥ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସହିତ ଏହି ରେଳଷ୍ଟେସନ ବିକାଶ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ । ପୁରୀ ରେଳ ଷ୍ଟେସନ ବିକାଶ ପ୍ରକଳ୍ପର ସ୍ଥିତି, ଅଗ୍ରଗତି ଏବଂ ପ୍ରସ୍ତାବିତ ପୁରୀ-କୋଣାର୍କ ରେଳ ଲିଙ୍କ୍ ପ୍ରକଳ୍ପର ଅଗ୍ରଗତି ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା । ଏହି ବୈଠକରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ଯେ ୨୦୨୭ ମସିହା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପୂର୍ବରୁ ଷ୍ଟେସନ ବିକାଶ ପ୍ରକଳ୍ପ ସମାପ୍ତ ହେବା ଉଚିତ, ଯାହା ଦ୍ୱାରା ଲକ୍ଷ ଲକ୍ଷ ଭକ୍ତ, ତୀର୍ଥଯାତ୍ରୀ ଏବଂ ଯାତ୍ରୀ ବର୍ଦ୍ଧିତ ସୁବିଧା ଏବଂ ଉନ୍ନତ ଯାତ୍ରା ଅଭିଜ୍ଞତାରୁ ଉପକୃତ ହୋଇପାରିବ ।

## ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କଲେ ରାଜ୍ୟପାଳ



ପୁରୀ, ୧୩/୬(ନିପ୍ର): ଓଡ଼ିଶାରରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଶନିବାର ରାଜ୍ୟର ପ୍ରଥମ ମହିଳା ଡକ୍ଟର ଜୟଶ୍ରୀ କମ୍ଭମପାଟିଙ୍କ ସହ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ । ମନ୍ଦିରରେ ପହଞ୍ଚିବା ପରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ)ର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ ଏବଂ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ । ରାଜ୍ୟପାଳ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଦର୍ଶନ କରି ଓଡ଼ିଶାର ନିରନ୍ତର ଶାନ୍ତି, ପ୍ରଗତି ଓ ସମୃଦ୍ଧି ସହ ରାଜ୍ୟବାସୀଙ୍କ କଲ୍ୟାଣ କାମନା କରିଥିଲେ । ଦର୍ଶନ ପରେ ରାଜ୍ୟପାଳ ମନ୍ଦିର ପରିସରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ । ଏହି ଅବସରରେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ ଓ ଜିଲ୍ଲାପାଳ ଶ୍ରୀ ପରିଡ଼ା ରାଜ୍ୟପାଳଙ୍କୁ ମନ୍ଦିର ପ୍ରଶାସନ, ପରିଚାଳନା ଏବଂ ଭକ୍ତମାନଙ୍କ ପାଇଁ କରାଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ